


ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୯ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 29 JULY 2020

Vol.No. 30 ■ No. 190 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,





Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman


## ମୃତ କୋଭିଡ୍ ଯୋଦ୍ଧାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ସହାୟତା ଦିଆଯିବ : ମୁଖ୍ୟମନ୍ତ୍ରୀ

### ଅଣ-କୋଭିଡ୍ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର,୨୮।୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟରେ କୋଭିଡ୍-୧୯ ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ । କୋଭିଡ୍ ଡ୍ୟୁଟିରେ ମୃତ୍ୟୁବରଣ କରୁଥିବା କୋଭିଡ୍ ଯୋଦ୍ଧାଙ୍କ ନିକଟତମ ଆତ୍ମୀୟ ମାନଙ୍କୁ ୫୦ ଲକ୍ଷ ଟଙ୍କା ସହାୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହି ସହାୟତା କୋଭିଡ୍ ଯୁଦ୍ଧରେ ନିୟୋଜିତ କର୍ମଚାରୀ ଓ ଜନପ୍ରତିନିଧିଙ୍କ (ସରପଂଚ ଓ ଅନ୍ୟ ପ୍ରତିନିଧି) ନିକଟତମ ଆତ୍ମୀୟମାନେ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ସେହିପରି କୋଭିଡ୍-୧୯ ଡ୍ୟୁଟି ସମୟରେ ମୃତ୍ୟୁବରଣ କରୁଥିବା ଅଙ୍ଗନୱାଡ଼ି ଓ ଆଶାକର୍ମୀଙ୍କ ନିକଟତମ ଆତ୍ମୀୟମାନେ ଯଥାକ୍ରମେ ମାସିକ ୭୫୦୦ ଟଙ୍କା ଏବଂ ୫୦୦୦ ଟଙ୍କା ଲେଖାଏ ସହାୟତା ପାଇବେ । ମୃତ ଅଙ୍ଗନୱାଡ଼ି ଓ ଆଶାକର୍ମୀ ମାନେ ବଂଚିଥିଲେ ସେମାନଙ୍କୁ ଯେବେ ୬୦ ବର୍ଷ ହୋଇଥାନ୍ତା, ସେ ପର୍ଯ୍ୟନ୍ତ ଏହି ସହାୟତା ସେମାନଙ୍କ ପରିବାରବର୍ଗଙ୍କୁ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏଭଳି ଦୁଃଖଦ ଘଟଣା କ୍ଷେତ୍ରରେ ଯୋଦ୍ଧା ମାନଙ୍କ ପରିବାର ଯେପରି ଅବିଳମ୍ବେ ସହାୟତା ରାଶି ପାଇପାରିବେ, ସେଥିପାଇଁ ତ୍ୱରିତ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ଅଣ-କୋଭିଡ୍ ରୋଗୀମାନେ ବିଭିନ୍ନ ଡାକ୍ତରଖାନାରେ ଉପଯୁକ୍ତ ଚିକିତ୍ସା ପାଉ ନଥିବାର କେତେକ ଅଭିଯୋଗ ଆସୁଥିବାରୁ, ସେମାନଙ୍କ ଚିକିତ୍ସାରେ ଯେପରି ସାମାନ୍ୟତମ ଅବହେଳା ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ରାଜ୍ୟରେ ଆମ୍ବୁଲାନ୍ସ ନେଟୱାର୍କକୁ ସୁଦୃଢ଼ କରିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରୋଗୀଙ୍କ ଜୀବନ ବଂଚାଇବା ଆମର ପ୍ରାଥମିକତା ଆମର ସବୁ ପଦକ୍ଷେପକୁ ଏହା ଉପରେ କେନ୍ଦ୍ରିତ କରବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ କୋଭିଡ୍ ପରିଚାନଳନାରେ ପ୍ରଶାସନର ଆଗୁଆ ପ୍ରସ୍ତୁତି ଏବଂ ବିଭିନ୍ନ ସ୍ୱାସ୍ଥ୍ୟ ଭିତିଭୂମି ନିର୍ମାଣ ଏହି ମହାମାରୀକୁ ନିୟନ୍ତ୍ରଣ ▶▶ପୃଷ୍ଠା ୭

## ଚାଷୀ ନୁହେଁ ସରକାରୀ ଅଧିକାରୀଙ୍କଠାରୁ କାଳିଆ ଟଙ୍କା ଆଦାୟ କର : ନିରଞ୍ଜନ

ଭୁବନେଶ୍ୱର,୨୮।୭ (ନି.ପ୍ର): ୨୦୧୯ ନିର୍ବାଚନରେ ଭୋଟ ନେବା ପାଇଁ ବାହାନା କରି କାଳିଆ ଯୋଜନା ମାଧ୍ୟମରେ ଚାଷୀଙ୍କୁ ଦିଆଯାଇଥିବା ଟଙ୍କା କରୋନା ଦୁର୍ଦ୍ଦିନ ସମୟରେ ଫେରସ୍ତ ଦେବାକୁ ନୋଟିସ ଦେବା ସାଧାରଣ ଜନତାଙ୍କ ପାଇଁ ବେଡି ଉପରେ କୋରଡା ସଦୃଶ ।ଏହି କାଳିଆ ଯୋଜନା ଟଙ୍କା ଦେବାପାଇଁ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାରେ ଭୁଲ ତଥ୍ୟ ଦେବାଯୋଗୁଁ ଅଯୋଗ୍ୟ ହିତାଧିକାରୀ ଟଙ୍କା ପାଇଲେ ।ଏଣୁ ଭୁଲ ତଥ୍ୟ ଦେଇଥିବା ଅଧିକାରୀଙ୍କ ଠାରୁ ସରକାର ଏହି ଟଙ୍କା ଅସୁଲ କରିବା ଆବଶ୍ୟକ ବୋଲି ପିସିସି ସଭାପତି ନିରଂଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଏକ ପ୍ରେସ୍ ବାର୍ତା ମାଧ୍ୟମରେ ସେ କହିଛନ୍ତି ଯେ ସରକାରଙ୍କର କୋଭିଡ ▶▶ପୃଷ୍ଠା ୭

## ୨୪ ଘଂଟାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୨୮।୭ (ନି.ପ୍ର): ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି । ଏଥିନେଇ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୧୬ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଫଫକୋରାପୁଟ, କଳାହାଣ୍ଡି, ବୌଦ୍ଧ, କନ୍ଧମାଳ , ଅନୁଗୁଳ , ଦେବଗଡ, ସୁନ୍ଦରଗଡ, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ସେହିପରି କୋରାପୁଟ, ନବରଙ୍ଗପୁର , କଳାହାଣ୍ଡି , କନ୍ଧମାଳ, ବଲାଙ୍ଗୀର ,ବୌଦ୍ଧ , ନୟାଗଡ, ଖୋର୍ଦ୍ଧା, ଅନୁଗୁଳ ,ଢେଙ୍କାନାଳ , ସମ୍ବଲପୁର, ଦେବଗଡ, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର କିଛି ସ୍ଥାନରେ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ବଜ୍ରପାତ ସମୟରେ ଘରୁ ବାହାରକୁ ନବାହାରିବାକୁ ପରାମର୍ଶ ଦିଆଯାଇଛି ।


## ୨୦୧୯-୨୦ ବର୍ଷରେ ଓଡିଶାକୁ ମିଳିବ ୫,୧୨୨ କୋଟି ଟଙ୍କାର ଜିଏସ୍‌ଟି ସହାୟତା

### ପ୍ରଧାନମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୨୮।୭ (ନି.ପ୍ର): ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଓଡ଼ିଶାକୁ ୫ ହଜାର ୧୨୨ କୋଟି ଟଙ୍କା ଜିଏସଟି ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ଓଡ଼ିଶାକୁ ଏହି ବର୍ଦ୍ଧିତ ଜିଏସଟି ସହାୟତା ରାଶି ପ୍ରଦାନ କୋରନା ମହାମାରୀରେ ଅର୍ଥନୈତିକ ମାନ୍ଦାବସ୍ଥା କାରଣରୁ ହୋଇଥିବା ରାଜସ୍ୱ କ୍ଷତିରୁ ମୁକ୍ତି ପ୍ରଦାନ କରିବ । ଏହାସହ ରାଜ୍ୟରେ ବିକାଶମୂଳକ କାର୍ଯ୍ୟ ବୃଦ୍ଧି ପାଇଁ ରାଜ୍ୟର ଅର୍ଥନୀତିକୁ ଗତି ଦେବାରେ ପ୍ରୋତ୍ସାହନ ଯୋଗାଇବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏଥିପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି କେନ୍ଦ୍ର ସରକାର ଚଳିତବର୍ଷ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳ ପାଇଁ ୧ ଲକ୍ଷ ୬୫ ହଜାର ୩୦୨ କୋଟି ଟଙ୍କା ଜାରି କରିଛନ୍ତି । ତନ୍ମଧ୍ୟରୁ ଓଡ଼ିଶାକୁ ୫ ହଜାର ୧୨୨ କୋଟି ଟଙ୍କା ଜିଏସଟି ସହାୟତା ରାଶି ପ୍ରଦାନ କରାଯାଇଛି । ବିଗତ ୩ ବର୍ଷ ଧରି ଓଡ଼ିଶା ପାଇଁ ଜିଏସଟି ସହାୟତା ରାଶି ପ୍ରଦାନରେ କ୍ରମାଗତ ବୃଦ୍ଧି ହୋଇଛି । ୨୦୧୭-୧୮ରେ ୪ ହଜାର ୭୪ କୋଟିରୁ ୨୦୧୮-୧୯ରେ ୪ ହଜାର ୮୬୭ କୋଟି ଟଙ୍କା ଏବଂ ଏବେ ଏହା ପୁଣି ୫.୨୩ ପ୍ରତିଶତ ବୃଦ୍ଧି ହୋଇଛି । କେନ୍ଦ୍ର ସରକାରଙ୍କ ତରଫରୁ ଏକ ନିୟୁତରୁ କମ୍ ଲୋକ ବାସ କରୁଥିବା ସହର ଗୁଡ଼ିକର ପୌର ସଂସ୍ଥା(ନନ୍‌ମିଲିୟନ-ସିଟି) ପାଇଁ ଓଡ଼ିଶାକୁ ପ୍ରଥମ କିସ୍ତି ସ୍ୱରୂପ ଅଗ୍ରୀମ ଭାବରେ ୨୭୧.୭୫ କୋଟି ଟଙ୍କା ମିଳିଛି । ଜଳ ଜୀବନ ମିଶନ ଅଧୀନରେ ନିୟମିତ ଏବଂ ଦୀର୍ଘକାଳୀନ ଭିତିରେ ଉତମ ଗୁଣବତା ସହ ଦୈନିକ ମୁଣ୍ଡପିଛା ୫୫ ଲିଟରର ପାନୀୟ ଜଳ ଯୋଗାଣକୁ ନିଶ୍ଚିତ କରିବା ପାଇଁ ଓଡ଼ିଶା ପାଇଁ ୮୧୨ କୋଟି ମଞ୍ଜୁର କରାଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଭାରତକୁ ବିକଶିତ କରିବା ଲକ୍ଷ୍ୟରେ ପୂର୍ବୋଦୟ ଭିଜନରେ ପୂର୍ବ ଭାରତର ବିକାଶରେ ଓଡ଼ିଶାକୁ ପ୍ରମୁଖ ଅଙ୍ଗ ଭାବରେ ଆଗେଇ ନେବା ପାଇଁ ଅଦମ୍ୟ ପ୍ରତିବଦ୍ଧତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶ୍ରୀ ପ୍ରଧାନ ପୁନର୍ବାର ଧନ୍ୟବାଦ ଜଣାଇଛନ୍ତି ।

## ରାଜ୍ୟରେ ଗୋଟିଏ ଦିନରେ ଆଉ ୧୨୧୫ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ ମାମଲା ୨୮୧୦୭ କୁ ବୃଦ୍ଧି




ଭୁବନେଶ୍ୱର,୨୮।୭ (ନି.ପ୍ର): ରାଜ୍ୟରେ ଆଉ ୧୨୧୫ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୨୮୧୦୭ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୨୧୫ ଜଣଙ୍କ ମଧ୍ୟରୁ ୭୫୩ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୪୬୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ▶▶ପୃଷ୍ଠା ୭

## ଛତିଶଗଡ଼ରେ କରୋନାରେ ମୋଟ ୪୫ ମୃତ : ୩୬୭ ନୂଆ ରୋଗୀ

ରାୟପୁର,୨୮।୭ (ନି.ପ୍ର): ପ୍ରଦେଶରେ ଗତ ୨୪ ଘଂଟାରେ ୩୬୭ ନୂଆ କରୋନା ସଂକ୍ରମିତ ରୋଗୀ ଚିହ୍ନଟ ହୋଇଥିବା ବେଳେ ୨ ଜଣଙ୍କର ମୃତ୍ୟୁ ଘଟଣିଛି । ଏହା ସହିତ କରୋନା ସଂକ୍ରମିତଙ୍କ ମୋଟ ସଂଖ୍ୟା ୭୯୮୦ରେ ପହଂଚିଛି । ୪୫ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୨୭୬୩ ଜଣ ସକ୍ରିୟ ରୋଗୀ ଅଛନ୍ତି । ଏବେ ସୁଦ୍ଧା ୫୧୭୨ ରୋଗୀ ଠିକ୍ ହୋଇଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗତ ୨୪ ଘଂଟାରେ ରାୟପୁର ଜିଲ୍ଲାରୁ ୧୭୯, ବିଳାସପୁରରେ ୭୨, ଦୁର୍ଗରେ ୪୯, ରାଜନାନ୍ଦଗାଓଁରେ ୧୮, ବଲୋଦା ବଜାରରେ ୧୪, ରାୟଗଡ଼ରେ ୬, ମହାସମୁନ୍ଦରେ ୫, ବେମେତରା ଏବଂ ଗରିୟାବନ୍ଦରେ ୪-୪, ଜାଂଜଗିର-ଚଂପା, କୋରିୟା, ବସ୍ତର, କାଂକେର ଏବଂ ବାଲୋଦ ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ସାତ ଜଣଙ୍କର କରୋନାରେ ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୧୫୪ ହେଲା

ଭୁବନେଶ୍ୱର,୨୮।୭ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୭ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୫୪ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ତିନି ଜଣ ଗଂଜାମ ଜିଲ୍ଲାର ହୋଇଥିବା ବେଳେ ରାୟଗଡା ଜିଲ୍ଲାରୁ ୨ ଜଣ ଓ ଖୋର୍ଧା, କଟକ ଜିଲ୍ଲାର ଜଣେ ଜଣେ ଅଛନ୍ତି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାର ୫୫ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେହିପରି ରାୟଗଡା ଜିଲ୍ଲାର ଜଣେ ୭୨ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମଧ୍ୟ ମୃତ୍ୟୁବରଣ କରିଥିବା ସୂଚନା ଦିଆଯାଇଛି । ସେ ମଧୁମେହ ରୋଗରେ ▶▶ପୃଷ୍ଠା ୭

## ଆଦିତ୍ୟ-ଅଶ୍ୱିନୀ ହସ୍‌ପିଟାଲ୍‌ରେ କୋଭିଡ୍ ହସ୍‌ପିଟାଲ୍ କାର୍ଯ୍ୟକ୍ଷମ

ଭୁବନେଶ୍ୱର,୨୮।୭ (ନି.ପ୍ର): କୋଭିଡ୍ ରୋଗୀଙ୍କ ଚିକିତ୍ସା ପାଇଁ ଭିତିଭୂମି ବୃଦ୍ଧି ଲକ୍ଷ୍ୟରେ ଭୁବନେଶ୍ୱରସ୍ଥିତ ଆଦିତ୍ୟ-ଅଶ୍ୱିନୀ ହସ୍‌ପିଟାଲ୍ ରେ ୧୫୦ ଶଯ୍ୟାବିଶିଷ୍ଟ କୋଭିଡ୍ ହସ୍‌ପିଟାଲ୍ କାର୍ଯ୍ୟକ୍ଷମ ହୋଇଛି । ଏଥିରେ ୩୦ଟି ଆଇସିୟୁ ଶଯ୍ୟା ଓ ୨୧ଟି ଏଚ୍‌ଡିୟୁ ଶଯ୍ୟା ରହିଛି । ଏ ନେଇ ଭୁବନେଶ୍ୱର ମହାନଗର ନିଗମ ଏବଂ ହସ୍‌ପିଟାଲ୍ କର୍ତୃପକ୍ଷଙ୍କ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି ।

## ଆଇଆରସିଟିସି-ଏସବିଆଇ ରୁପେ କ୍ରେଡିଟ କାର୍ଡର ଶୁଭାରମ୍ଭ କଲେ ରେଳମନ୍ତ୍ରୀ : ଟିକେଟ୍ ବୁକିଂ ଉପରେ ମିଳିବ ରିହାତି




ନୂଆଦିଲ୍ଲୀ,୨୮।୭ (ନି.ପ୍ର): କେନ୍ଦ୍ର ରେଳ ମନ୍ତ୍ରୀ ପୀୟୁଷ ଗୋୟଲ ମଙ୍ଗଳବାର ଦିନ ଆଇଆରସିଟିସି-ଏସବିଆଇ ରୁପେ କ୍ରେଡିଟ କାର୍ଡର ଶୁଭାରମ୍ଭ କରିଛନ୍ତି । ଏହି କାର୍ଡ ଦ୍ୱାରା ଟ୍ରେନ୍ ଟିକେଟ୍ ବୁକିଂ କରିବା ସମୟରେ ଯାତ୍ରୀମାନେ ୧୦ ପ୍ରତିଶତ ଭାଲ୍ୟୁ ବ୍ୟାକ୍ ଏବଂ ଅନଲାଇନ୍ ସପିଂ ଉପରେ ରିହାତି ସହିତ ଅନେକ ଅଫର ପାଇବେ । ଏହି ଅବସରରେ ଦିଲ୍ଲୀ ଠାରେ ଆୟୋଜିତ ଏକ ଡିଜିଟାଲ କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଆତ୍ମନିର୍ଭରଶୀଳ ଭାରତ', 'ଡିଜିଟାଲ ଇଣ୍ଡିଆ' ଏବଂ 'ମେକ୍ ଇନ୍ ଇଣ୍ଡିଆ'ର ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରିବ । ଭାରତୀୟ ରେଳ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ୍ ▶▶ପୃଷ୍ଠା ୭

## ଥାନା ପାଇଁ ସ୍ୱତନ୍ତ୍ର ଗାଇଡ୍ ଲାଇନ୍ ଜାରି କଲେ ଡିଜିପି

### ଥାନାରେ ଅଭିଯୋଗକାରୀଙ୍କ ପାଇଁ ଖୋଲିବ ରିସେପସନ୍

### ଜିଲ୍ଲା ପୋଲିସ୍ ମୁଖ୍ୟାଳୟରେ ରହିବ କଂଟ୍ରୋଲ ରୁମ୍



ଭୁବନେଶ୍ୱର,୨୮।୭ (ନି.ପ୍ର): କରୋନା ସମୟରେ ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ ଥାନା ଗୁଡିକ ଲାଗି ସ୍ୱତନ୍ତ୍ର ଗାଇଡ୍ ଲାଇନ୍ ଜାରି କରିଛନ୍ତି ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ।

ଗାଇଡ୍ ଲାଇନ୍ ଅନୁଯାୟୀ ଲୋକଙ୍କ ଅଭିଯୋଗ ଶୁଣିବାପାଇଁ ଜିଲ୍ଲା ପୋଲିସ୍ ମୁଖ୍ୟାଳୟରେ କଂଟ୍ରୋଲ ରୁମ୍ ରହିବ । ଟ୍ୱିଟର ଓ ଫେସବୁକ୍ ଭଳି ସୋସିଆଲ ମିଡିଆରେ କଂଟ୍ରୋଲ ରୁମ୍ ନଂ ଓ ଥାନା ଗୁଡିକର ଲ୍ୟାଣ୍ଡ ଲାଇନ୍ ନମ୍ବର ଦିଆଯିବ । ଥାନାକୁ ନଆସି ଫୋନ୍ କିମ୍ବା ଇମେଲ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିବାକୁ ଡିପିଜି ଅଭୟ ପରାମର୍ଶ ଦେଇଛନ୍ତି । ସେହିପରି ଥାନାକୁ ଫୋନ୍ ମାଧ୍ୟମରେ ଆସୁଥିବା ଅଭିଯୋଗ ଗୁଡିକୁ ଏସପି ଓ ଡିଏସପି ତଦାରଖ କରିବେ । ଲୋକଙ୍କ ଆପତି ଅଭିଯୋଗ ଶୁଣିବାପାଇଁ ପ୍ରତି ଥାନାରେ ମୁଖ କୋଠା ଠାରୁ କିଛି ଦୂରରେ ଏକ ରିସେପ୍ସନ୍ ରହିବ । ଏହି ରିସେପସନ୍ ଅଂଚଳକୁ ନିୟମିତ ସାନିଟାଇଜ୍ କରାଯିବ । ରିସେପସନ୍ ପାଇଁ ସ୍ଥାନ ନଥିଲେ ଟେଂଟ ଲଗାଯିବ ।

ଅନ୍ୟପକ୍ଷରେ ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ମାସ୍କ ପିନ୍ଧିବାକୁ ଓ ହାତ ଧୋଇବାକୁ କୁହାଯିବ । ଡିଆଇଜି, ଏସପି ଓ ଡିଏସପିଙ୍କ ଅଫିସ୍ ଗେଟ୍ ନିକଟରେ ଫୋନ୍ ନମ୍ବର ଗୁଡିକ ଡିସପ୍ଲେ କରାଯିବ । ଏଥିସହ ସେଠାରେ ଏକ ଅଭିଯୋଗ ବାକ୍ସ ରଖାଯିବ ବୋଲି ଡିଜିପି ଅଭୟ ସୂଚନା ଦେଇଛନ୍ତି ।

## କେତେ ଦିନ ଯାଏ ନିଜ ପିଠି ନିଜେ ଥାପୁଡାଇବ ଶାସକ ବିଜେଡି ? : ବିଜେପି

ଭୁବନେଶ୍ୱର,୨୮।୭ (ନି.ପ୍ର): ରାଜ୍ୟରେ ମନରେଗା କାମରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହେବାର ପ୍ରମାଣ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଉଛି । ଅନେକ ସ୍ଥାନରେ ମଣିଷ ବଦଳରେ ମେସିନ ଦ୍ୱାରା କାମ କରାଯାଉଛି । ପ୍ରକୃତ ହିତାଧିକାରୀ ଏହାର ଲାଭ ଉଠାଇ ପାରୁ ନାହାଁନ୍ତି । ଏ ସଂପର୍କିତ ଭିଡିଓ ଟିଭି ଚ୍ୟାନେଲ ଏବଂ ସୋସିଆଲ ମିଡିଆରେ ପ୍ରସାରିତ ହୋଇଛି । ଖବରକାଗଜରେ ମନରେଗା ଦୁର୍ନୀତି ସଂପର୍କିତ ଖବର ବୋଧେ ଶାସକ ଦଳର ମୁଖପାତ୍ର ପଢୁନାହାଁନ୍ତି ଅବା ଏଗୁଡିକୁ ଜାଣିଶୁଣି ଅଣଦେଖା କରୁଛନ୍ତି । ବିରୋଧୀଙ୍କ ପ୍ରଶ୍ନର ଉତର ନଦେଇ ନିଜ ପିଠିକୁ କେତେ ଦିନଯାଏ ଏମିତି ଥାପୁଡାଇ ଚାଲିଥିବେ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ର ପ୍ରଶ୍ନ କରିଛନ୍ତି । ହାଟଡିହି ବ୍ଲକର ସାଲାରିଆ ଗ୍ରାମପଂଚାୟତ, ଖଲ୍ଲିକୋଟ ବ୍ଲକର କୋମଣ୍ଡ ଓ ବାକୁଟ ଗ୍ରାମପଂଚାୟତ, ରଣପୁର ବ୍ଲକର ଗୋପାଳପୁର ପଂଚାୟତରେ ମନରେଗା ଦୁର୍ନୀତି ହୋଇଛି ବୋଲି ବିଜେପି ପକ୍ଷରୁ କୁହାଯାଇଥିଲା । କିନ୍ତୁ ନିର୍ଦ୍ଦିଷ୍ଟ ଏ ପ୍ରଶ୍ନର ଉତର ନଦେଇ ଶାସକ ଦଳର ମୁଖପାତ୍ର ନିଜର ଅପାରଗତା ଲୁଚାଇବାକୁ ଯାଇ ବିଭିନ୍ନ ଆଳ ଦେଖାଇ ଶେଷରେ ରାଜନୀତି ନକରିବା ପାଇଁ କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଯଦି ସତସାହାସ ଅଛି ତେବେ ବିଜେପି ପଚାରିଥିବା ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତର ରଖନ୍ତୁ । ମନରେଗା କାର୍ଯ୍ୟ ଚାଲିଥିବାବେଳେ କିଏ କାହାକୁ ପୁରସ୍କାର ଦେଲା ▶▶ପୃଷ୍ଠା ୭

# ଫଂଚୁଘଣ୍ଟା ଗାଁକୁ ସାନିଟାଇଜ୍ କଲେ ଏସ୍.ଏଚ୍.ଜି ଗ୍ରୁପ

ଜଳେଶ୍ୱର,୨୮।୭ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟିର ଫଂଚୁଘଣ୍ଟା ଗାଁରୁ ଦ୍ୱିତୀୟ ସର୍ବାଧିକ କରୋନା ପଜେଟିଭ୍ ଦେଖାଦେଇଥିବାରୁ ସେଠାରେ ଥିବା ବିଭିନ୍ନ ଏସ୍ଏଚ୍‌ଜି ଗ୍ରୁପର ମହିଳାମାନଙ୍କୁ ପକ୍ଷରୁ ଗାଁର ମୁଖ୍ୟ ଓ ସାହି ରାସ୍ତା ଗୁଡିକୁ ସାନିଟାଇଜ୍ କରାଯାଇଛି । ଏହି ଗାଁର ଜଣେ ୫୦ବର୍ଷ;ୟ ମହିଳା ୨ଦିନ ତଳେ ପଜେଟିଭ୍ ଚିହ୍ନଟ ହୋଇଥିବାରୁ ସଚେତନତା ଓ ସେନିଟାଇଜ୍ ପାଇଁ ସେ ଅଂଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନେ ମନ୍ଦିର ପରିସର, ସଂପୃକ୍ତ ପିଡିତା ମହିଳାଙ୍କ ସାହି ପାଇକପାଟଣାକୁ ସାନିଟାଇଜ୍ କରାଯାଇଛି । ଏଥିରେ ମା ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ରଂଜୁରାଣୀ ସାହୁ, ସଂପାଦିକା ଅଂଜଳି ଗିରି, କୋଷାଧ୍ୟକ୍ଷ ସୁଚିସ୍ମିତା ଗନ୍ତାୟତ, ସଭ୍ୟା ଶୁଭଲକ୍ଷ୍ମୀ ଦାସ, ମାଳତୀ ଗିରି, ଜ୍ୟୋସ୍ନାରାଣୀ ସାହୁ, ଆରତୀ ଦାସ, ଜ୍ୟୋସ୍ନାରାଣୀ ରଣା, ତିଳୋତ୍ତମା ଦାସ, ଜୟନ୍ତି ରଣା ପ୍ରମୁଖ ବ୍ଲିଚିଂ, ଡେଟେଲ, ଫିନାଇଲ ପକାଇ ସେନିଟାଇଜ୍ କରିଥିଲେ । ଏମାନଙ୍କ ବ୍ୟତିତ ସୁବର୍ଣ୍ଣେଶ୍ୱରୀ, ଭବାନୀ, ମା ବାସୁଳି, ଜୟବୀର ହନୁମାନ, ଜୀବନସାଥି, ବିଶ୍ୱମଂଗଳା ଗ୍ରୁପ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ଶ୍ରାବଣ ମାସ ସୋମବାରରେ ଶୈବପୀଠ ଖାଁ ଖାଁ

ନୂଆପଡା,୨୮।୭ (ନି.ପ୍ର): ଶ୍ରାବଣ ମାସର ସୋମବାରରେ ନୂଆପଡା ଜିଲ୍ଲାର ବିଭିନ୍ନ ଶୈବ ପୀଠ ମାନଙ୍କରେ ବୋଲବମ ଭକ୍ତଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥାଏ । କିନ୍ତୁ ଚଳିତ ବର୍ଷର ମହାମାରୀ କରୋନା ପରେ ସରକାରଙ୍କ କଟକଣା ଯୋଗୁଁ ଶୈବପୀଠ ମାନଙ୍କରେ ଖାଁ ଖାଁ ଲାଗୁଥିବା ଦେଖିବାକୁ ମିଳିଛି । ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବୋଡେନର ପାତଳଗଙ୍ଗା, ଖଡିଆଳର ତୀରବନ୍ଧ, କୋଶଲେଶ୍ୱର ମନ୍ଦିର, ଗୁଡେଲ ବନ୍ଧ ମନ୍ଦିର, ତୁକଲାର ପ୍ରାଚୀନ ଶିବ ମନ୍ଦିର, ଦୋହେଲପଡା, ରିଷିଗାଁ, ଢୁଆଝର ସମେତ ଅନ୍ୟାନ୍ୟ ଶିବମନ୍ଦିରରେ ଖାଁ ଖାଁ ଲାଗୁଥିବା ଦେଖିବାକୁ ମିଳିଥିଲା । ଅନ୍ୟବର୍ଷ ଏହି ଶୈବ ପୀଠ ମାନଙ୍କରେ ବିଭିନ୍ନ ପବିତ୍ର ସ୍ଥାନରୁ ଶ୍ରଦ୍ଧାଳୁ ଭକ୍ତ ମାନେ ଆନନ୍ଦ ସହକାରେ ଜଳ ଆଣି ଶିବ ଲିଙ୍ଗ ମାନଙ୍କରେ ଜଳାଭିଷେକ କରି ନିଜର ମନସ୍କାମନା ପୁରଣ କରିଛନ୍ତି । କିନ୍ତୁ ଚଳିତ ବର୍ଷର କରୋନା ମହାମାରୀ ବୋଲବମ ଭକ୍ତଙ୍କୁ ନିରାଶ କରି ପକାଇଛି ।

# ନୀଳଗିରି ପ୍ରଜାମଣ୍ଡାର ସଂଗ୍ରାମୀ ନେତା ରାଜବଲ୍ଲଭ ବାରିକଙ୍କ ଦେହାନ୍ତ: ଅଂଚଳରେ ଶୋକର ଛାୟା



ନୀଳଗିରି,୨୮।୭ (ନି.ପ୍ର): ନୀଳଗିରି ପ୍ରଜା ମଣ୍ଡଳ ଆନ୍ଦୋଳନର ବର୍ଷିୟାନ ସଂଗ୍ରାମୀ ନେତା ତଥା ନୀଳଗିରି କମ୍ୟୁନିଷ୍ଟ ପାର୍ଟିର ଆଗଧାଡିର ସଦସ୍ୟ ରାଜବଲ୍ଲଭ ବାରିକ (୯୬) ଆଜି ସକାଳ ୭.୫୦ ମିନିଟ ସମୟରେ ପରଲୋକ ହୋଇଯାଇଛି । ଏହି ଖବର ପ୍ରଚାରିତ ହେବା କ୍ଷଣି ବହୁ ରାଜନେତା, ବୁଦ୍ଧିଜୀବି, ଆଇନଜୀବି ଓ ଗଣମାଧମ ପ୍ରତିନିଧି ପହଂଚି ଶେଷ ଦର୍ଶନ କରିଥିଲେ । ସୂଚନା ଥାଉକି ନୀଳଗିରି ଥାନା ଅଧିନସ୍ଥ ଦକ୍ଷିଣନରସିଂହପୁର ଗ୍ରାମପଂଚାୟତ ଡମ୍ବରୁପାଳ ଗ୍ରାମରେ ୧୯୨୪ ମସିହାରେ ଶ୍ରୀଯୁକ୍ତ ବାରିକ ଜନ୍ମଗ୍ରହଣ କରିଥିଲେ । ପ୍ରଜାମଣ୍ଡଳ ଆନ୍ଦୋଳନର ପ୍ରମୁଖ ଯୋଦ୍ଧା ୰ ପ୍ରାଣବନ୍ଧୁ ଅଗସ୍ତିଙ୍କ ପ୍ରେରଣାରେ ସେ ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗ ଦେଇଥିଲେ ସେତେବେଳେ ସିଲିଂ ବର୍ହିଭୁତ ଜମିକୁ ସାଧାରଣ ଗରିବ ଚାଷୀଙ୍କୁ ପଟ୍ଟା ଯୋଗାଇ ଦେଉଥିଲେ । ନିର୍ଭିକ ଓ ନିଷ୍ଠାପର ଭାବରେ କମ୍ୟୁନିଷ୍ଟ ପାର୍ଟିରେ କାର୍ଯ୍ୟକରି ଆସୁଥିବାବେଳେ ପ୍ରଜାମଣ୍ଡଳ ଆନ୍ଦୋଳନର ଅନ୍ୟ ଦୁଇ କର୍ଣ୍ଣଧାର ୰ ବନମାଳି ଦାସ ଓ ବାଇଧର ମହାନ୍ତିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବହୁବାର କାରାବରଣ କରିଥିଲେ । ତାଙ୍କ ମୃତ୍ୟୁରେ ପ୍ରତାପଡା ଗ୍ରାମ ସମେତ ନୀଳଗିରି ଅଂଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ଖବର ପାଇ ସିପିଆଇର ବର୍ଷିୟାନ ନେତା କୈଳାଶ ପଣ୍ଡା, କରୁଣାକର ପରିଡା, ଜୋନ ସମ୍ପାଦକ ବିଜୟ ସ, ଜିଲ୍ଲା ସମ୍ପାଦକ ନିରଂଜନ ବାରିକ, ଶାଖା ସମ୍ପାଦକ ନିନି ବେହେରା ପ୍ରମୁଖ ଉପସ୍ଥିତ ରହି ଶୋକ ସନ୍ତପ୍ତ ପରିବାରକୁ ଶାନ୍ତନା ଦେବା ସହ ତାଙ୍କ ମରଶରୀରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ନୀଳଗିର ମାଟି ଜଣେ ମହାନ ସଂଗ୍ରାମୀକୁ ହରାଇଲା ବୋଲି ଉପସ୍ଥିତ ନେତା ସମେତ ଜନସାଧାରଣ କହିଛନ୍ତି ।

# କୋଭିଡ୍-୧୯ କାମ ବାହାନାରେ ଆରଏମସିର ସମସ୍ତ ସେବା ଠପ୍

ରାଉରକେଲା,୨୮।୭ (ନି.ପ୍ର): ରାଉରକେଲା ସହରରେ କୋଭିଡ୍-୧୯ ପ୍ରବେଶ ପରେ ସହରରେ ଏଥିଲାଗି ଆରଏମସି ବିଭିନ୍ନ କାମ ହାତକୁ ନେଇଥିବା ବେଳେ ଏହି ବାହାନାରେ ଆରଏମସିର ଅନ୍ୟ ବିଭାଗ ଗୁଡିକ ହାତ ବାନ୍ଧି ବସିଥିବାର ଅଭିଯୋଗ ହୋଇଛି । ଏପରିକି ଆରଏମସି ଆଉ କାମ କାମ କରୁଛି କି ନାହିଁ ତାହା ଜଣାପଡୁ ନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି । ଖୋଦ୍ ଆରଏମସିରେ ନିକଟରେ ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ଓ ପୂର୍ବରୁ ୪ ଜଣ କ୍ୱାରେନଟାଇନରେ ଥିବା ନେଇ କୁହାଯାଉଥିବା ବେଳେ ଆରଏମସିକୁ ତାଲା ପକାଇ କର୍ମଚାରୀ ମାନେ ଭିତରେ କାମ କଲେ । ଜନସାଧାରଣଙ୍କୁ ବାର୍ତା ଦିଆଗଲା ସବୁ କିଛି ଅନଲାଇନରେ ହେବ । କିଛି ଫୋନ ନମ୍ବର ମଧ ଦିଆଗଲା । କିନ୍ତୁ, ଏହି ଅନଲାଇନ କାମ କେବଳ ନାମକୁ ମାତ୍ର ହୋଇ ରହିଲା । ଏଥିରେ ଅଭିଯୋଗ କଲା ପରେ ଏକ ପଞ୍ଜିକରଣ ନମ୍ବର ଆସୁଛି, କିନ୍ତୁ କାମ କେତେ ବାଟ ଗଲା ତାହା ଦେଖିବାକୁ ଚାହିଁବାରୁ, ଉତର ମିଳୁଛି ଏଭଳି ପଞ୍ଜିକରଣ ନମ୍ବର କିଛି ନାହିଁ । ଠିକ୍ ସେହିଭଳି ଦିଆଯାଇଥିବା ଫୋନକୁ ଡାୟଲ କଲେ ଜଣେ ମହିଳା ଉଠାଉଛନ୍ତି, ସବୁ କଥା ଶୁଣୁଛନ୍ତି, କିନ୍ତୁ କାମ ଶୁନ୍ । ଛେଣ୍ଡ କଲୋନୀର ଏକ ଆଲୋକ ସମସ୍ୟା ଲାଗି ଫୋନ କରିବାର ସପ୍ତାହେ ବିତିଲା କିନ୍ତୁ ଲାଇଟ ସେମିତି ଧପ ଧପ ହେଉଛି । ସଫେଇ କାମ କିଛିଟା ଚାଲିଥିଲେ ବି ତାକୁ ତଦାରଖ କରିବା ଲାଗି କେହି ନାହାନ୍ତି । ନାଳ ସଫା ହେଲାକି ନାହିଁ, ଅନାବନା ଗଛ କାଟିବାକୁ ଆସିଥିବା ଲୋକ ସେ କାମ କଲାକି ନାହିଁ ତା ଉପରେ ନଜର ଦେବାକୁ କେହି ନଥିଲା ଭଳି ମନେ ହେଉଛି । ଅନୁରୂପ ଭାବେ ବେଆଇନ ଭାବେ ଚାଲିଥିବା ନିର୍ମାଣ କାମକୁ ନେଇ ଜଣେ ଇଞ୍ଜିନିୟରଙ୍କ ସମେତ ଏଠି କାମ କରୁଛନ୍ତି ୪/୫ କର୍ମଚାରୀ । ହେଲେ ସହରରେ ପ୍ରତିଦିନ ଚାଲିଛି ବେଆଇନ ନିର୍ମାଣ କାମ । ଏହାକୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି ସହ ସାମାଜିକ ସ୍ଥିତି ବିଗୁଡୁଛି । ଏଭଳିକି ଆଗାମୀ ଦିନରେ ଏନେଇ କୋର୍ଟରେ ମାମଲା ମଧ ହୋଇପାରେ । କିନ୍ତୁ ଯଦି କେହି ଏନେଇ ଅଭିଯୋଗ କଲା ତାକୁ ଇଞ୍ଜିନିୟର ଦେଖିବାକୁ ନ ଆସି କିଛି ପିଲାଙ୍କୁ ପଠାଇ ଦେଇ ଏସି ରୁମରୁ କାମ କରୁଥିବାର ଅଭିଯୋଗ ହେଉଛି । ଦିର୍ଘ ୧୦ରୁ ୧୫ ବର୍ଷକାଳ ଏଠାରେ କାମ କରୁଥିବା କର୍ମଚାରୀ ଅଧିକାରୀ ଏଭଳି କାରବାର କରିବା ସହ ଭୁଲ କରୁଥିବା ଲୋକଙ୍କୁ ସହଯୋଗ କରୁଥିବା ଅଭିଯୋଗ ହୋଇଛି । ଫଳରେ ସେ ନେଇ ଅଭିଯୋଗ କରୁଥିବା ଲୋକ କୌଣସି ନ୍ୟାୟ ପାଉନାହିଁ । ଖାଲି ଏତିକି ନୁହେଁ ରାସ୍ତା ଠାରୁ ଆରମ୍ଭ କରି ଡ୍ରେନ କାମ ସବୁଥିରେ ଆରଏମସି ସେବା ଦେବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି । ଏନେଇ ପଚରାଜିବାରେ କୁହାଯାଉଛି, ଆମେ କୋଭିଡ୍ କାମରେ ବ୍ୟସ୍ତ । ଯଦି କଥା ଏଇଆ ତେବେ ଆରଏମସି ସ୍ପଷ୍ଟ କରିବା ଉଚିତ କେଉଁମାନେ କୋଭିଡ କାମରେ ଅଛନ୍ତି । ତେବେ ସତ କଣ ମିଛ କଣ ତାହା ପଦାକୁ ଆସିପାରିବ । ମହାନଗର ହେବା ପରେ ଆରଏମସିର ଦାୟିତ୍ୱ ବଢିଥିବା ବେଳେ ଏଠାରେ ଜଣେ ଆଇଏଏସ ନିଯୁକ୍ତି ପାଇଲେ । ଅନେକ ଇଂଜିନିୟର ସାଙ୍ଗକୁ ବହୁପୁରୁଣା ଅର୍ଥାତ୍ ଚାକିରୀ ଏହିଠାରୁ ଆରମ୍ଭ କରି ଅବସର ନେବାକୁ ଯାଉଥିବା କିରାଣୀ ମଧ ଅଛନ୍ତି । ହେଲେ ସହର ବାସୀ ଏଠାରୁ ସଠିକ୍ ସେବା ପାଉନଥିବା ବେଳେ କିଛି ବାବୁ କେବଳ ସୋସିଆଲ ମିଡିଆରେ ଅମୁକା କାମ ହେଲା ସମୁକା କାମ ହେଲା ବୋଲି ପ୍ରଚାରରେ ବ୍ୟସ୍ତ । ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ସମୟର ସଦୁପଯୋଗ : ଛାତ ଉପରେ କିଚେନ କାର୍ଡେନ କଲେ ୪ର୍ଥ ଶ୍ରେଣୀ ଛାତ୍ର ଓମ୍ ପ୍ରକାଶ

ଭଦ୍ରକ, ୨୮/୭ (ହି.ସ.) - ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ୍ ତେସିଙ୍ଗା ପଂଚାୟତ କୁଲଣା ଗାଁର ଜିତେନ୍ଦ୍ର ସାହୁଙ୍କର ପୁଅ ଓମ୍ ପ୍ରକାଶ ସାହୁ । ଭଣ୍ଡାରିପୋଖରୀ ସାରଦା ବିଦ୍ୟା ମନ୍ଦିରରେ ୪ର୍ଥ ଶ୍ରେଣୀରେ ପାଠ ପଢୁଛନ୍ତି । ସେ ଜଣେ ମେଧବୀ ଛାତ୍ର । ସାରା କରୋନା ମହାମାରୀ ପାଇଁ ଜର୍ଜରିତ ହେଉଛି । ଗତ ମାର୍ଚ୍ଚ ୨୨ ତାରିଖରୁ ବିଦ୍ୟାଳୟ ସବୁ ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି । ଘରେ ଏବେ ଏକଘଣ୍ଟା ଅନଲାଇନ୍‌ରେ ପାଠ ପଢା ହେଉଛି । ବାହାରେ କରୋନା ମହାମାରୀ ପାଇଁ ଲକଡାଉନ୍ ଓ ସଟ୍‌ଡାଉନ୍ ହୋଇଯାଇଛି । ବର୍ତ୍ତମାନ ଘରୁ ବାହାରିଲେ ବିପଦ, ତେଣୁ ପାଠ ପଢିସାରିବା ପରେ ସବୁବେଳେ ଘରେ । ଏଥିପାଇଁ ମଧ ବାକି ସମୟରେ ପନିପରିବା ଚାଷ ପାଇଁ ମନୋନିବେଶ କରିଛନ୍ତି । ଏନେଇ ବାପାଙ୍କ ସହ ପରାମର୍ଶ ପରେ ବାପା ପ୍ରଥମେ ଅମଙ୍ଗ ହେଲେ, ପରେ ପୁଅର ଚେଷ୍ଟା ଦେଖି ସେ ମଧ କିଛି ସାହାଯ୍ୟ କଲେ । କିଛି ସୋଲ ଯୋଗାଡ କରି ପୁଅର ସାହାଯ୍ୟ କରିଲେ । ପୁଅ ଘରେ ରହି ତାକୁ ମାଟି ଯୋଗାଡ କରି ଛାତ ଉପରେ କଲେ କିଚେନ କାର୍ଡେନ । ଛାତ ଉପରେ ଧୀରେ ଧୀରେ ଭଳି ଭଳି ଗଛ ଲଗାଇଲେ । ଭେଣ୍ଡି ଗଛ, ବାଇଗଣ ଗଛ, ମକ୍କା ଗଛ, ଜହ୍ନି, କାକୁଡି, ଛଚିନ୍ଦ୍ରା ଗଛ ଲଗାଇଛନ୍ତି । ମାର୍ଚ୍ଚ ମାସରେ ଏହି କାର୍ଯ୍ୟ ଆରମ୍ଭ କରିଥିବାବେଳେ ମେ ମାସ ବେଳକୁ ତାଙ୍କ ଛାତ ଉପରେ ଛୋଟିଆ ପନିପରିବା ବଗିଚା ଦେଖାଦେଇଥିଲା । ବର୍ତ୍ତମାନ ଦୈନନ୍ଦିନ ସେଠାରେ କିଛି ପନିପରିବା ଫଳୁଛି । ତେବେ ଛାତ୍ରଟିର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯିବା ସହ ତାକୁ ପ୍ରୋସ୍ୱାହନ ଦେବା ପାଇଁ ଦାବି ହୋଇଛି ।

# ଚାଷୀ ଟଂଟିରେ କାଳିଆ କଂଟା

ଭଦ୍ରକ, ୨୮/୭(ହି.ସ.) - ବିଧାନସଭା ନିର୍ବାଚନ ପୂର୍ବରୁ 'କାଳିଆ' ଯୋଜନା ମାଧମରେ ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ସରକାର । ତେବେ ଯୋଜନାରେ ଅନେକ ଅନିୟମିତତା ହୋଇଥିବା ଦର୍ଶାଇ ରାଜ୍ୟର ୨ ଲକ୍ଷରୁ ଅଧିକ ଚାଷୀଙ୍କୁ କାଳିଆ ଯୋଜନାରେ ଅଯୋଗ୍ୟ ହିତାଧିକାରୀ ଦର୍ଶାଯାଇଛି । ଏବେ ସରକାରଙ୍କ ପକ୍ଷରୁ କାଳିଆ ଟଙ୍କା ଫେରସ୍ତ ପାଇଁ ସେହି ଅଯୋଗ୍ୟ ଘୋଷିତ ହିତାଧିକାରୀଙ୍କୁ ହାତକୁ ଧରେଇ ଦିଆଯାଇଛି ନୋଟିସ୍ । ଏହି କ୍ରମରେ ଭଦ୍ରକ ବ୍ଲକ୍ ଅନ୍ତର୍ଗତ ରାହାଞ୍ଜ ପଂଚାୟତର କିଛି ଚାଷୀଙ୍କୁ ଅଯୋଗ୍ୟ ହିତାଧିକାରୀ ଘୋଷଣା କରାଯାଇଛି । ପଂଚାୟତର ୨୬ ଜଣ ଚାଷୀଙ୍କୁ ଅଯୋଗ୍ୟ ତାଲିକାରେ କାଳିଆ ଟଙ୍କା ଫେରସ୍ତ ପାଇଁ ସରକାରଙ୍କ ପକ୍ଷରୁ ମିଳିଛି ନୋଟିସ୍ । ଏକମାସ ମଧରେ ପାଇଥିବା କାଳିଆ ଟଙ୍କା ଫେରାଇବା ପାଇଁ ନୋଟିସ୍‌ରେ ଦର୍ଶାଯାଇଛି । ତେବେ ନୋଟିସ୍ ପାଇବା ପରେ ଏବେ ଏହି ଚାଷୀମାନଙ୍କ ମୁଣ୍ଡରେ ପଡିଛି ଚଡକ । ଦେଢବର୍ଷ ପୂର୍ବେ କାଳିଆ ଯୋଜନାରେ ସମସ୍ତ ଚୟନ କରାଯାଇ ଯୋଗ୍ୟ ବିବେଚିତ ପରେ ବର୍ତ୍ତମାନ କିଭଳି ସେମାନଙ୍କୁ ଅଯୋଗ୍ୟ କରାଯାଇଛି, ଏହାକୁ ନେଇ ପ୍ରଶ୍ନ କରିଛନ୍ତି ଚାଷୀ । ଯୋଗ୍ୟ ହିତାଧିକାରୀ ଭାବେ ଚୟନ କରାଯାଇ ଆମକୁ ଟଙ୍କା ଦିଆଯାଇଥିଲାବେଳେ ଏତେଦିନ ପରେ ଏବେ କାହିଁକି ଟଙ୍କା ଫେରାଇବା ପାଇଁ କୁହାଯାଉଛି ବୋଲି ଅଭିଯୋଗ କରିଛନ୍ତି ଚାଷୀ । କରୋନା ମହାମାରୀ ପାଇଁ ଯେତେବେଳେ ଜୀବନ ଜୀବିକା ବିପଦରେ ପଡିଛି । ଦୀର୍ଘଦିନ ହେବ ରୋଜଗାର ନଥାଇ ପରିବାର କଷ୍ଟରେ ଚଳୁଥିବାବେଳେ ଏହି ସମୟରେ ସରକାରଙ୍କ ଏଭଳି ନୋଟିସ୍ କଟା ଘାରେ ଚୂନ ମାରିଲା ସଦୃଶ୍ୟ ବୋଲି କହିଛନ୍ତି କାଳିଆ ହିତାଧିକାରୀ । କାଳିଆ ଯୋଜନାରେ ଅଯୋଗ୍ୟ ହିତାଧିକାରୀ ମାନଙ୍କୁ ହିତାଧିକାରୀ ତାଲିକାରେ ଯିଏ ସାମିଲ କରିଛନ୍ତି, ସେହି ସରକାରୀ ଅଫିସରଙ୍କ ଠାରୁ ଏହି ଅର୍ଥ ଆଦାୟ କରାଯାଉ । ଏଥିସହ ଅଯୋଗ୍ୟ କହି ଚାଷୀଙ୍କ ପାଖରୁ ଅର୍ଥ ଆଦାୟ କରିବାର ନିଷ୍ପତ୍ତିକୁ ରାଜ୍ୟ ସରକାର ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ଦାବି କରିଛନ୍ତି କାଳିଆ ହିତାଧିକାରୀ ।

## ପ୍ଲାଜମା ଦାନ ପାଇଁ ପଂଜୀକରଣ କଲେ ଗଂଜାମର ୨୮୩ କୋଭିଡ୍ ବନ୍ଧୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର,୨୮।୭ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ କୋଭିଡ୍, ରୁ ଆରୋଗ୍ୟ ଲାଭ କରି ପ୍ଲାଜ୍‌ମା ଦାନ କରିବାକୁ ସେମାନଙ୍କର ନାମ ପଂଜୀକରଣ କରିଥିବା ୨୮୩ ଜଣ ବ୍ୟକ୍ତି 'କୋଭିଡ୍ ବନ୍ଧୁ' ଭାବେ ସକ୍ରିୟ କୋଭିଡ୍ ରୋଗୀଙ୍କୁ ସହାୟତା କରିବାକୁ ଆଗେଇ ଆସିଛନ୍ତି । ସେହିଭଳି ଆଉ ୨୦୫ ଜଣ ପ୍ଲାଜ୍‌ମା ଦାନ କରିବା ନିମନ୍ତେ ସହମତିପ୍ରଦାନ କରି ନାମ ପଂଜୀକରଣ କରିଛନ୍ତି । ସେମାନଙ୍କ ଏହିଉଦ୍ୟମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଚ୍ଚପ୍ରଶଂସା କରିଛନ୍ତି ।

# ସମସ୍ତଙ୍କୁ ବ୍ୟାପକ ସ୍ୱାସ୍ଥ୍ୟସେବା ଦାବିନେଇ ସିପିଆଇଏମ୍‌ର ପ୍ରତିବାଦ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଭଦ୍ରକ, ୨୮/୭ (ହି.ସ.) - ସମଗ୍ର ରାଜ୍ୟରେ କରୋନା ଓ ଅନ୍ୟ ରୋଗୀମାନଙ୍କ ସ୍ୱାସ୍ଥ୍ୟସେବା ଦେବାରେ ସରକାରୀ ଅବହେଳାର ପ୍ରତିବାଦ କରି ଆଜି ସମଗ୍ର ରାଜ୍ୟରେ ସିପିଆଇଏମ୍ ଦଳ ପକ୍ଷରୁ ପ୍ରତିବାଦ କରାଯାଉଥିବାବେଳେ ଭଦ୍ରକ, ତିହିଡି, ଧାମନଗର ଓ ଆଗରପଡା ଠାରେ ସିପିଆଇଏମ୍‌ର ଜିଲା ସଂପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଚନ୍ଦ୍ରଶେଖର ନାୟକ, ଜଏନୁଲ ଆବେଦିନ, ପ୍ରଫୁଲ୍ଲ ପାଢୀ, ବିଷ୍ଣୁ ଦାଶ, ପ୍ରଭାସ ମହାପାତ୍ର, ସତ୍ୟମୂର୍ତ୍ତି ବେହେରା, ଦେବଦତ୍ତ କୁଣ୍ଡୁ, ସେକ୍ କାସିମ, ମିର୍ ମଇଉଦ୍ଦିନ୍ ପ୍ରମୁଖ ସମସ୍ତଙ୍କ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସୁଦୃଢ କରିବା, କରୋନା ଯୋଦ୍ଧା ଡାକ୍ତର ଓ ସେବିକା, ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀଙ୍କୁ କିଟସ୍ ଯୋଗାଇଦେବା, ସମସ୍ତ ଡାକ୍ତରଖାନାର ଡାକ୍ତର ଓ ସେବିକା, ସେବକ ନିଯୁକ୍ତି ଦାବିକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ଦେଇଛନ୍ତି । ଏଥିସହ ଏହାର ପ୍ରତିବାଦ ସ୍ୱରୂପ ବନ୍ତଛକ, କଚେରୀ ବଜାର ଠାରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

# ଫୁଲବାଣୀରେ କୃଷି ଫାର୍ମ କାଗଜ କଲମରେ ଚାଲିଛି

କନ୍ଧମାଳ,୨୮।୭ (ନି.ପ୍ର): ରାଜ୍ୟ ସରକାର କୃଷି ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ କନ୍ଧମାଳ ଜିଲ୍ଲାର ସଦର ମହକୁମା ଫୁଲବାଣୀରେ ଥିବା କୃଷି ଫାର୍ମ ଏବେ କାଗଜ କଲମରେ ଚାଲିଛି । ଡେମନଷ୍ଟ୍ରେସନ କରାଯାଉନି ବର୍ଷ ବର୍ଷ ଧରି । ପଡିଆ ପଡିଛି ଜମି । ଏହି ଫାର୍ମ ପ୍ରତିଷ୍ଠାର ଉଦ୍ଦେଶ୍ୟ ଥିଲା ଫାର୍ମରେ ବିଭିନ୍ନ କିସମ ବିହନ ପରୀକ୍ଷା ମୂଳକ ଭାବେ ଚାଷ କରି ଚାଷୀଙ୍କୁ ଚାଷ ସଂପର୍କରେ ଶିକ୍ଷା ଦେବା, ଆଧୁନିକ ଚାଷ ପ୍ରଣାଳୀ ଓ ଯନ୍ତ୍ରପାତି ସଂପର୍କରେ ଡେମନଷ୍ଟ୍ରେସନ ଦେଖାଇବା, ଯାହାଫଳରେ ଜିଲ୍ଲାରେ ଚାଷୀ ମାନଙ୍କ ଚାଷ ପ୍ରତି ଆଗ୍ରହ ପ୍ରକାଶ ପାଇବ ଓ ଆଧୁନିକ ଯନ୍ତ୍ରପାତି ସଂପର୍କରେ ସେମାନଙ୍କ ଜ୍ଞାନକୌଶଳ ବୃଦ୍ଧି ପାଇବ । ଜିଲ୍ଲାର ଶତକଡା ୫୦ ଭାଗ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି । ଜିଲ୍ଲାରେ ଲକ୍ଷାଧିକ ଚାଷୀ, ଭାଗଚାଷୀ, କୃଷି ଶ୍ରମିକ ଅଛନ୍ତି । ଏଣୁ, ଗତ ୧୯୪୮-୪୯ ମସିହାରେ କୃଷି ବିଭାଗ ପକ୍ଷରୁ ଏହି କୃଷି ଫାର୍ମ ପ୍ରତିଷ୍ଠା ହୋଇଥିଲା । କୃଷି ବିଭାଗ ୧୯୪୯ ମହିହାରୁ ଏହି ଫାର୍ମର ରକ୍ଷଣା ବେକ୍ଷଣ କରିଆସୁଛି । ହେଲେ ଏହି ବିଭାଗର ମାଲିକାନା ସତ୍ୱ କୃଷି ବିଭାଗ ନାମରେ ରାଜସ୍ୱ ଖାତାରେ ଚଢିନଥିବାରୁ ଏହି ଫାର୍ମ ଜାଗାରେ ବିଭିନ୍ନ ପ୍ରକାର କଲେଜ ମାନ ପ୍ରତିଷ୍ଠା ହୋଇଗଲାଣି । ଏହି କୃଷି ଫାର୍ମଟି ଆରମ୍ଭ ହେବା ସମୟରେ ୨୬.୬୪୨ ହେକ୍ଟର ବା ୬୬ ଏକର ୬୦୦ ଜମିରେ ଆରମ୍ଭ ହୋଇଥିଲା । ଏଥିମଧ୍ୟରୁ ୧୮ ହଜାର ୭୫୦ ଏକର ଅଂଚଳ ଜମି କଲଟିଭେଟେଡ୍ ଏରିଆ ହୋଇଥିବା ବେଳେ ଅନ୍ୟ ଜମିରେ ଗୋଦାମ, ରାସ୍ତା ଆଦି ଥିଲା । ତେବେ, ପରବର୍ତୀ ସମୟରେ ୧୨ ଏକର ଜମି ଡ୍ରାଏଲାଣ୍ଡ ଫାର୍ମକୁ ପ୍ରଦାନ କରାଯାଇଥିଲା । ସେହିପରି ୨୫ ଏକର ଜମି ସଂଜୟସ୍ମୃତି ସରକାରୀ ମହିଳା ମହାବିଦ୍ୟାଳୟ, ହଷ୍ଟେଲ, ପର୍ଯ୍ୟଟନ କାର୍ଯ୍ୟାଳୟ, ସଂସ୍କୃତି କାର୍ଯ୍ୟାଳୟ, କୃଷି ବିଭାଗ କର୍ମଚାରୀଙ୍କ କ୍ୱାର୍ଟର ଓ ଅଫିସ ଆଦି ପାଇଁ ଦିଆଯାଇଛି । ତେବେ, ଦିନକୁ ଦିନ ବିଭାଗକୁ ଅର୍ଥ ଅନୁଦାନ ଆସିବା କମିଯିବା ସହ ଫାର୍ମ ରକ୍ଷଣା ବେକ୍ଷଣ, ଚାଷକାର୍ଯ୍ୟ ପାଇଁ ଏବେ ଫାର୍ମରେ ନା ଅଛି ଯନ୍ତ୍ରପାତି ନା କର୍ମଚାରୀ । କେବଳ ଫାର୍ମ ରକ୍ଷଣା ବେକ୍ଷଣ ଚାଷକାର୍ଯ୍ୟ ପାଇଁ ଜଣେ ପରମାନେଟ୍ ଲେବର ଜଗି ରହିଛି । ଆଉ ଚିହ୍ନସ୍ୱରୁପ ଗୋଟିଏ ବୁଢା ବଳଦଟିଏ ଥିବା ଜଣାପଡିଛି । ତାର ଖାଦ୍ୟ ବାବଦକୁ ଦିନକୁ ୩୦ଟଙ୍କା ହିସାବରେ ମାସକୁ ୯ଶହ ଟଙ୍କା ଓ ଜଣେ ଲେବର ବାବଦରେ ମାସକୁ ୧୨ ହଜାର ଟଙ୍କା ଖର୍ଚ୍ଚ କରାଯାଉଥିବା ଜଣାପଡିଛି । ପୂର୍ବରୁ ଏହି ଫାର୍ମରେ ଆମ୍ବ, ପିଜୁଳୀ, କଦଳୀ, ଅମୃତଭଣ୍ଡା, କିଆଖତ ଆଦି ପ୍ରସ୍ତୁତ କରାଯାଉଥିଲା । ପୂର୍ବରୁ ଫାର୍ମରେ ୬ଟି ବଳଦ, ଜଣେ ଓଭରସିଓରଙ୍କ ସମେତ ୪/୫ ଜଣ କର୍ମଚାରୀ ଓ ୨୦ରୁ ଉର୍ଦ୍ଧ୍ୱ କୃଷି ଶ୍ରମିକ କାର୍ଯ୍ୟ କରୁଥିଲେ । ଏବେ ଅଛି ମାତ୍ର ଜଣେ । ଫାର୍ମର ପଡିଆକୁ ଜଗିରହିଛି ଦିନରାତି । କେବଳ ସେତିକି ନୁହେଁ ୨୦୦୭ ଓ ୨୦୦୮ ରେ କନ୍ଧମାଳ ଦଙ୍ଗା ଯୋଗୁଁ ମୁଖ୍ୟମନ୍ତ୍ରୀ କନ୍ଧମାଳ ଜିଲ୍ଲା ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଥିଲେ । ଯେଉଁଠି ବିଇଡି କଲେଜ, ସିଟି ସ୍କୁଲ, ପଲିଟେକନିକ୍ କଲେଜ ଆଦି ପ୍ରତିଷ୍ଠା ପାଇଁ କୁହାଯାଇଥିଲା । ସ୍ଥାନ ଅଭାବରୁ ଏସବୁକୁ ଫାର୍ମ ମଧରେ ଥିବା ଖାଲିସ୍ଥାନରେ ପ୍ରତିଷ୍ଠା କରାଗଲା । ଏବେ ମାତ୍ର ୫ ଏକର ଜମି ବଳକା ରହିଛି । ଏତେ ସୁନ୍ଦର କୃଷି ଫାର୍ମ ଏବେ ଶ୍ରୀହୀନ ହୋଇପଡିଛି । ୭୦ ବର୍ଷ ତଳର ଏହି ଫାର୍ମକୁ ପୁନରୁଦ୍ଧାର କରିବା ଦିଗରେ କେହି ମଧ ଆନ୍ତରିକ ଉଦ୍ୟମ ନକରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

# କରୋନା ଲକ୍ଷଣ ଲୁଚାଉଥିବା ବ୍ୟକ୍ତିଙ୍କ ପାଇଁ ଜିଲ୍ଲାରେ ବଢୁଛି ସଂକ୍ରମଣ-ଜିଲ୍ଲାପାଳ

କେନ୍ଦ୍ରାପଡ଼ା,୨୮।୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ କୌଣସି ବ୍ୟକ୍ତିଙ୍କ କରୋନା ଲକ୍ଷଣ ପ୍ରକାଶ ପାଉଥିଲେ ତାକୁ ନଲୁଚାଇ ତୁରନ୍ତ କୋଭିଡ କମିଟିକୁ ଜନାଇବାକୁ ଜିଲ୍ଲାପଳ ସମର୍ଥ ବର୍ମା ପରାମର୍ଶ ଦେଇଛନ୍ତି । ଜିଲ୍ଲାରେ ଦିନକୁଦିନ ସଂକ୍ରମଣ ସଂଖ୍ୟା, ସଂକ୍ରମିତଙ୍କ ସଂଖ୍ୟା ବଢି ଚାଲି ଥିବାରୁ ଜିଲ୍ଲାପାଳ ସମର୍ଥ ବର୍ମା ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲାବସୀଙ୍କୁ ନିବେଏଦନ କରି ଗୁରୁତର ସହ ନେବାକୁ ପରାମର୍ଶ ଦେଇଛନ୍ତି । ସୋମବାର ଗଣମାଧମକୁ ସୂଚନା ଦେଇ ଶ୍ରୀ ବର୍ମା ସଂକ୍ରମଣର ସଂଖ୍ୟା ଓ ଭୟାବହତାକୁ ଉପଲବ୍ଧି କରି ଜିଲ୍ଲାବାସୀ ସଚେତନ ହେବା ଆବଶ୍ୟକ । ଲକ୍ଷଣ ନଲୁଚାଇ ଗୁରୁତର ଅବସ୍ଥାରେ ଚିହ୍ନଟ ହେଉ ଥିବାରୁ ସେମାନେ ନିଜେ ଓ ଅନ୍ୟ ମାନଙ୍କୁ ବିପଦ ମଧକୁ ଟାଣି ନେଉଥିବା ସତର୍କ କରାଇ ଦେଇଛନ୍ତି । ଏ ଦିଗରେ ସାମାନ୍ୟ ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଜିଲ୍ଲା କମିଟିକୁ ଜଣାଇବା ପାଇଁ ପରାମର୍ଶ ଦେଇଛନ୍ତି ।

## କେବଳ କାଗଜ କଲମରେ କଂଟେନମେଂଟ ଜୋନ ଘୋଷଣା

### ଦାୟିତ୍ୱ ଓ କର୍ତବ୍ୟ ପ୍ରତି ଆନ୍ତରିକତା ନାହିଁ

ଭୁବନ,୨୮।୭ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ରୁ ଜଣେ ୨୫ ବର୍ଷୀୟ ଯୁବକ ଓ ୪ ନମ୍ବର ୱାର୍ଡରୁ ଜଣେ ୪୨ ବର୍ଷୀୟା ମହିଳାଙ୍କର କରୋନା ପଜିଟିଭ ରିପୋର୍ଟ ଆସିଲା ପରେ ଗତକାଲି ସଂଧ୍ୟାରେ ଏନଏସି ପ୍ରଶାସନ ତରଫରୁ ଉକ୍ତ ଦୁଇଟି ୱାର୍ଡ କୁ ୫ ଦିନ ପର୍ଯ୍ୟନ୍ତ କଂଟେନମେଂଟ ଜୋନ ଘୋଷଣା କରାଯାଇଛି । ଏନଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ଚିଠି ନଂ – ୭୨୩ ତା ୨୬.୭.୨୦୨୦ ରେ ୧ ବମ୍ବର ୱାର୍ଡର ଗୋଡି ପୋଖରୀ ଛକ ଠାରୁ ବଉଳ ଛକ ଦେଇ ମଙ୍ଗୁଳି ପାତ୍ର ଘର ପର୍ଯ୍ୟନ୍ତ ଏବଂ ୪ ନମ୍ବର ୱାର୍ଡର ପାଲାମଣ୍ଡପ ଠାରୁ ତଳ ଶାସନ ଓ ଉପର ଶାସନ ପର୍ଯ୍ୟନ୍ତ ଅଂଚଳକୁ ସୋମବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ କଂଟେନମେଂଟ ଜୋନ ଘୋଷଣା କରିଥିଲା ବେଳେ ରାତ୍ର ୮ ଘଟିକା ସମୟରେ ଉପରୋକ୍ତ ଦୁଇଟି ୱାର୍ଡର ସମସ୍ତ ଅଂଚଳକୁ କଂଟେନମେଂଟ କରାଯାଇଛି ବୋଲି ମାଇକ ପ୍ରଚାର କରାଯାଇଥିଲା । ଏନେଇ ସଂପୃକ୍ତ ୱାର୍ଡବାସୀ ଦ୍ୱନ୍ଦରେ ପଡିଥିଲା ବେଳେ ଆଜି ସକାଳେ ଏନଏସି କର୍ମଚାରୀ କିମ୍ବା ପୋଲିସ କାହାର ଦେଖାଦର୍ଶନ ମିଳିନଥିଲା । ୧ ନମ୍ବର ବ୍ୱାର୍ଡର ଗୋଡିପୋଖରୀ ଛକ ଠାରେ ବାଉଁଶ ବାନ୍ଧିଦେଇ ଏନଏସି ପ୍ରଶାସନ କର୍ତବ୍ୟ ସଂପାଦନ କରିଥିଲା । କରୋନା ସଂକ୍ରମିତ ବ୍ୟକ୍ତି ଙ୍କ ଘର ଦୁଆର ମୁହଁରେ ପରିବାର ବର୍ଗ ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ କ୍ୱାରେଟାଇନରେ ରହିବାକୁ ପ୍ରଶାସନ ନୋଟିସ ମାରି କାମ ଶେଷ କରିଦେଇଛି । ମୁଖ୍ୟକଥା ହେଉଛି ଗତ ଗୁରୁବାର ଠାରୁ ରବିବାର ପର୍ଯ୍ୟନ୍ତ ସମଗ୍ର ଭୁବନ ଏନଏସି ସଟଡାଉନ ଥିଲା ଆଜିଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଦୁଇଟି ୱାର୍ଡକୁ କଂଟେନମେଂଟ ଜୋନ ଘୋଷଣା କରାଯିବାରୁ ଲୋକେ ବିଚଳିତ ହୋଇ ପନିପରିବା ଓ ରାସନ ସାମଗ୍ରୀ କିଣିବା ପାଇଁ ବାଧହୋଇ ପଦାକୁ ବାହାରିଥିଲେ । ୪ ଦିନ ସଟଡାଉନ ପରେ ପୁଣି ଲଗାତର ୫ ଦିନ କଂଟେନମେଂଟ ଜୋନ ଘୋଷଣା କରିବା ଏନଏସି ପ୍ରଶାସନର ଦୂରଦୃଷ୍ଟି ଅଭାବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । କଂଟେନମେଂଟ ଜୋନ ଘୋଷଣା କରାଯାଇଥିବା ୱାର୍ଡର ସୀମା ସିଲ କରି ପୋଲିସ ପେଟ୍ରୋଲିଂ କରିବା ସହିତ କଂଟାକ୍ଟ ଟ୍ରେସିଂ କରାଯିବା କଥା କିନ୍ତୁ ପ୍ରଶାସନ ଖାଲି ବାଉଁଶ ବାନ୍ଧି କାମ ସାରିଦେଇଛି । ଯାହାକି ଆନ୍ତରିକତା ବିହୀନ, ଦାୟିତ୍ୱହୀନ କାର୍ଯ୍ୟ ଓ କେବଳ କାଗଜ ଚାଷ ବୋଲି ଚର୍ଚ୍ଚା ହେଉଛି ।

# ପୂର୍ବୋତରରେ ୮ଟି ରାଜ୍ୟରେ ମୋଟ ୪୨,୫୦୧ କରୋନା ରୋଗୀ

## ଗତ ୨୪ ଘଂଟାରେ ୧୪୨୨ ନୂଆ କରୋନା ରୋଗୀ ଚିହ୍ନଟ

ଗୌହାଟୀ,୨୮।୭ (ନି.ପ୍ର): ପୂର୍ବୋତରରେ ସିକିମ ସହିତ ଆଠଟି ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ସୁସ୍ଥ ହେଉଥିବା ରୋଗୀଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି । ଦ୍ରୁତ ଗତିରେ ନୂଆ କରୋନା ରୋଗୀ ମିଳୁଥିବା ଚିନ୍ତାର କାରଣ ହୋଇଛି । ପୂର୍ବୋତରରେ ସବୁଠାରୁ ଅଧିକ ମାମଲା ଆସାମରୁ ଆସୁଅଛି, ତ୍ରିପୁରା ଦ୍ୱିତୀୟ ସ୍ଥାନରେ ଥିବା ବେଳେ ମଣିପୁର ତୃତୀୟ ସ୍ଥାନରେ ରହିଛି । ପୂର୍ବୋତରରେ ଗତ ୨୪ ଘଂଟା ମଧରେ ୧୪୨୨ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ସେହିପରି ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୨୫୦୧ ପହଂଚିଛି । ଏଥିମଧ୍ୟରୁ ୨୯୪୪୩ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ମୋଟ ୧୨୬୯ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ଏବଂ ୧୨,୯୧୯ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ୧୦୦ ଜଣ ରୋଗୀଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ କରୋନା ରୋଗୀ ବାହାରକୁ ଚାଲିଯାଇଛନ୍ତି । ଆସାମରେ ନୂଆ ରୋଗୀଙ୍କ ସଂଖ୍ୟା ୧୧୪୨ ରେ ପହଂଚିଛି । ରାଜ୍ୟର ମୋଟ କରୋନା ରୋଗୀଙ୍କ ସଂଖ୍ୟା ୩୨,୨୨୯ ହୋଇଛି । ଏଥିରୁ ୨୪,୦୪୧ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୯୮୫ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୮୧୦୬ ରୋଗୀଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ୭୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ରୋଗୀ ରାଜ୍ୟ ବାହାରକୁ ଚାଲିଯାଇଛନ୍ତି । ତ୍ରିପୁରାରେ ୩୭ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୩୯୧୯ ରେ ପହଂଚିଛି । ୨୩୬୨ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୧୫୨ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୧୫୨୬ ରୋଗୀଙ୍କ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୧୩ ଜଣଙ୍କର ମୃତ୍ୟୁ ଘଟିଛି । ମଣିପୁରରେ ୫୯ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ଏଥି ସହିତ ରାଜ୍ୟର ମୋଟ ରୋଗୀଙ୍କ ସଂଖ୍ୟା ୨୨୩୫ ରେ ପହଂଚିଛି । ସେଥିମଧ୍ୟରୁ ୧୫୨୧ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ଜଣେ କରୋନା ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୭୧୪ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ନାଗାଲାଣ୍ଡରେ ୫୦ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୧୩୩୯ ହୋଇଛି । ରାଜ୍ୟରେ ୫୪୯ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୮ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୭୮୬ ଜଣ ରୋଗୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି । ୪ ଜଣ ରୋଗୀଙ୍କର ମୃତ୍ୟୁ ହୋଇଛି । ଅରୁଣାଚଳ ପ୍ରଦେଶରେ ୩୨ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୧୧୫୮ ହୋଇଛି । ୫୦୫ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୭୭ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୬୫୦ ଜଣ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୩ ଜଣଙ୍କର ମୃତ୍ୟୁ ହୋଇଛି । ମେଘାଳୟରେ ୫୬ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟର ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୦୨ ରେ ପହଂଚିଛି । ୧୩୫ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୪୧ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୬୬୨ ଜଣଙ୍କର ଏବେ ସୁଦ୍ଧା ଚିକିତ୍ସା ଚାଲିଛି ଏବଂ ୫ ଜଣଙ୍କର ମୃତ୍ୟୁ ଘଟିଛି । ମିଜୋରମରେ ଗତ ୨୪ ଘଂଟାରେ କୌଣସି ନୂଆ ରୋଗୀ ଚିହ୍ନଟ ହୋଇନାହାନ୍ତି । ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୩୬୧ ରେ ସୀମିତ ଅଛି । ୧୮୩ ଜଣ ସୁସ୍ଥ ହୋଇଛନ୍ତି । ୧୭୮ ଜଣ ରୋଗୀଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ସିକ୍କିମରେ ୪୬ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୫୮ରେ ପହଂଚିଛି । ୧୪୭ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୫ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଏବେ ସୁଦ୍ଧା ୩୯୭ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ଜଣକର ମୃତ୍ୟୁ ହୋଇଛି ।

# ବିଚିତ୍ର ଗ୍ରହ


**ବିଶ୍ୱ ବ୍ରହ୍ମାଣ୍ଡ ବୈଚିତ୍ର୍ୟରେ ଭରପୂର । ମହାକାଶର ରହସ୍ୟ ଜାଣିବା ଲାଗି ବୈଜ୍ଞାନିକମାନେ ଅହରହ ଗବେଷଣା ଚଳାଇଛନ୍ତି । ଚନ୍ଦ୍ର, ମଙ୍ଗଳ ପରେ ସୂର୍ଯ୍ୟପୃଷ୍ଠକୁ ଯିବା ଲାଗି ଯାନ ନିର୍ମାଣର ଯୋଜନା ଚାଲିଛି । ସୌରମଣ୍ଡଳର ଗ୍ରହ ମଧ୍ୟରୁ ପୃଥିବୀ ଯେତିକି ବିଚିତ୍ର, ସେହିପରି ବୈଚିତ୍ର୍ୟମୟ ଏକାଧିକ ଗ୍ରହ ମଧ୍ୟ ରହିଛନ୍ତି । କେଉଁଠି ହୀରା ଭଳି ରହିଛି ତ କେଉଁ ଗ୍ରହ ଏକ ଜ୍ୱଳନ୍ତ ପିଣ୍ଡ ପରି ଅବସ୍ଥିତ ।**

### ଅନ୍ୟ ଏକ ପୃଥିବୀ:

ଗ୍ଲିଶ୍ ୫୮୧ ସି ନାମକ ଏହି ଗ୍ରହ ଆବିଷ୍କାର ହେବା ପରେ ବୈଜ୍ଞାନିକମାନେ କୌତୂହଳୀ ହୋଇପଡ଼ିଥିଲେ । ଏହାକୁ ପୃଥିବୀର ବିକଳ୍ପ ଭାବେ ଗ୍ରହଣ ଗ୍ରହଣ କରାଯାଇ ଏଠାରେ ଜୀବନ ଧାରଣ ସମ୍ଭବ ବୋଲି ଧରିନିଆଗଲା । ତେବେ ଏହି ଗ୍ରହ ସମ୍ପର୍କରେ ଯେତେ ଅଧିକ ତଥ୍ୟ ଉନ୍ମୋଚନ ହେଲା, ବୈଜ୍ଞାନିକମାନଙ୍କ ଖୁସି ସେତିକି କମିଆସିଲା । କାରଣ, ଏହି ଗ୍ରହଟି ମାଧ୍ୟାକର୍ଷଣ ଶକ୍ତି ସଂଘର୍ଷରେ ଅଟକିଯାଇଛି । ସେଥିପାଇଁ ଏହାର ଗୋଟିଏ ପାର୍ଶ୍ୱ ସବୁବେଳେ ଆଲୋକ ଦିଗରେ ରହିଥାଏ ।




### ତିନୋଟି ସୂର୍ଯ୍ୟ:



ଏଚଡି ୧୮୮୭୫୩ଏବି ଏପରି ପ୍ରଥମ ଗ୍ରହ ଭାବେ ଆବିଷ୍କୃତ ହୋଇଛି ଯାହାର ତିନୋଟି ସୂର୍ଯ୍ୟ ଅଛନ୍ତି । ଏହି ଗ୍ରହକୁ ୨୦୦୫ ମସିହାରେ ପୋଲାଣ୍ଡର ବୈଜ୍ଞାନିକମାନେ ଠାବ କରିଥିଲେ । ଏହାପରେ ବୈଜ୍ଞାନିକମାନେ ଏପରି ଅନ୍ୟ ଗ୍ରହ ଖୋଜିବାକୁ ଚେଷ୍ଟା କରିଥିଲେ ମଧ୍ୟ ଏଯାବତ୍ ସଫଳ ହୋଇନାହାନ୍ତି ।

### ବିଶାଳବଳୟ:

ଶନିଗ୍ରହକୁ ବଳୟ ଗ୍ରହ ବୋଲି କୁହାଯାଏ । ହେଲେ, ଏହି ଗ୍ରହର ବଳୟ ଶନିଗ୍ରହଠାରୁ ଢ଼େର୍ ଗୁଣ ବଡ଼ । ପୃଥିବୀଠାରୁ ୪୩୪ ଆଲୋକବର୍ଷ ଦୂରରେ





ଥିବା ଏହି ବିଶାଳକାୟ ବଳୟଯୁକ୍ତ ଗ୍ରହର ନାମ ଜେ ୧୪୦୭ ବି । ଏହା ବୃହସ୍ପତିଠାରୁ ୪୦ ଗୁଣ ବଡ଼ ବୋଲି କୁହାଯାଏ । ଏହି ଗ୍ରହର ବାହାରପଟେ ଥିବା ବଳୟ ଶନିଗ୍ରହର ବଳୟ ଅପେକ୍ଷା ୨୦୦ ଗୁଣ ଅଧିକ ବ୍ୟାପିଥିବାର ବୈଜ୍ଞାନିକମାନେ ଜଣାଇଛନ୍ତି । ଏଠାରେ ଉପଗ୍ରହ ସୃଷ୍ଟି ହେବାକୁ ଯାଉଥିବା ଜଣାପଡ଼ିଛି ।

### ଚାରକୋଲ ଗ୍ରହ:




ମହାକାଶରେ ଥିବା ଟ୍ରେସ୍-୨ବି ଗ୍ରହ ନିଜ ନକ୍ଷତ୍ରରୁ ପାଉଥିବା ଆଲୋକର ମାତ୍ର ୧ପ୍ରତିଶତ ବିକିରଣ କରିଥାଏ । ଏହା ବ୍ରାହ୍ମଣ୍ଡରେ ଆବିଷ୍କୃତ ହୋଇଥିବା ସମସ୍ତ ଗ୍ରହ ମଧ୍ୟୁ ସବୁଠାରୁ କଳା ଗ୍ରହ ଭାବେ ପରିଚିତ । ଏହି ଗ୍ରହ ପୃଷ୍ଠରେ ବିଷାକ୍ତ ଚାରକୋଲ ଏବଂ ଏଥିରୁ ବାହାରୁଥିବା ଗ୍ୟାସ୍ ରହିଛି ।

### ବିପଜ୍ଜନକ ଗ୍ରହ:

ପୃଥିବୀ ପରି ଏହି ଗ୍ରହଟି ଦେଖିବାକୁ ନୀଳବର୍ଣ୍ଣ । ଏହାର ନାମ ଏଚଡି୧୮୯୭୩୩ବି । ତେବେ ଏଠାରେ ଜୀବନ ଧାରଣ କଥା ଚିନ୍ତା କରିବା ମଧ୍ୟ ଅସମ୍ଭବ । ଏହି ଗ୍ରହ ପୃଷ୍ଠରେ ତାପମାତ୍ରା ୧୦୦୦ ଡିଗ୍ରୀ ସେଲସିୟସରୁ ଅଧିକ। ଏଠାରେ ମଧ୍ୟ ଘଣ୍ଟା ପ୍ରତି ୭ହଜାର କିଲୋମିଟରରୁ ଅଧିକ ଗତିରେ ମହାକାଶୀୟ ବୃଷ୍ଟିପାତ ହୋଇଥାଏ ।






### ଉତ୍ତପ୍ତ ଗ୍ରହ:

ଜିଜେ୧୨୨୪ବି ନାମକ ଏହି ଗ୍ରହଟି ଉତ୍ତପ୍ତ ଜଳକୁଣ୍ଡ ପରି । ସେଥିପାଇଁ ଏହାକୁ ହଟ୍ ଟବ୍ ନାମ ଦିଆଯାଇଛି । ୨୩୦ ଡିଗ୍ରୀ ସେଲସିୟସ ତାପମାତ୍ରା ଯୋଗୁ ମହାକାଶରେ ଏହି ଗ୍ରହରୁ ଅନବରତ ବାଷ୍ପ ବାହାରୁଥାଏ । ଏଠାରେ ମଧ୍ୟ ମାତ୍ରାଧିକ ବାଦଲ ରହିଥାନ୍ତି ।

### ହୀରା ଖଣି:

୫୫ କ୍ୟାନକ୍ରି ଇ ନାମକ ଏହି ଗ୍ରହରେ ପର୍ଯ୍ୟାପ୍ତି ଜୀବନ ରହିଛି ଏହି ଗ୍ରହର ପୃଷ୍ଠ ହୀରାରେ ଭରିଥିବା ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି । ତେବେ ସେଠାରେ ପହଞ୍ଚିବା ଲାଗି ୧୭୦୦ ଡିଗ୍ରୀ ତାପମାତ୍ରା ସହ୍ୟ କରୁଥିବା ଉପକରଣ ଆବଶ୍ୟକ ।



### ଖୁସିର ରହସ୍ୟ

ଟେକ୍ନୋଲୋଜିର ଏହି ଯୁଗରେ ଅଧିକାଂଶ ଲେକେ ଏବର ସମୟରେ ଖୁସି ରହୁନଥିବା ପ୍ରକାଶ କରିଛନ୍ତି । ଯୁବବର୍ଗ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ତାଲିକାରେ ସାମିଲ । ନ୍ୟୁୟର୍କ ବିଶ୍ୱବିଦ୍ୟାଳୟା ବିଶେଷଜ୍ଞଗଣ ବିଭିନ୍ନ ପ୍ରାନ୍ତର ଲୋକଙ୍କ ଉପରେ ଗବେଷଣା କରି ସମାନ ତଥ୍ୟ ଅବଗତ କରାଇଥିବାର ଜଣାପଡ଼ିଛି । ତେବେ ଏହାର ସମାଧାନ ମଧ୍ୟ ଗବେଷକଗଣ ବାହାର କରିଛନ୍ତି ୨୦ହଜାର ବ୍ୟକ୍ତିଙ୍କ ଦୈନନ୍ଦିନ ଜୀବନଶୈଳୀରେ କିଛିଟା ପରିବର୍ତ୍ତନ କରାଗଲା । ପ୍ରଥମ କିଛି ମାସ ଏହି ବ୍ୟକ୍ତିମାନେ ସେଭଳି କିଛି ଫରକ ଅନୁଭବ କରିନଥିବାବେଳେ ତୃତୀୟ ମାସରେ ସେମାନଙ୍କ ଆନନ୍ଦ ରହିବାର ରହସ୍ୟ ଜାଣିପାରିଥିଲେ । ଗବେଷକଙ୍କ ମତରେ, ଡେସ୍କଟପ, ଲ୍ୟାପଟପ ପାମଟପ୍ କିଛି ମଧ୍ୟ ମନୁଷ୍ୟ ଜୀବନଶୈଳୀରେ ଏତେ ପ୍ରଭାବ ପକାଇନଥିଲା, ଯାହା ମାତ୍ର କିଛି ବର୍ଷରେ ସ୍ମାର୍ଟଫୋନ ପକାଇଛି । ତେଣୁ ସାଧାରଣ ଲୋକେ ସମୟ ଅନୁସାରେ ସଚେତନ ହୋଇଯାଆନ୍ତୁ ।

## ଷ୍ଟ୍ରେଚମାର୍କସ୍



ସାଧାରଣତଃ ଷ୍ଟ୍ରେଚମାର୍କସର ଅର୍ଥ ପ୍ରେଗନେନ୍ସି ସମୟରେ ମହିଳାଙ୍କର ପେଟ ଓ ଝଙ୍ଘରେ ହେଉଥିବା ଚିହ୍ନକୁ ହିଁ କୁହାଯାଏ । କିନ୍ତୁ ମୋଟା ହୋଇଯିବା କାରଣରୁ ସ୍କିନ ଟାଇଟ ହୋଇଯାଏ ଓ ଟାଣି ହେବା କାରଣରୁ ଯେଉଁ ଚିହ୍ନ ହୁଏ ତାକୁ ମଧ୍ୟ ଷ୍ଟ୍ରେଚ ମାର୍କସ କୁହାଯାଏ । ଏହି ଚିହ୍ନ ପାଇଁ ବୟସର କୌଣସି ସୀମା ନ ଥାଏ । ମୋଟା ହେବା ଦ୍ୱାରା ଶରୀରରେ ଯେଉଁ ସ୍ଥାନମାନଙ୍କରେ ଚର୍ବି ବୃଦ୍ଧି ପାଏ ସେଡାରେ



ସ୍କିନ ଟାଇଟ ହୋଇଥାଏ ଓ ଏପରି ଚିହ୍ନ ହୋଇଯାଏ । ଏହି ଚିହ୍ନର ଅନେକ ପ୍ରଚାର ରହିଛି ଯେପରି ସର୍ଜରୀ ଇତ୍ୟାଦି କିନ୍ତୁ ଏହା ହେବା ପୂର୍ବରୁ ସାବଧାନ ରହିପାରିଲେ ଭଲ । ଗର୍ଭବତୀ ମହିଳାମନଙ୍କର ଗର୍ଭଧାରଣ ସମୟରେ ସ୍କିନରେ ହେଉଥିବା ପରିବର୍ତ୍ତନ ଓ ସମସ୍ୟାକୁ ସାଧାରଣତଃ ସମସ୍ତେ ଅଣଦେଖା କରିଥାନ୍ତି । ଏପରି କରିବାର ଅର୍ଥ ଷ୍ଟ୍ରେଚମାକସକୁ ନିମନ୍ତ୍ରଣ ଦେବା । ଯଦି ଏଥିରୁ ରକ୍ଷା ପାଇବାକୁ ଚାହାଁନ୍ତି ତେବେ ସ୍କିନରେ ହେଉଥିବା ପରିବର୍ତ୍ତନ ପ୍ରତି ସଜାଗ ରୁହନ୍ତୁ । ସ୍କିନ କୁଣ୍ଡେଇହେବା ଏହି ସମୟରେ ଏକ ସାଧାରଣ ସମସ୍ୟା । ତେବେ ସେ ସ୍ଥାନକୁ କୁଣ୍ଡେଇବା ଉଚିତ ନୁହେଁ । କୌଣସି ଭଲ ପନାଉଡର ବା ମଇଶ୍ଚରାଇଜରର ବ୍ୟବହାର କରନ୍ତୁ ଯାହା ଦ୍ୱାରା କୁଣ୍ଡେଇହେବା କମ ହେବ । ଏବେ ବଜାରରେ ଅନେକ ପ୍ରକାରର ଷ୍ଟ୍ରେଚ ମାର୍କ କ୍ରିମ ଉପଲବ୍ଧ ହେଉଛି ଯାହାର ପ୍ରୟୋଗରେ ଏହି ଚିହ୍ନକୁ ହ୍ରାସ କରାଯାଇପାରିବ । ଗର୍ଭାବସ୍ଥା ସମୟରେ ମହିଳାମାନେ ଅନ୍ୟଦିନରେ ଯେତିକି ପାଣି ପିଅନ୍ତି, ଏ ସର୍ମରେ ମଧ୍ୟ ସେତିକି ପାଣି ପିଇଥାନ୍ତି । ଏହି ସମୟରେ ପର୍ଯ୍ୟପ୍ତ ପରିମାଣରେ ପାଣି ପିଇବା ଉଚିତ । କାରଣ ସ୍କିନରେ ଆର୍ଦ୍ରତା କମ ହେବାରୁ ଅଧିକ ଟାଣି ହୋଇଯାଏ । ଗର୍ଭବତୀ ମହିଳାମାନଙ୍କର ସ୍କିନରେ ପର୍ଯ୍ୟାପ୍ତ ପରିମାଣରେ ହାଇଡ୍ରେସେନ ଓ ଆର୍ଦ୍ରତା ପାଇଁ ଅଧିକରୁ ଅଧିକ ପାଣିତ ପିଇବା ବହୁତ ଜରୁରୀ । ପାଣି ପିଇବା ସହିତ ଆପଣଙ୍କ ହାଏଟ୍ ମଧ୍ୟ ଠିକ୍ ରହିବା ଉଚିତ । ଡାକ୍ତରଙ୍କ କହିବା ଅନୁସାରେ ଗର୍ଭବତୀ ମହିଳାମାନଙ୍କର ୧୧.୫ କିଗ୍ରାରୁ ୧୬ କିଗ୍ରା ପର୍ଯ୍ୟନ୍ତ ଓଜନ ବଢ଼ିବା ଉଚିତ୍ । ତେଣୁ ଜଙ୍କ ଫୁଡକୁ ଆଭଏଡ୍ କରନ୍ତୁ ଓ ନ୍ୟୁଟ୍ରିସନାଲ ଖାଦ୍ୟ ଖାଆନ୍ତୁ । ଭିଟାମିନ ଏ, ସି ଓ ଡି ଥିବା ଖାଦ୍ୟ ଆପଣ ଓ ଆପଣଙ୍କ ସ୍କିନ ପାଇଁ ଉପକାରୀ ପ୍ରମାଣିତ ହେବ । ଏହା ସହିତ ହାଇ ପ୍ରୋଟିନର ଖାଦ୍ୟ ଆପଣଙ୍କ ସ୍କିନକୁ ଷ୍ଟ୍ରେଚ ମାର୍କସରୁ ରକ୍ଷା କରିପାରିବ । ଏହା ସହିତ ବ୍ୟାୟାମ ମଧ୍ୟ କରନ୍ତୁ । ବ୍ୟାୟାମ ଦ୍ୱାରା ସ୍କିନକୁ ବିନା କୌଣସି ସମସ୍ୟାରୁ ସହାୟତା ମଳିବ ଓ ଆପଣଙ୍କ ଓଜନ ମଧ୍ୟ ନିୟନ୍ତ୍ରଣରେ ରହିବ ।

## ଗୋଲାପ ଜଳର ବ୍ୟବହାର



ଗୋଲାପଫୁଲର ପାଖୁଡାରୁ ପ୍ରସ୍ତୁତ ହେଉଥିବା ଗୋଲାପ ଜଳର ବ୍ୟବହାର ସ୍କିନ ପାଇଁ ଅନେକ ପ୍ରକାରର ବ୍ୟବହାର କରାଯାଇଥାଏ । ଏହା ସ୍କିନକୁ ବହୁତ ପ୍ରକାରର ଉପକାର ପହଞ୍ଚାଇଥାଏ । ଏହା କେବଳ ସ୍କିନକୁ ଚିକକଣ କରିଥାଏ ତା ନୁହେଁ ଚେହେରାରେ ଥିବା ବ୍ରଣ, କଳା ଦାଗ, ରିଙ୍କଲସ ଇତ୍ୟାଦିର ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ । ଗୋଲାପ ଜଳରେ ଏଷ୍ଟ୍ରିଜେଣ୍ଟ ଥାଏ । ବଜାରରେ ମିଳୁଥିବା ଦାମୀ ଟୋନର୍ସ ବଦଳରେ ସ୍କିନର ଟୋନିଙ୍ଗ ପାଇଁ ଗୋଲାପ ଜଳର ବ୍ୟବହାର କରନ୍ତୁ । ଆପଣ ଏହାକୁ ଘରେ ମଧ୍ୟ ତିଆରି କରିପାରିବେ । ଏହା ପାଇଁ ୧୦୦ ଏମଏଲ ଗୋଲାପ ଜଳରେ ୧୦ବୁନ୍ଦା ଗୋଲାପ ତେଲ ଓ ୧୦ ବୁନ୍ଦା ଲେଭେଣ୍ଡର ତେଲକୁ ସ୍ପ୍ରେ ବୋତଲରେ ରଖି ମିଶାନ୍ତୁ । ଆପରଙ୍କ ଟୋନର ପ୍ରସ୍ତୁତ ହୋଇଗଲା । ଯଦି ଆପଣଙ୍କ ସ୍କିନର ଛିଦ୍ର ଖୋଲି ଗଲାଣି ତେବେ ଆପଣ ଏହାକୁ ସଫା କରିବାକୁ ଗୋଲାପର ଏହି ଟୋନର ବ୍ୟବହାର କରିପାରନ୍ତି । ଯଦି ସ୍କିନ ଅଧିକ ତୈଳଯୁକ୍ତ ହୋଇଥା, ତେବେ ସ୍କିନ ସଫା କରିବାକୁ ଏହା ଉପଯୁକ୍ତ ଅଟେ । ଏହା ବ୍ୟତୀତ ଯଦି ଆପଣଙ୍କ ସ୍କିନରେ ବ୍ରଣର ସମସ୍ୟା ରହିଛି ତେବେ ଏହାର ବ୍ୟବହାରରେ ବହୁତ ଉ ହେଲେ ଆପଣଙ୍କୁ ଗୋଲାପଜଳର ଆବଶ୍ୟକତା ରହିଛି । ଏଥିପାଇଁ

ସ୍କିନ ଶୁଷ୍କ ଥାଏ ତେବେ ଆପଣ ଗୋଲାପ ଜଳର ବ୍ୟବହାର କରିପାରିବେ । ସେଥିପାଇଁ ଆପଣଙ୍କୁ ଦୁଇ ଚାମଚ ଗୋଲାପ ଜଳ, ଏକ ଚାମଚ ଗ୍ଲିସରିନ ଓ ଏକ ଚାମଚ ନଡ଼ିଆ ତେଲର ଆବଶ୍ୟକତା ରହିଛି । ଏହି ତିନୋଟି ଜିନିଷକୁ ମିଶାଇ ଏକ ବୋତଲରେ ରଖନ୍ତୁ । ସ୍କିନକୁ ଆଦ୍ରତା ଦେବା ପାଇଁ ହେଲେ ଦିନରେ ଦୁଇ ତିନି ଥର ଏହାକୁ



ଚେହେରାରେ ନିଶ୍ଚିତ ଭାବରେ ଲଗାନ୍ତୁ । ଟୋନିଙ୍ଗ ଦୂର କରିବାକୁ ହେଲେ ଆପଣଙ୍କୁ ଗୋଲାପଜଳର ଆବଶ୍ୟକତା ରହିଛି। ଏଥିପାଇଁ ଆପଣ ୨୦ଟି ତୁଳସୀପତ୍ରକୁ ପେସି ତାର ରସ ବାହାର କରନ୍ତୁ ତ୍ ପରେ ୨୦୦ ଏମଏଲ ଗୋଲାପ ଜଳ ଓ ତୁଳସୀ ରସକୁ ମିଶାଇ ବୋତଲରେ ରଖନ୍ତୁ । ପ୍ରତ୍ୟେକ ଦିନ ଏହାକୁ ଦୁଇ ତିନି ଥର ଲଗାନ୍ତୁ । ଏଥିରେ ଆପଣଙ୍କ ଟୋନିଙ୍ଗ ମାସେ ମଧରେ ଦୂର ହୋଇଯିବ । ଏହା ସହିତ ସ୍କିନରେ ଚମକ ମଧ୍ୟ ଆସିବ ।

ଆପଣ ୨୦ଟି ତୁଳସୀପତ୍ରକୁ ପେସି ତାର ରସ ବାହାର କରନ୍ତୁ। ତା ପରେ ୨୦୦ ଏମଏଲ ଗୋଲାପ ଜଚଳ ଓ ତୁଳସୀ ରସକୁ ମିଶାଇ ବୋତଲରେ ରଖନ୍ତୁ । ପ୍ରତ୍ୟେକ ଦିନ ପକାର ମଧ୍ୟ ମିଳିଥାଏ । ସ୍କିନକୁ ମଇଶ୍ଚରାଇଜ କରିବାକୁ ମଧ୍ୟ ଗୋଲାପ ଜଳ ପ୍ରୟୋଗ କରିପାରିବେ । ଏହାକୁ ଲଗାଇବା ଦ୍ୱାରା ସ୍କିନ ସବୁବେଳେ ସତେଜ ରହେ । ଯଦି ଆପଣଇଙ୍କ



## ଅମୃତଭଣ୍ଡାର ଉପକାରିତା

ଅମୃତ ଭଣ୍ଡାରେ ଅନେକ ପ୍ରକାରର ଭିଟାମିନ ସହିତ ରୋଗପ୍ରତିରୋଧକ ଶକ୍ତି ମଧ୍ୟ ରହିଛି । ପାଚିଲା ଅମୃତଭଣ୍ଡା ସାଙ୍ଗରେ ବତୁରା ହୋଇଥିବା କିସମିସ ଏବଂ ମହୁ ମିଶାଇ ପ୍ରତିଦିନ ସକାଳୁ ଖାଇଲେ ଯକୃତ କ୍ରିୟା ଠିକ୍ ହୋଇଥାଏ । ମୁହଁରେ କଳାଦାଗ ହେଲେ କିଛି ଦିନ ନିୟମିତ, ପାଚିଲା ଅମୃତଭଣ୍ଡାକୁ ମୁହଁରେ ଲଗାଇ କିଛି ସମୟ ପରେ ଧୋଇଲେ କଳାଦାଗ ନିଶ୍ଚିହ୍ନ ହୋଇଯାଏ ଓ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧିପାଏ ।

ପାଚିଲା ଅମୃତଭଣ୍ଡାରେ କିସମିସ୍, କ୍ଷୀର ଏବଂ ଚିନି ମିଶାଇ ଖାଇଲେ ମଳ ପରିଷ୍କାର ହୁଏ । କେବଳ ପାଚିଲା ଅମୃତଭର୍ଣ୍ଡା ନିୟମିତ ଖାଇଲେ କୋଷ୍ଠବଦ୍ଧତା ରୋଗରଉପକାର ମିଳେ । ପ୍ରତିଦିନ କଞ୍ଚା ଅମୃତଭଣ୍ଡା ଚୋବାଇ ଖାଇଲେ ଅର୍ଶ ରୋଘୀ ଖୁବ୍ ବେଶୀ ଉପକାର ପାଇପାରିବେ । ସ୍ତ୍ରୀମାନଙ୍କର କ୍ଷୀର ନ ହେଉଥିଲେ ଅମୃତଭଣ୍ଡା ତରକାରୀ ବିଶେଷ ଉପକାରୀ ହୋଇଥାଏ ।



## ଶିକ୍ଷା ଦେଉଛି ଜାପାନ

ବୌଦ୍ଧଧର୍ମାବଲମ୍ବୀ ଜାପାନ ରାଷ୍ଟ୍ର ବିଶ୍ୱସ୍ତରରେ ସବୁବେଳେ ପ୍ରଶଂସାରେ ରହିଆସିଛି । ଶାନ୍ତିପ୍ରିୟ ଏଠାକାର ଲୋକେ ଜନସଂଖ୍ୟା, ଖାଦ୍ୟପାନୀୟ ଓ ସୁସ୍ଥତା ବାବଦରେ ଖୁବ ସଚେଜତନ । ଜାପାନରେ ଜନସଂଖ୍ୟା ସବୁବେଳେ ନିୟନ୍ତ୍ରଣରେ ରହିଆସିଥିବାବେଳେ ପ୍ରଦୂଷଣ ସେଠାରେ ୨%ରୁ କମ ସ୍ତରରେ ଥିବାର ଜଣାପଡ଼ିଛି । ସ୍ଥାନୀୟ ପ୍ରଶାସନର ପଦକ୍ଷେପକୁ ମଧ୍ୟ ପ୍ରଶଂସା କରାଯିବା ଉଚିତ । ପ୍ରମୁଖ ରାଷ୍ଟ୍ରମାନେ ଜଳ ସଙ୍କଟ ସମସ୍ୟାକୁ ନେଇ ଆଦୌ ସଚେତନ ନଥିବାବେଳେ ଜାପାନ କିନ୍ତୁ ୧୯୯୧ରୁ ପଦକ୍ଷେପ ନେବାକୁ ଆରମ୍ଭ କରିଛି । ସେଠାରେ ବର୍ଷା ହେଲେ ତାହାକୁ ବିଭିନ୍ନ ଉପାୟରେସଂରକ୍ଷିତ କରାଯାଇଥାଏ । ପରବର୍ତ୍ତୀ ସମୟରେ ସେଇ ପାଣିକୁ ରାସ୍ତାକଡ଼ ଗଛରେ ଦିଆଯିବା ସହ ରାସ୍ତାଘାଟ ସଫା ମଧ୍ୟ କରାଯାଇଥାଏ । ମିଳିଥିବା ତଥ୍ୟ ଅନୁସାରେ ଏଇ ପ୍ରୋଜେକ୍ଟ ଆରମ୍ଭ ଦିନରେ ସରକାର ୪୫-୭୫ କୋଟି ଟଙ୍କା ବ୍ୟୟ କରିଥିଲେ । ଏବେ ପର୍ଯ୍ୟନ୍ତ ଜାପାନର ପ୍ରତ୍ୟେକ ପ୍ରାନ୍ତରେ ଏଇ ବ୍ୟବସ୍ଥା ଖୁବ ସୁରୁଖୁରୁରେ ଚାଲୁଛି । ବିଶ୍ୱର ଅଗ୍ରଣୀ ରାଷ୍ଟ୍ରମାନଙ୍କୁ ଜାପାନ ସୁନ୍ଦର ଶିକ୍ଷା ଦେଉଛି କହିଲେ ଭୁଲ ହେବନି ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୯ ଜୁଲାଇ ୨୦୨୦, ବୁଧବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦଳବଦଳ...

ରାଜସ୍ଥାନରେ ଗତ କେଇ ସପ୍ତାହ ଧରି ଲାଗିଥିବା ରାଜନୈତିକ ଅଡୁଆ ତୁଟିବା ପରିବର୍ତ୍ତେ ଅଧିକ ଜଟିଳ ହେବାରେ ଲାଗିଛି । ସଚିନ ପାଇଲଟଙ୍କ ବିଦ୍ରୋହ ପରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ତାଙ୍କ (ସଚିନ ପାଇଲଟ) ମଧ୍ୟରେ ଲାଗିଥିବା ଟଣାଓଟରାଠାରୁ ବଳିପଡ଼ିଛି ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ ରାଜ୍ୟପାଳ କଲରାଜ ମିଶ୍ରଙ୍କ ବିବାଦ । ରାଜ୍ୟ ବିଧାନସଭାର ବିଶେଷ ଅଧିବେଶନ ଡକାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବକୁ ରାଜ୍ୟପାଳ ଦୁଇ ଦୁଇ ଥର ଅଗ୍ରାହ୍ୟ କରିଦେଇଛନ୍ତି । ପ୍ରଥମ ଥର ଏଭଳି ଅଧିବେଶନ ଡକାଯିବାର କାରଣ ଦର୍ଶାଇବା ସକାଶେ ରାଜ୍ୟପାଳ ଜାଣିବାକୁ ଚାହିଁଥିବାବେଳେ ଦ୍ୱିତୀୟ ଥର ସେହି କାରଣରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ ଅଗ୍ରାହ୍ୟ ହୋଇଥିବା ଜଣାପଡ଼ିଛି । ତେବେ ଆଗୁଆ ୨୧ ଦିନିଆ ନୋଟିସ୍ ଦେଇ ଓ ଉପଯୁକ୍ତ କାରଣ ଦର୍ଶାଇଲେ ମୁଖ୍ୟମନ୍ତ୍ରୀଙ୍କ ବିଧାନସଭା ଡାକରା ପ୍ରସ୍ତାବ ଉପରେ ସେ ବିଚାର କରିବେ ବୋଲି ଶ୍ରୀ ମିଶ୍ର ସ୍ପଷ୍ଟ କରିଛନ୍ତି । ରାଜ୍ୟପାଳଙ୍କ ଏଭଳି ଆଗ୍ରହ୍ୟ ବିରୋଧରେ କେବଳ ରାଜସ୍ଥାନ କଂଗ୍ରେସ ନୁହେଁ, ସମଗ୍ର କଂଗ୍ରେସ ଦଳ ପ୍ରତିକ୍ରିୟାଶୀଳ ହୋଇଉଠିଛି । ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ସୋମବାର ଦିନ ରାଜ୍ୟପାଳଙ୍କ ଏଭଳି ଆଚରଣ ସଂପର୍କରେ ସିଧାସଳଖ ଟେଲିଫୋନ ଯୋଗେ ଫେରାଦ ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗରେ । ଅନ୍ୟପକ୍ଷରେ କଂଗ୍ରେସ ଦଳର ତିନିଜଣ ପୂର୍ବତନ ଆଇନ ମନ୍ତ୍ରୀ (କପିଳ ଶିବଲ, ଅଶ୍ୱିନୀ କୁମାର ଓ ସଲମାନ ଖୁର୍ସିଦ ରାଜ୍ୟପାଳ କଲରାଜ ମିଶ୍ରଙ୍କ ନିକଟକୁ ପତ୍ର ଲେଖି ଏଭଳି ସାମ୍ବିଧାନିକ ସଂକଟ ଟାଳିବା ସକାଶେ ନିବେଦନ କରିଛନ୍ତି । ଅପରପକ୍ଷରେ ବରିଷ୍ଠ କଂଗ୍ରେସ ନତା ତଥା ପୂର୍ବତନ ମନ୍ତ୍ରୀ ପି.ଚିଦାମ୍ବରମ ସିଧାସଳଖ ଅଭିଯୋଗ ବାଢ଼ିଛନ୍ତି ଯେ, ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟପାଳମାନେ ସମ୍ବିଧାନର ପ୍ରତିଷ୍ଠିତ ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ରାଜସ୍ଥାନ କଂଗ୍ରେସର ରାଜଭବନ ଘେରାଉ ଏବଂ ରାଷ୍ଟ୍ରପତି ଭବନ ଘେରାଉ ସମେତ ଦେଶବ୍ୟାପୀ ଆନ୍ଦୋଳନାତ୍ମକ ସ୍ଥିତିକୁ ଜଟିଳ କରିପକାଇବା ପରି ପ୍ରତୀୟମାନ ହୁଏ । ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ, ମନ୍ତ୍ରିମଣ୍ଡଳର ଅନୁମୋଦନ କ୍ରମେ ବିଧାନସଭା ଡାକରା ପ୍ରସ୍ତାବକୁ ରାଜ୍ୟପାଳ ଗ୍ରହଣ କରିଥାନ୍ତି । କିନ୍ତୁ ଉପୁନ୍ନ ସ୍ଥିତିରେ ମୁଖ୍ୟମନ୍ତ୍ରୀ କେଉଁ କାରଣରୁ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଚାହାଁନ୍ତି, ତାହା ରାଜ୍ୟପାଳ ଶ୍ରୀ ମିଶ୍ର ଜାଣିବାକୁ ଇଚ୍ଛା ପ୍ରକଟ କରିଛନ୍ତି । ଏକଥା ଲକ୍ଷଣୀୟ ଯେ, ଅତୀତରେ ଯେଉଁସବୁ ରାଜ୍ୟରେ ଏଭଳି ଦଳବଦଳ, ସରକାରଙ୍କ ଆସ୍ଥା ଭୋଟ ଓ ସଂଖ୍ୟାଲଘୁ ହେବାଭଳି ପରିସ୍ଥିତି ଉପୁନ୍ନ ହୋଇଛି, ସେତେବେଳେ ରାଜ୍ୟପାଳଙ୍କ ପଦବି ହିଁ ସମାଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି । କେତେକ ସ୍ଥଳେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଏଥିରେ ଦିଶା ନିର୍ଦ୍ଦେଶକଙ୍କ ଭୂମିକା ଗ୍ରହଣ କରିଛନ୍ତି । ରାଜସ୍ଥାନ ଏହାର ସଦ୍ୟତମ ଉଦାହରଣ । ଦଳବଦଳ ଓ ବିଦ୍ରୋହ ଚଳନ୍ତି ରାଜନୀତିର ଏକ ସ୍ୱାଭାବିକ ଘଟଣାରେ ପରିଣତ ହୋଇଛି । ଏହା ସବୁ ଦଳରେ ସମୟାନ୍ତରରେ ଘଟୁଛି । କଂଗ୍ରେସ ଦଳରେ ଏହା ଏବେ ବାରମ୍ବାର ଘଟିଚାଲିଛି । ତେବେ ତାହା ସେ ଦଳର ଆଭ୍ୟନ୍ତରୀଣ ବ୍ୟାପାର । ଉପ-ମୁଖ୍ୟମନ୍ତ୍ରୀ ପଦ ଓ ଦଳର ରାଜ୍ୟ ଅଧକ୍ଷ ପଦରୁ ବିତାଡ଼ିତ କରିବା ପରେ ସଚିତ ପାଇଲଟଙ୍କ ପ୍ରତି ଏବେ ଦଳ ବିଦ୍ରୋହୀ ବିଧାୟକଙ୍କୁ ବାଦ୍ ଦେଲେ ସରକାର ସଂଖ୍ୟାଲଘୁ ହେବାର ଆଶଙ୍କା ରହିଛି । ତେଣୁ ସ୍ୱାଧୀନ ଓ ଅନ୍ୟ ଛୋଟମୋଟ ଦଳର ବିଧାୟକଙ୍କ ସମର୍ଥନରେ ଗେହଲଟ ନିଜ ସରକାରକୁ ବଞ୍ଚାଇ ରଖିବା ସକାଶେ ଆପ୍ରାଣ ଚେଷ୍ଟା ଚଳାଇଛନ୍ତି । ତେଣୁ ବିଭିନ୍ନ ଦଳର ବିଧାୟକ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସାନି ଆବେଦନ ଯାଚିକା ଦାଏର ପାଇଁ ସେ ପୂର୍ବ ଯାଚିକାକୁ ପ୍ରତ୍ୟାହାର କରିଛନ୍ତି । ଦଳୀୟ ଗୋଷ୍ଠୀକନ୍ଦଳ, ବିଦ୍ରୋହ କିମ୍ବା ଦଳ ତ୍ୟାଗ ଭିନ୍ନ କଥା । କିନ୍ତୁ ଏହାକୁ ନେଇ ଯେଉଁ ସାମ୍ବିଧାନିକ ସଂକଟ ଉପୁନ୍ନ ହେଉଛି ତାହା ଏକ ଅସୁସ୍ଥ ପରମ୍ପରା ସୃଷ୍ଟି କରୁଛି । ରାଜ୍ୟ ଓ କେନ୍ଦ୍ର ସରକାର ମଧ୍ୟରେ ଅବିଶ୍ୱାସିର ବାତାବରଣକୁ ଜନ୍ମ ଦେଉଛି । ମହାମାରୀ କରୋନା ସମୟରେ ସରକାର ଜନସାଧାରଣଙ୍କ ହିତସାଧନ ଉଦ୍ଦେଶ୍ୟରେ କାର୍ଯ୍ୟ କରିବା ପରିବର୍ତ୍ତେ ନିଜ ସରକାରକୁ ବଞ୍ଚାଇବା ଲାଗି ସମୟ ଅପଚୟ କରୁଛନ୍ତି । ଏ ଅଡୁଆ ଯେତେଶୀଘ୍ର ତୁଟିବ, ସମସ୍ତଙ୍କର ମଙ୍ଗଳ ।

# ବିଜ୍ଞାନର ଉନ୍ମାଦନା, ସାହିତ୍ୟ ଆଜି କାରାଗାରେ, ଦର୍ଶନ ଅନ୍ତର୍ଦ୍ଧାନ !

**ପଙ୍କଜ କୁମାର ପାଣିଗ୍ରାହୀ**

(ପୂର୍ବପ୍ରକାଶିତ ଉତ୍ତାରୁ...)

ଉପଯୁକ୍ତତା ଥିବା ମଣିଷର ସମାଜରେ ପରିଚୟ ନାହିଁ ! ବରଂ ସଂଖ୍ୟାଲଘୁ ଉପଯୁକ୍ତ ମଣିଷ ସମୂହ ଅଜ୍ଞାନ, ଅହଙ୍କାରୀ ପର୍ଯ୍ୟାପ୍ତଙ୍କ ଦ୍ୱାରା ପରିହାସ, ହେୟଜ୍ଞାନ ଏବଂ ସମାଲୋଚିତ ମଧ ହେଉଥିବା ଦେଖିବାକୁ ମିଳୁଛି । ଭାଷା, ସାହିତ୍ୟ ଉପରେ ପ୍ରଗାଢ଼ ଜ୍ଞାନ ନଥିବା ଅଧିକାଂଶ ମଣିଷ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ହୋଇଥାଇ ଅଧିକାଂଶ କ୍ଷେତ୍ରରେ ଜଟିଳ ସାହିତ୍ୟ ଗୁଡିକୁ ବୁଝିନପାରି ସେଗୁଡିକୁ ହେୟଜ୍ଞାନ କରୁଥିବା ଦେଖିବାକୁ ମିଳୁଛି । ଅଧିକନ୍ତୁ କହିବାକୁ ଗଲେ ପୁରୁଣା ସମୟର ସେହିସବୁ କବି, ଲେଖକଙ୍କ ଭାଷା, ସାହିତ୍ୟକୁ ଆଜିକା ଦିନରେ କେହି ସମକକ୍ଷ ହେବାତ ଦୂରର କଥା ସେଗୁଡିକୁ ଭଲଭାବେ ବୁଝିପାରିବେ ନାହିଁ କି ବ୍ୟାଖ୍ୟା କରିପାରିବେ ନାହିଁ । ତଥାପି ନିଜର ଆତ୍ମସମ୍ମାନ୍ନ ଦାବୀକରି ଆଜିକାଲି ଆଧୁନିକ କବିତା ଠାରୁ ଆରମ୍ଭ କରି ପ୍ରବନ୍ଧ ହେଉ କିମ୍ବା ଅନ୍ୟକୌଣସି ଆଲେଖ୍ୟ ଗୁଡିଏ ପ୍ରତିପାଦନ କରି ନିଜର ମିଥ୍ୟା ପ୍ରତିଭା ପ୍ରଦର୍ଶନ ପୂର୍ବକ ସମାଜର ଶୀର୍ଷରେ ସମ୍ମାନିତ ହେବାପାଇଁ କ୍ଷୁଧାତୁର ମଣିଷଙ୍କ ସଂଖ୍ୟା ସବୁଠାରୁ ଉର୍ଦ୍ଧରେ ! ବର୍ତ୍ତମାନ ପୁସ୍ତକ/ପତ୍ରିକା ମାନଙ୍କରେ ପ୍ରକାଶିତ ବିଭିନ୍ନ ଆଲେଖ୍ୟ ଗୁଡିକ କେବଳ ପୂର୍ବରୁ ଘଟିଥିବା କିମ୍ବା ଚଳିତ ଘଟଣା ଗୁଡିକ ଉପରେ ଅଥବା କୌଣସି ସନ୍ଥ/ ଦାର୍ଶନିକଙ୍କ ମତବାଦ ଉପରେ ଆଧାରିତ ଥିବା ବ୍ୟତୀତ ନିଜ ଅନ୍ତର୍ଜ୍ଞାନରୁ ଉଦ୍ଧୃତ ବାସ୍ତବ ପ୍ରମାଣଗତ କୌଣସି ତଥ୍ୟ ଦେଖିବାକୁ ମିଳୁନାହିଁ କାହାର ଲେଖା ଗୁଡିକରେ । ଆଜିକାଲିର ଯାନ୍ତ୍ରିକ ମାଧ୍ୟମ ଗୁଡିକର ପ୍ରଖରତା ହେତୁ ଏହିସବୁ ଖବର ଉପରେ ଆଧାରିତ ସମସ୍ତ ତଥ୍ୟ ମୁଦ୍ରଣ ମାଧ୍ୟମ ପୂର୍ବରୁ ସମସ୍ତଙ୍କ ପାଖରେ ପହଞ୍ଚିଯାଉଥିବା ହେତୁ ମୁଦ୍ରଣ ମାଧ୍ୟମ ଗୁଡିକ ଉପରେ ପାଠକଙ୍କ ଆଗ୍ରହ ରହୁନଥିବା ଦେବାକୁ ମିଳୁଛି । ନାନାମୁନିଙ୍କ ନାନା ମତ ଭଳି ଅନେକ ଭିତ୍ତିହୀନ ଅବାସ୍ତବ ତଥ୍ୟ ଗୁଡିଏ ନିଜକୁ ଯାହା ଭଲ ଲାଗେ, ତାହାରି ଉପରେ ଆଧାର କରି ଅନେକ ତଥ୍ୟ ପ୍ରକାଶ ପାଇବାଦ୍ୱାରା ପାଠକଙ୍କ ମୁଦ୍ରିତ ଲେଖା ଗୁଡିକ ଉପରେ ପ୍ରାୟତଃ ଭରସା / ଆଗ୍ରହ ହଜିଯାଇଥିବା ଅଗ୍ରାହ୍ୟ କରାଯାଇ ପାରିବନାହିଁ! କୌଣସି ଲେଖାଟିରେ ନୂତନତ୍ୱନଥାଇ କିମ୍ବା ତଥ୍ୟଭିତ୍ତିକ ତଥା ସାର୍ବଜନୀନ କ୍ଷେତ୍ରରେ ଉପଯୋଗୀତା ନଥାଇ ଗୋଷ୍ଠୀ କୈନ୍ଦ୍ରିକ ଏବଂ ସ୍ୱାର୍ଥକୈନ୍ଦ୍ରିକ ମତବାଦ ଉପରେ ଆଧାରିତ ଅନେକ ପୁସ୍ତକ/ପତ୍ରିକା ପ୍ରକାଶ ପାଉଥିବା ହେତୁ ପାଠକ ମାନଙ୍କ ମୁଦ୍ରଣ ମାଧ୍ୟମ ପ୍ରତି ଏକପ୍ରକାର ନୈରାଶ୍ୟ ଭାବ ଦେଖିବାକୁ ମିଳୁଛି! କିଛି ନୂତନତା ସହିତ ମାନସ ମନ୍ଥନ କଲାଭଳି ଆଲେଖ୍ୟ ତଥା ସର୍ବଜନ ହିତରେ ଉଦେଶ୍ୟ ରଖି ଲେଖା ଗୁଡିକ ଉପସ୍ଥାପନ କରାଗଲେ ପାଠକଙ୍କ ଆଗ୍ରହ ରହିଥା'ନ୍ତା ଯାହା ଆଜି ଆଉ ସେହିଭଳି ଲେଖା ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ ! ଅଧିକାଂଶ କ୍ଷେତ୍ରରେ ବାସ୍ତବିକ ସାହିତ୍ୟିକ ମାନଙ୍କ ଲେଖା ଦେଖିବାକୁ ମିଳୁନଥିବାବେଳେ କେବଳ ସାମାଜିକ ସ୍ଥାନପ୍ରଭୁ ମଣିଷଙ୍କ ଲେଖାଗୁଡିକୁ ପ୍ରାଧାନ୍ୟତା ଦିଆଯାଉଥିବା ହେତୁ ସମ୍ପୃକ୍ତ ଲେଖାଗୁଡ଼ିକରେ କୌଣସି ସାମାଜିକ ସଚେତନତା ତଥା ନୂତନତ୍ୱ ନଥାଇ କେବଳ ପ୍ରଚାର ଲକ୍ଷ ଅଧିକ ଥିବା ଦେଖିବାକୁ ମିଳୁଛି ! ଦେଖିବାକୁ ଗଲେ ସାହିତ୍ୟିକ ଲେଖା ଆଉ ନାହିଁ କହିଲେ ଚଳେ! ଆସନ୍ତା ଭବିଷ୍ୟତରେ ଏହିଭଳି ଦିନକୁ ଦିନ ଭାଷା, ସାହିତ୍ୟର ଅବକ୍ଷୟ ହୋଇ ଚାଲିଲେ ଧିରେ ଧିରେ ଆମ ସମାଜ ଗୋଟିଏ ଜୀବନ ବିହୀନ ମଣିଷସମାଜରେ ପରିଣତ ହେବା ନିଶ୍ଚିତ ! କାରଣ ଭାଷା, ସାହିତ୍ୟ ମଣିଷର ସାମାଜିକ ଜୀବନର ପ୍ରଥମ ଆଧାର । ତେଣୁ ମାତୃଭାଷା, ସାହିତ୍ୟର ସଂରକ୍ଷଣ, ସୁଦ୍ଧାର ଉପରେ ଗୁରୁତ୍ୱ ଦିଆନଗଲେ ଆସନ୍ତାପିଢ଼ିଙ୍କ ସାମାଜିକ ବ୍ୟବସ୍ଥା ଉପରେ ପ୍ରକାଣ୍ଡ କୁପ୍ରଭାବର ପ୍ରକୋପକୁ କେହି ରକ୍ଷା କରିପାରିବେ ନାହିଁ ବୋଲି ଆମର ବିଚାରରେ ଆପଣଙ୍କ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେବେବୋଲି ଆଶା !

ସ୍ମରଣିକା ସହିତ ଭବିଷ୍ୟ ଅନୁମାନ ମିଶ୍ରଣ ହୋଇ ଭାବଧାରାକୁ ବିଶ୍ଳେଷଣ, ମନ୍ଥନ କଲେ ଅନ୍ତରୀକ୍ଷ ବହିର୍ଭୂତ କ୍ଷେତ୍ର ପ୍ରସ୍ତୁତ ହୋଇ ମନ ମାନସରେ ଆଶାତୀତ ଲୌକିକ, ଅଲୌକିକ ବିଷୟ ଗୁଡିଏ ଜାତ ହୋଇଥାଏ । ସେହି ଭାବଧାରାରୁ ବହିର୍ଭୂତ ତଥ୍ୟକୁ ଦାର୍ଶନିକ ତତ୍ତ୍ୱ ବୋଲି କୁହାଯାଇଥାଏ, ଯାହା ବିରଳ ସଂଖ୍ୟକ ମଣିଷ ମାନଙ୍କ ପକ୍ଷରେ ସମ୍ଭବ ହୋଇଥାଏ, ସମ୍ପୃକ୍ତ ମଣିଷର ଜନ୍ମଗତ ଗୁଣ, ଚରିତ୍ରକୁ ନେଇ ! ସେହି ଭାବଧାରାରୁ ଉଦ୍ଧୃତ ବିଷୟଗୁଡିକୁ ଭାଷା, ସାହିତ୍ୟ ମାଧ୍ୟମରେ ପ୍ରକାଶ କରି ବିଭିନ୍ନ ରୂପରେଖ ଦିଆଯାଇଥାଏ ! ସମ୍ପୃକ୍ତ ଭାବଧାରା ଗୁଡିକରେ ତ୍ରିକ, ଅତ୍ରିକ ମତାମତ ଗୁଡିଏ ରହିଥାଏ ଯାହା ମଣିଷର ଉତ୍ତୋରତ୍ତର ଉନ୍ନତି ଦିଗରେ ଯଥେଷ୍ଟ ସହାୟକ ତଥା କେତେବେଳେ ସମାଜକୁ ନୁମ୍ନଗାମୀ କରିବାରେ ସମର୍ଥ ହୋଇଥାଏ । ବାସ୍ତବିକ କିଛି ମଣିଷଙ୍କ ଦାର୍ଶନିକ ତତ୍ତ୍ୱଜ୍ଞାନ ଉପରେ କ୍ଷମତା ଥିବାବେଳେ ମାନସିକତାରେ ବିଯୁକ୍ତାତ୍ମକ ଚିନ୍ତାଧାରା ରହିଥିବା ହେତୁ ସେମାନେ ଅଲୌକିକ, ଛଳନାତ୍ମକ ତଥା ଭ୍ରାନ୍ତିକର ତଥ୍ୟ ଗୁଡିଏ ଉପସ୍ଥାପନ କରି ସାଧାରଣ ମଣିଷ ସମାଜକୁ ଜ୍ଞାତ/ଅଜ୍ଞାତରେ ନିମ୍ନଗାମୀ କରିବାରେ ସମର୍ଥ ହୋଇଥିବାବେଳେ ଯୁକ୍ତାତ୍ମକ ତଥା ତଥ୍ୟଭିତ୍ତିକ ଚିନ୍ତନର ଦାର୍ଶନିକ ତଥ୍ୟ ପ୍ରଦାନକାରୀ ମଣିଷ ମାନେ ସମାଜକୁ ବଳିଷ୍ଠ ଉପାଦାନ ପ୍ରଦାନ କରି ସାମାଜିକ ବ୍ୟବସ୍ଥକୁ ସୁଧାରି ଏକ ପ୍ରେମମୟ ବାସ୍ତବବାଦୀ ମଣିଷ ସମାଜ ଗଠନ ଦିଗରେ କାର୍ଯ୍ୟ କରିଥାନ୍ତି । ଏହି ଦୁଇ ପ୍ରକାର ଦାର୍ଶନିକଙ୍କ ମତଭେଦ ଗୁଡିକୁ ବୁଝିନପାରି ଯିଏ ବିପାରତମୁଖୀ ଚିନ୍ତନ ଗୁଡିକୁ ଆଲୋଡନ କରୁଥାଏ ସେହି ମଣିଷଗୁଡ଼ିକର ସାମାଜିକ ସ୍ଥିତିରେ ଉନ୍ନତି ହେଉନଥିବାବେଳେ ବାସ୍ତବବାଦୀ ଦାର୍ଶନିକ ତତ୍ତ୍ୱ ଉପରେ ପ୍ରାଧାନ୍ୟତା ଦେଇ ନିଜ ଜୀବନ କ୍ଷେତ୍ରରେ ଉପଯୋଗ କରୁଥିବା ମଣିଷ ମାନେ ସମାଜର ଉର୍ଦ୍ଧସ୍ଥାନ ଅଧିଗ୍ରହଣ କରିବାରେ ସକ୍ଷମ ହୋଇଥାନ୍ତି । ହେଲେ ବାସ୍ତବିକ ପୂର୍ବକାଳରୁ ଯେଉଁସବୁ ଦାର୍ଶନିକ ବିଭିନ୍ନ ସମୟରେ ସମାଜକୁ ଆଶାତୀତ ତଥ୍ୟ ଗୁଡିଏ ପ୍ରଦାନ କରିଯାଇଛନ୍ତି ଆଜି ଆଉ ସେହି ଦାର୍ଶନିକ ତଥ୍ୟ ଗୁଡିକ ଉପରେ କାହାର ଆଗ୍ରହ ନଥିବା ଦେଖିବାକୁ ମିଳୁଛି । ତଥା ଦାର୍ଶନିକ ତଥ୍ୟ, ତତ୍ତ୍ୱ ଉପରେ ଗଭୀର ଜ୍ଞାନ ନଥାଇ ସେଗୁଡିକୁ ବୁଝିବା, ବ୍ୟବହାର କରିବା କାଠିକର ପାଠରେ ପରିଣତ ହୋଇଥିବାବେଳେ ଦର୍ଶନତତ୍ତ୍ୱ ଉପସ୍ଥାପନ କରିବା ଭଳି ମଣିଷ ବିରଳରୁ ବିରଳତ୍ତର ସଂଖ୍ୟକ ଦେଖାଯାଉଥିବା ବେଳେ ସେମାନଙ୍କ ସାମାଜିକ ଗ୍ରହଣୀୟତା ଆଜିସମୟରେ ଅସମ୍ଭବ ହୋଇପଡିଥିବା ହେତୁ ସମାଜରୁ ଦର୍ଶନ ଅନ୍ତର୍ଦ୍ଧାନ ହୋଇଯାଇଥିବା ଭଳି ମନେହେଉଛି ! କୌଣସି ସୁଯୋଗରୁ ସମାଜର ବିଭିନ୍ନ ସ୍ଥାନ ଅଧିଗ୍ରହଣ କରିବାରେ ସମର୍ଥ କିଛି ମଣିଷ ସବୁ ସାଂସାରିକ କର୍ତ୍ତବ୍ୟ ସମ୍ପାଦନ କଳାପରେ ଯଶ ଖ୍ୟାତି ଅର୍ଜନ କରିବା ଲକ୍ଷରେ ଅନେକ ପୁସ୍ତକ, ପତ୍ରିକା, ପ୍ରଚାରପତ୍ର ଇତ୍ୟାଦି ମୁଦ୍ରଣ କରି ସମାଜରେ ବିତରଣ କରି ଲୋକଙ୍କ ମନକୁ ଜିତିବାପାଇଁ ଉଦ୍ୟମରତ ଥିବା ଦେଖିବାକୁ ମିଳୁଛି ! ସରକାରୀ ଉଦାସୀନତା ହେତୁ କୌଣସି ବାସ୍ତବତା, ସାମାଜିକ ଗ୍ରହଣୀୟତା କିମ୍ବା ଉପଯୁକ୍ତତା ନଥାଇ ସମାଜର ମାଙ୍ଗଳିକ ହେଉ କିମ୍ବା ଅମଙ୍ଗଳ, ଯିଏ ଯାହା ଇଚ୍ଛା ମୁଦ୍ରଣ କରି ପ୍ରଚାର, ପ୍ରସାର କରିବାରେ ସମର୍ଥ ଆମ ଦେଶର ସାମାଜିକ ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ହେଉଥିବା କାହାର ଧ୍ୟାନ ନାହିଁ କି ସଚେତନତା କିମ୍ବା ବନ୍ଧନ, ଏହିଭଳି ସମାଜର ଗତି ଯେଉଁଆଡେ ଆମେ ସମସ୍ତେ ଦେଖୁଛେ ! ପ୍ରକାଶଥାଉକି, ପୂର୍ବରୁ ଘଟିଯାଇଥିବା କିମ୍ବା ଚଳିତ ସମୟର କୌଣସି ଘଟଣା ହେଉ କିମ୍ବା କୌଣସି ଦାର୍ଶନିକ, ମହାପୁରୁଷ, ଦେଶପ୍ରେମୀ ଅଥବା ସଂସ୍କାରକଙ୍କ ବାଣୀ ଗୁଡିକୁ ପୁନରାବୃତ୍ତି କରି ନିଜକୁ ସୁହାଇଲାଭଳି ରୂପାନ୍ତରିତ କରି ପ୍ରକାଶ କରାଯିବା ବିଷୟକୁ ଖବର ବୋଲି କୁହାଯାଇପାରେ ! ସେଗୁଡିକ ପୂର୍ବରୁ ପ୍ରକାଶ ପ୍ରସାର ହୋଇସାରିଥିବା ହେତୁ କୌଣସି ନୂତନତ୍ୱ ନଥାଇ ଅଖିଦୃଷ୍ଟିଆ ସାମାଜିକ ପ୍ରଭାବ ପକାଉନଥିବା ବେଳେ ତାହାର ଜନାଦୃତତା ଦେଖିବାକୁ ବିରଳ ହୋଇଥାଏ ! ଉଦାହରଣ ସ୍ୱରୂପ ରାମାୟଣ, ମହାଭାରତ ଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ, ଐତିହାସିକ, ଭୌଗଳିକ ତଥା ବିଜ୍ଞାନିକ ତଥ୍ୟ ଯାହାସବୁ ବହୁତ ପୂର୍ବରୁ ପ୍ରକାଶ ପ୍ରଚାର ହୋଇସାରିଛି, ସେଗୁଡିକୁ ହିଁ କିଛି ଲେଖକ ପୁନରାବୃତ୍ତି କରି ତାହାର ଡାଞ୍ଚା ପରିବର୍ତ୍ତନ କରି ଅନେକ ପୁସ୍ତକ, ପତ୍ରିକା ମାଧ୍ୟମରେ ନିଜର ପ୍ରଚାର କରିବା ଲକ୍ଷ ରଖୁଥିବା ଦେଖିବାକୁ ମିଳୁଛି ! ବିଡମ୍ବନାର କଥା ଏହାକି ସେମାନେ ଯାହାସବୁ ଲେଖନ୍ତି ସେସବୁ ସେମାନଙ୍କ ପାଇଁ ନୂତନ ହୋଇଥାଇପାରେ କିନ୍ତୁ ସମାଜ ପାଇଁ ନୁହେଁ ବୋଲି ସେମାନଙ୍କ ବିଚାର, ସ୍ମରଣିକା ବହିର୍ଭୂତ ହୋଇଥାଏ ! ସେମାନଙ୍କ ଲକ୍ଷ କେବଳ ନିଜର ମିଥ୍ୟା ପ୍ରତିଭାକୁ ପ୍ରଦର୍ଶନ କରି କିଛି ନାଁ ଅର୍ଜନ କରିବା ଯେଉଁଥିରେ ସମାଜର କୌଣସି ମଙ୍ଗଳ ହେବା ନଗଣ୍ୟ ମାତ୍ର ! କାରଣ ବାରମ୍ବାର ସେହି କଥାକୁ ପଢିବା ପାଇଁ ଜନାଦୃତତା ନଥାଏ ଯାହା ସମସ୍ତେ ଜାଣନ୍ତି! ନିଜସ୍ୱ ଅନ୍ତର୍ଜ୍ଞାନରୁ କୌଣସି ସଂସ୍କାରମୂଳକ ଆଲେଖ୍ୟ ଲେଖିବା ସାମର୍ଥ୍ୟ ଥିବା ଲେଖକ କିମ୍ବା ଆଲେଖ୍ୟ ଆଉ ନାହିଁ! ଆଉ ଯଦି ଥାଏ ସେଗୁଡିକୁ କେହି ବୁଝିପାରିବା ଭଳି ସାମର୍ଥ୍ୟବିହୀନ ସମାଜରେ ସେମାନଙ୍କ କୌଣସି ସ୍ଥାନ ନଥିବା ହେତୁ ଦାର୍ଶନିକ ତତ୍ତ୍ୱଜ୍ଞାନ ଏବଂ ଲେଖକଙ୍କ ଉପସ୍ଥିତି ମଳିନ ପଡିଯାଉଥିବା ଅସ୍ୱୀକାର କରିହେବ ନାହିଁ ! ସ୍ୱାର୍ଥକୈନ୍ଦ୍ରିକ ବିଚାରଧାରା ହେତୁ ପ୍ରକୃତ ପ୍ରତିଭାର ସ୍ଥାନ ସମାଜରେ ମଳିନ ପଡିଯାଉଥିବା ବେଳେ ମିଥ୍ୟା ପ୍ରତିଭାଧାରୀଙ୍କ କୋଳାହଳ ସରଗରମ କରିଦେଉଛି ସମାଜକୁ ଯାହାକୁ ସମସ୍ତେ ଅନିଚ୍ଛାସତ୍ୱେ ଗ୍ରହଣ କରିବାକୁ ବାଧ ହେଉଛନ୍ତି! ଦାର୍ଶନିକ ବିଚାରଧାରା, ଆଲୋଡ଼ନର ତତ୍ତ୍ୱଜ୍ଞାନ ନାହିଁ କି ତାହାର ସମ୍ମାନ ନାହିଁ ଆଜିକା ସମାଜରେ ଯାହା ମଣିଷକୁ ବିପଥରେ ନେଇଯିବାରେ ଯଥେଷ୍ଟ ସହାୟକ ହେଉଥିବା ହେତୁ ସବୁ ମଣିଷଙ୍କ ଏକ ପ୍ରକାର ଅଜ୍ଞାନ ନିର୍ବୋଧତା ସମାଜକୁ ତଳିତଳାନ୍ତ କରୁଥିବା ଦେଖିବାକୁ ମିଳୁଛି ! ଅଧିକନ୍ତୁ ଆଜିଦିନରେ ଦାର୍ଶନିକ ଚିନ୍ତାଧାରା, ତତ୍ତ୍ୱଜ୍ଞାନ ସମାଜରୁ ସମ୍ପୂର୍ଣ୍ଣଭାବେ ଅନ୍ତର୍ଦ୍ଧାନ ହୋଇଯାଇଅଛି କହିଲେ ଅତ୍ୟୁକ୍ତି ହେବନାହିଁ !!

ଆଲୋଡିତ ଅନୁଶୀଳନୀଟି ଉପରେ ଆଧାରକରି ବିଶ୍ଳେଷିତ ତଥ୍ୟ ପ୍ରଦାନ ପୂର୍ବକ କୁହାଯାଇପାରେ ଯେ ମାତୃଭାଷାର ଯଥାର୍ଥ ଉପଯୋଗ କରି ଦାର୍ଶନିକ ତଥ୍ୟ, ତତ୍ତ୍ୱ ଉପରେ ଗଭୀର ମନୋନିବେଶ କରାଗଲେହିଁ ମନରେ ବିଜ୍ଞାନିକ ଚିନ୍ତନ ସୃଷ୍ଟି ହେବାସହିତ ବିଜ୍ଞାନିକ ଉପଯୋଗୀତା ଗୁଡିକ ଜାଣିବାକୁ ମିଳିବ ଯାହା ଗୋଟିଏ ସୁନ୍ଦର ଜୀବନ ଶୈଳୀ ପ୍ରଦାନ କରିବାରେ ସାହାଯ୍ୟ କରିପାରିବ । ଆଜି କିନ୍ତୁ ତାହାର ସମ୍ପୂର୍ଣ୍ଣ ବିପରୀତମୁଖି ବିଚାରଧାରା ମଣିଷକୁ ମାନବିକଧର୍ମୀ ବଦଳରେ ରାକ୍ଷସ କରିଦେବାରେ କାହାର ଅନୁଧ୍ୟାନ ନାହିଁ କିମ୍ବା ସେସବୁକୁ ସୁଧାରିବାରେ କାହାରେ ଆଗ୍ରହ ନଥିବା ହେତୁ ଏକ ବିଦ୍ୱେଷ ଭାବାପନ୍ନ ସମାଜ ବିଶ୍ୱବ୍ୟାପୀ ଦେଖିବାକୁ ମିଳୁଛି ! ତେଣୁ ଶିକ୍ଷାକ୍ଷେତ୍ରଠାରୁ ଆରମ୍ଭ କରି ବିଭିନ୍ନ ଲେଖା ମାଧ୍ୟମ ଗୁଡିକ ଲେଖକର ସାମାଜିକ ସ୍ଥିତିକୁ ପ୍ରାଧାନ୍ୟତା ପୂର୍ବକ ମୂଲ୍ୟହୀନ ଲେଖା ଗୁଡିଏ ଉପରେ ଗୁରୁତ୍ୱ ନଦେଇ ସାମାଜିକ ସୁଧାର, ସଂସ୍କାର ଉପରେ ଆଲୋଡିତ ସାହିତ୍ୟିକ ଏବଂ ଦାର୍ଶନିକ ତଥ୍ୟ, ତତ୍ତ୍ୱ ଉପରେ ପ୍ରାଧାନ୍ୟତା ରଖୁଥିବା ଲେଖା ଗୁଡିକ ସାମାଜିକ କ୍ଷେତ୍ରରେ ପ୍ରଚାର, ପ୍ରସାର ପାଇଁ ଉଦ୍ୟମ କଲେ ସାଧାରଣ ମଣିଷ ମନରେ ସାମାଜିକ ତଥା ଦାର୍ଶନିକ ତତ୍ତ୍ୱ ବୁଝିବା କ୍ଷମତା ଜାଗ୍ରତ ପୂର୍ବକ ପରିବର୍ତ୍ତିତ ମାନବିକତାର ସଙ୍ଗଠିତ ଚରିତ୍ର ଏକ ପ୍ରେମମୟ ସମାଜ ଗଠନ କରିବାରେ ସହାୟକ ହୋଇପାରିବ ବୋଲି ଆମ ଚିନ୍ତାଧାରାରେ ଆପଣଙ୍କ ବିଚାରଶୀଳ ମନ୍ତବ୍ୟ ଅପେକ୍ଷାରେ..........?!! (ସମାପ୍ତ)

ଧନ୍ୟବାଦ

ସୋସିଆଲ ଫୋରମ୍ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ. ୯୪୩୭୩୨୪୯୧୭

## କବିତା କୋଣାର୍କ




### ଠକ....

କୁନା ସେଠୀ

ଠକିବା ଠେକିବା ସବୁ ମଣିଷର
ଦେହ ଲଗା ଗୁଣ ଟିଏ
ନିଜକୁ ପଚାର ଏହି କାମଟିକୁ
କରିଛ ନା କେବେ କିଏ ?

ଗରାଖ କହୁଛି ଠକି ଦେଲି ଆଜି
ଗାଆଁ ବୁଢ଼ା ଦୋକାନୀକୁ
ଦୋକାନୀ ଭାବୁଛି ପାଞ୍ଚ ପଚିଶି
ମାରି ନେଲି ଗ୍ରାହକ କୁ ।

ଛାତ୍ର ଭାବୁଅଛି ଜାଣି ପାରିଲେନି
ଶିକ୍ଷକ ଆମରି କଥା
ମିଛ କହି ଆମେ ପାରି ହୋଇଗଲେ
ନ ଲେଖି ନ ପଢ଼ି ଯଥା ।

ଶ୍ରମିକ ଭାବୁଛି କାମରେ ଟିକିଏ
ଫୁରୁସତ ନେବା ପାଇଁ
ମାଲିକ ଟିକିଏ ଘୁଞ୍ଚି ଗଲେ ସେଠୁ
ବସିଯିବ ଟିକେ ଯାଇ ।

ପିଲାମାନେ ସବୁ ମିଛ କଥା କହି
ବାପା ମାଆକୁ ଠକନ୍ତି
ପାଠ ପଢ଼ିବା ନାଆଁରେ ସେମାନେ
ସିନେମା ପାର୍କ ବୁଲନ୍ତି ।

ଠକିବା ପାଇଁ କି ମୋବାଇଲ ଏବେ
ସୁନ୍ଦର ମାଧ୍ୟମ ଟିଏ
ଏଇଠି ଅଛିରେର ଯାଉଛି ଯାଉଛି
କହି କହି ଦିନ ଯାଏ ।

ରାଜନୀତି ଟା ତ ଠକର ଘର ଟା
ଠକ ବିନା ସାତ ପର
ଠକା ଠକି କରି ଲୁଟି ନେଉ ଥାନ୍ତି
ଦେଖିଲେ ଲାଗଇ ଡର ।

ଅଫିସର ବାବୁ ଅଫିସରେର ବସି
ଠକି ଥାନ୍ତି ଭଦ୍ର ଭାବେ
ଦୋକାନୀ ଭାଇନା ଦୁଇ ନମ୍ବରକୁ
ଏକ ନମ୍ବରରେ ଦେବେ ।

କାମ ପଡ଼ିଗଲେ ମିଛ ସତ କହି
ଠକୁଥାନ୍ତି କର୍ମଚାରୀ
ବାହାନା ଦେଖାଇ ଦାୟିତ୍ୱରେ ଥାଇ
ବୁଲୁଥାନ୍ତି ଘିରି ଘିରି ।

ମିଛ ସତ ପରା ଦୁନିଆ ଏଇଟା
ଠକରେ ଚାଲଇ ଘର
କିଏ ମରିଗଲେ ତାଙ୍କର ଯାଏନି
ସବୁ ଆପଣା ତ ପର ।

ଠକିବା ଠେକିବା ପାରେ ନାହିଁ କିଏ
ସବୁ ଦେଖେ ଚକା ଆଖି
ଠକ ଗୁଣଟା ତ ନିଜର ବଢ଼ଇ
ହିସାବ କରୁଥା ଲେଖି ।

ବଞ୍ଚିବା ପାଇଁ ତ ସଂଗ୍ରାମ କରନ୍ତି
ଦୁନିଆ ଜାକର ଜନ
ଠକି କି ଆଣିଲେ କେବେ ଅଣ୍ଟିବନି
ଜାଣି ରଖିଥାରେ ମନ ।

ଠକିବାର ଅର୍ଥ ନିଜକୁ ନିଜେରେ
ଭଗବାନ ଦରବାରେ
କେହିତ କାହାକୁ ଠକି ପାରନ୍ତିନି
ବୁଝିଯାଅ ଟିକି ଥରେ ।

+ ଭୂତସରସିଙ୍ଗି
ଗଞ୍ଜାମ

# କାରଗିଲ ବିଜୟ ଦିବସର ଅନୁଚିନ୍ତା

**ପ୍ରଦୀପ୍ତ ଆଚାର୍ଯ୍ୟ**



ଆମ ଦେଶରେ ପାଳିତ ହେଉଥିବା ଜାତୀୟ ପର୍ବ ମାନଙ୍କ ପରି.କାରଗିଲ ବିଜୟ ଦିବସ ଅନ୍ୟତମ ପାଳିତ ଦିବସ। ଯଦିଓ ଏହା ଜାତୀୟ ଦିବସର ମାନ୍ୟତା ପ୍ରାପ୍ତ ହୋଇନାହିଁ, ତଥାପି ଏହା ପ୍ରତ୍ୟେକ ଭାରତୀୟ ମାନଙ୍କ ମନରେ ଉଗ୍ର ଜାତୀୟତା ବୋଧ ସୃଷ୍ଟି କରିଥାଏ। କାରଗିଲ ଯୁଦ୍ଧରେ ସହିଦ ହୋଇଥିବା ଅମର ଯବାନ୍ ମାନଙ୍କ ସ୍ମୃତି ଏବଂ ସମାନ୍ନାର୍ଥେ ୧୯୯୯ ମସିହା ଜୁଲାଇ ୨୬ ତାରିଖ ଠାରୁ ଜାତି ଧର୍ମ ବର୍ଣ୍ଣ ଆଂଚଳିକତା ନିର୍ବିଶେଷରେ, ଦେଶର କୋଣ ଅନୁକୋଣର ପ୍ରତ୍ୟେକ ସଚେତନ ଭାରତୀୟ ଏହି ଦିବସଟିକୁ ଅତ୍ୟନ୍ତ ଉତ୍ସାହ ଓ ଆଗ୍ରହର ସହିତ ପାଳନ କରି ଆସୁଛନ୍ତି। ଭାରତୀୟ ମାନଙ୍କ ମନରେ ଜାତୀୟତା ଭାବର ଉଦ୍ରେକ ତଥା ଦେଶକୁ ଶତ୍ରୁ କବଳରୁ ରକ୍ଷାକରି, ଦେଶର ଅଖଣ୍ଡତା ବଜାୟ ରଖିବା ନିମନ୍ତେ ନିଜର ପ୍ରାଣ ବିସର୍ଜନ କରିଥିବା ସହିଦ ଯବାନ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।କାରଗିଲ ବିଜୟ ଦିବସର ଇତିହାସ, ଜାମୁ କାଶ୍ମୀର ସ୍ଥିତ ଲଦାଖ ଅଂଚଳର କାରଗିଲ ନାମକ ସ୍ଥାନରେ,ଭାରତ ଓ ପାକିସ୍ଥାନ ମଧ୍ୟରେ ସଂଘଟିତ ହୋଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧର ଇତିହାସ।

୧୯୪୭ ମସିହା, ଭାରତର ସ୍ୱାଧୀନତା ପରଠାରୁ,ଭାରତ ଓ ପାକିସ୍ଥାନ ମଧ୍ୟରେ ମନୋମାଳିନ୍ୟ ଏବଂ ଦ୍ୱନ୍ଦ ଏକ ସାଧାରଣ ଓ ଦୈନନ୍ଦିନ ଘଟଣା କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତ ଏକ ଶାନ୍ତିକାମୀ ରାଷ୍ଟ୍ର ଏବଂ ପାକିସ୍ଥାନ ସହିତ ବିଭିନ୍ନ ସମୟରେ ବିଭିନ୍ନ ଶାନ୍ତିଚୁକ୍ତି ସଂପାଦିତ ହୋଇଥିଲେ ମଧ୍ୟ, ପାକିସ୍ଥାନ ଚୁକ୍ତି ଉଲଙ୍ଘନ କରି ବାରମ୍ବାର ଭାରତ ମଧ୍ୟକୁ ଗୁପ୍ତରେ ସନ୍ତ୍ରାସବାଦୀ ମାନଙ୍କୁ ଅନୁପ୍ରବେଶ କରାଇ ଭାରତର ଆଭ୍ୟନ୍ତରୀଣ ଶାନ୍ତି ବ୍ୟାହତ କରାଇବା ନିମନ୍ତେ ସଦା ସର୍ବଦା ଚେଷ୍ଟିତ। ୧୯୭୧ ମସିହାରେ ଭାରତ, ପୂର୍ବ ପାକିସ୍ଥାନକୁ ପାକିସ୍ଥାନ କବଳରୁ ମୁକ୍ତ କରାଇ, ବାଂଲାଦେଶ ନାମରେ ଏକ ସ୍ୱାଧୀନ ରାଷ୍ଟ୍ର ଗଠନରେ ସହାୟତା ପ୍ରଦାନ କରିବା ପୂର୍ବକ, ୧୯୭୧ ମସିହା ଡିସେମ୍ବର ୩ ତାରଖରୁ ଆରମ୍ଭ ହୋଇ ଡିସେମ୍ବର ୧୬ ତାରଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ପ୍ରତ୍ୟକ୍ଷ ଯୁଦ୍ଧରେ ସାମିଲ ହୋଇଥିଲା। ଯାହାଦ୍ୱାରା ପାକିସ୍ଥାନ ଶୋଚନୀୟ ଭାବରେ ପରାଜୟ ବରଣ କରି ନିସର୍ତ୍ତ ଆତ୍ମ ସମର୍ପଣ କରିଥିଲା। ପରାଜୟ ଗ୍ଲାନିରେ ଜର୍ଜରିତ ହୋଇ ପାକିସ୍ଥାନର ଭାରତ ପ୍ରତି ଘୃଣା ଓ ଅସନ୍ତୋଷର ବହ୍ନି ଅଧିକ ପ୍ରଜ୍ୱଳିତ ହେବାକୁ ଲାଗିଲା। ସେହି ପ୍ରଜ୍ୱଳିତ ଅଗ୍ନିରେ ଘୃତ ପ୍ରଦାନ କଲା ପରମାଣୁ ପରୀକ୍ଷଣ। ବାଂଲାଦେଶ ସ୍ୱାଧୀନତାର ପ୍ରତିଶୋଧ ନେବା ପାଇଁ, ପାକିସ୍ଥାନ ଜାମୁ କାଶ୍ମୀରକୁ ସଦାସର୍ବଦା ଏକ ଅସ୍ତ୍ର ରୂପେ ବ୍ୟବହାର କରି ଭାରତକୁ ବିଭାଜନ ନିମନ୍ତେ ପ୍ରଚେଷ୍ଟା ଜାରି ରଖିଲା । ୧୯୯୯ ମସିହାରେ ଭାରତ ଓ ପାକିସ୍ଥାନ ମଧ୍ୟରେ ଏକ ଶାନ୍ତିଚୁକ୍ତି ସଂପାଦିତ ହୋଇଥିଲେ ମଧ୍ୟ, ପାକିସ୍ଥାନ ତାହା ଉଲଙ୍ଘନ କରି ବାରମ୍ବାର ନିୟନ୍ତ୍ରଣ ରେଖା ପାରହୋଇ ଭାରତକୁ ଅନୁପ୍ରବେଶ ଜାରି ରଖିଲା। ଭାରତ ସର୍ବଦା ପାକିସ୍ଥାନ ଆଡକୁ ବନ୍ଧୁତ୍ୱର ହସ୍ତ ପ୍ରସାରଣ ସତ୍ୱେ, ପତି ବଦଳରେ ପାକିସ୍ଥାନ ଅଖଣ୍ଡ ଭାରତକୁ ବିଭାଜିତ କରିବା ଉଦ୍ଦେଶ୍ୟରେ ସଦା ସର୍ବଦା, ସମଝୋତା ଏକ୍ସପ୍ରେସ ବମ ବିସ୍ଫୋରଣ, ପାର୍ଲିଆମେଂଟ ଆକ୍ରମଣ,ବମ୍ବେ ଆକ୍ରମଣ, ବାରଣାସୀ ଆକ୍ରମଣ ପରି ସନ୍ତ୍ରାସବାଦୀକାର୍ଯ୍ୟକଳାପ ରୁ କେବେହେଲେ ବିରତ ହୁଏନାହିଁ। ପାକିସ୍ଥାନୀ ସୈନ୍ୟ ବାହିନୀ(operation BADR)ନାମକ ଏକ ସାଙ୍କେତିକ ବ୍ୟବହାର ଦ୍ୱାରା ଅନୁପ୍ରବେଶ ପୂର୍ବକ, ଜାମୁ କାଶ୍ମୀର ଓ ଲାଦାଖର ଜନସାଧାରଣଙ୍କ ସହିତ ସମ୍ପର୍କର ଘନିଷ୍ଠତା ସୃଷ୍ଟିକରି, ସେମାନଙ୍କୁ ଭାରତ ବିରୁଦ୍ଧରେ ଉସକାଇ, ଭାରତର ୧୩୦ ରୁ ୨୦୦ ବର୍ଗ କିଲୋମିଟର ପରିମିତ ଅଂଚଳକୁ ନିଜ ଅକ୍ତିଆରକୁ ନେଇ ଆସିଲା। ୧୯୯୯ ମସିହା ଫେବୃୟାରୀ ମାସରେ ଭାରତର ତତ୍କାଳିନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏବଂ ପାକିସ୍ଥାନର ନଓାଜ ସରିଫ୍ଙ୍କ ମଧ୍ୟରେ ଲାହୋର ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ, ପାକିସ୍ଥାନର ଏତାଦୃଶ ଜବର ଦଖଲକୁ ପ୍ରତିହିତ କରିବା ନିମନ୍ତେ ଭାରତୀୟ ସାମରିକ ବିଭାଗ ଅପରେସନ୍ ବିଜୟ ନାମକ ଏକ ଅଭିଯାନ ଆରମ୍ଭ କରିଥିଲେ। ଶୀତଋତୁର ସୁଯୋଗ ନେଇ ବରଫାବୃତ ସିଆଚିନ ଅଂଚଳରେ ପାକିସ୍ଥାନୀ ଅନୁପ୍ରବେଶକାରୀ ୧୯୯୯ ମସିହା ମେ ମାସ ୩ ତାରିଖରେ ସର୍ବପ୍ରଥମେ ଭାରତୀୟ ସୈନ୍ୟବାହିନୀ ଉପରେ ସିଧାସଳଖ ଆକ୍ରମଣ ଆରମ୍ଭ କରିଥିଲେ। ଯାହାର ଜବାବ୍ ସ୍ୱରୂପ ଭାରତୀୟ ସାମରିକ ବିଭାଗ ଅପରେସନ ବିଜୟକୁ ସକ୍ରିୟ କରାଇଥିଲା। ଦୁଇ ପରମାଣୁ ଶକ୍ତ ଅଧିକାରୀ ରାଷ୍ଟ୍ର ଦୀର୍ଘ ଦୁଇମାସ କାଳ ସମ୍ମୁଖ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଥିଲେ। ଭାରତୀୟ ସାମରିକ ବିଭାଗ ତରଫରୁ ଏହି ଯୁଦ୍ଧରେ ଅନେକ ସୈନ୍ୟ, ଏବଂ ବାୟୁସେନା ଦ୍ୱାରା ମିଗ ୨୭, ମିଗ୨୯, ମିରେଜ ୨୦୦୦ ସାହାଯ୍ୟରେ ଆର ୭୭ କ୍ଷେପଣାସ୍ତ୍ର ବ୍ୟବହୃତ ହୋଇଥିଲା। ଏହି ଯୁଦ୍ଧରେ ଉଭୟ ପକ୍ଷରୁ ବହୁ ଧନ ଜୀବନ କ୍ଷୟକ୍ଷତି ହୋଇଥିଲା। ସର୍ବଶେଷରେ ଭାରତୀୟ ସୈନ୍ୟବାହିନୀ ପାକିସ୍ଥାନ ଅଧିକୃତ ଅଂଚଳକୁ ମୁକ୍ତ କରାଇବାରେ ସକ୍ଷମ ହୋଇଥିଲେ ଏବଂ ଜୁଲାଇ ମାସ ୨୬ ତାରିଖରେ ଯୁଦ୍ଧର ପରିସମାପ୍ତି ଘଟିଥିଲା। ଭାରତୀୟ ସୈନ୍ୟବାହିନୀ ର ୫୨୭ ଜଣ ସୈନିକଙ୍କ ବଳିଦାନର ସ୍ମୃତି ତଥା କାରଗିଲ ଯୁଦ୍ଧରେ ବୀରତ୍ୱର ସହିତ ଯୁଦ୍ଧ କରିଥିବା ସମସ୍ତ ସୈନିକଙ୍କ ସମାନାର୍ଥେ, ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ତିନି ସେନାବାହିନୀର ମୁଖ୍ୟ ତଥା ଅନେକ ବରିଷ୍ଠ ନେତୃବୃନ୍ଦ, ଇଣ୍ଡିଆ ଗେଟ ନିକଟରେ ଥିବା ଅମର ଯବାନ ଜ୍ୟୋତି ନିକଟରେ ସେମାନଙ୍କର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥାନ୍ତି। ଅମର ଯବାନ ସ୍ମୃତି ସ୍ତମ୍ଭ ନୂଆଦିଲ୍ଲୀ ନିକଟରୁ ୧୧ ଗୋଟି ସହର ନଗର ମଧ୍ୟଦେଇ ଏକ ବିଜୟ ଜ୍ୟୋତି, କାରଗିଲ ଯୁଦ୍ଧସ୍ଥଳିର ସ୍ମୃତିସ୍ଥାନକୁ ନିଆଯାଇଥାଏ।

ଇତ୍ୟବସରରେ ଦୀର୍ଘ ୨୦ଟି ବର୍ଷ ଅତିକ୍ରାନ୍ତ ହୋଇଯାଇଛି। ଭାରତ ତାର ସାମରିକ ଶକ୍ତି କ୍ଷେତ୍ରରେ ଯଥେଷ୍ଟ ଅଭିବୃଦ୍ଧି ଘଟାଇ ପାରିଛି। କରୋନା ମହାମାରୀ ପରି ଭୟଙ୍କର ପରିସ୍ଥିତିରେ ମଧ୍ୟ, ଚିନ୍ ପରି ବୃହତ ଶକ୍ତିର ବିସ୍ତାରବାଦ ନିତୀକୁ ମୁହଁତୋଡ ଜବାବ୍ ଦେଇ ପାରିଛି। ଭାରତର ଦାମ୍ଭିକତା ଏବଂ ଅନ୍ୟାନ ବୃହତ ଶକ୍ତି ସମ୍ପନ୍ନ ଦେଶ ମାନଙ୍କର ଭାରତକୁ ଖୋଲାଖୋଲି ସମର୍ଥନ, ଚିନ୍ର ମନୋବଳକୁ ହ୍ରାସ କରାଇ ତାକୁ ଗଲୱାନ ଘାଟିରୁ ପଛଘୁଂଚା ଦେବାପାଇଁ ବାଧ୍ୟ କରିଛି। ଆଜି କାରଗିଲ ବିଜୟ ଦିବସ ପାଳନ ଅବସରରେ, ଦଳ ମତ ନିର୍ବିଶେଷରେ ଆମେ ସମସ୍ତେ ଏକତ୍ରିତ ହୋଇ ଦେଶର ଅଖଣ୍ଡତା ଏବଂ ସ୍ୱାଧୀନତା ବଜାୟ ରଖିବା ପାଇଁ ଦୃଢ ଶପଥ ନେବା ଯଦ୍ୱାରା ଶତ୍ରୁରାଷ୍ଟ୍ର ଆମ ସାଙ୍ଗରେ ଦ୍ୱନ୍ଦ କରିବା ପାଇଁ ଦୁଇଥର ଚିନ୍ତା କରିବା ପାଇଁ ବାଧ୍ୟ ହେବ।

+ ଈଶାଣୀ ବ୍ରହ୍ମପୁର, କଟକ,
ମୋ-୬୩୭୧୫୯୩୨୨୦

# କୋଭିଡ୍ ଆକ୍ରାନ୍ତଙ୍କ ମୃତଦେହ ବେଦବ୍ୟାସରେ ଜଳାଜିବା ନେଇ ଲୋକେ ଆତଙ୍କିତ

## ସୁନ୍ଦରଗଡ଼ ଜିଲ୍ଲାପାଳଙ୍କୁ ଲେଖିଲେ ପତ୍ର

ରାଉରକେଲା,୨୮।୭ (ନି.ପ୍ର): ରାଉରକେଲା ନିକଟ ବେଦବ୍ୟାସରେ କୋଭିଡ୍ ଆକ୍ରାନ୍ତଙ୍କ ମୃତଦେହ ଜଳା ନଯାଉ ବୋଲି ବେଦବ୍ୟାସ ଅଂଚଳ ବାସୀ ସୁନ୍ଦରଗଡ ଜିଲ୍ଲାପାଳଙ୍କୁ ଏନେଇ ଚିଠି ଲେଖିବା ସହ ଏଭଳି କାମ ଲାଗି ଅନୁମତି ନଦେବା ଲାଗି ଅନୁରୋଧ କରାଯାଇଛି । ଏନେଇ ଏହି ଅଂଚଳର ୩ ଶହ ବାସିନ୍ଦା ଦସ୍ତଖତ କରି ଅନୁରୋଧ କରିବା ସହ ଘଟଣାକୁ ନେଇ ସମ୍ପୃକ୍ତ ଅଂଚଳରେ ଆତଙ୍କ ସୃଷ୍ଟି ହୋଇଥିବା ସେମାନେ ଦର୍ଶାଇଛନ୍ତି । ସେମାନଙ୍କ କହିବା କଥା, ଏହି ସ୍ଥାନରେ କୋଏଲ ଶଙ୍ଖ ପ୍ରବାହିତ ହେଉଥିବା ବେଳେ ଏହି ନଦୀର ଜଳକୁ ରାଉରକେଲା ସମେତ ଅନେକ ଅଂଚଳ ବାସୀ ପାନୀୟ ଜଳ ଭାବେ ବ୍ୟବହାର କରିଥାନ୍ତି । ଧାର୍ମିକ ସ୍ଥାନ ହୋଇଥିବାରୁ ଏହାକୁ ଅନେକ ଲୋକ ବିଭିନ୍ନ ଉପାୟରେ ବ୍ୟବହାର କରିଥାନ୍ତି । କିନ୍ତୁ, ବର୍ତ୍ତମାନ କୋଭିଡରେ ଆକ୍ରାନ୍ତ ମାନେ ମୃତ୍ୟୁବରଣ କଲାପରେ ଏଠାରେ ଶବ ଗୁଡିକର ଦାହ କରାଜିବା ସହ ଶବ ନେଇ ଆସିଥିବା ଗାଡିକୁ ଧୋଇବା, ସାଙ୍ଗରେ ଆସିଥିବା ଲୋକେ ନଦୀରେ ଗାଧୋଇବା ଆଦି ଅଂଚଳ ବାସୀଙ୍କୁ ଆତଙ୍କିତ କରିଛି । ଏଭଳି ଶବ ଗୁଡିକର ସଂସ୍କାର ଅନ୍ୟତ୍ର କରିବାକୁ ସେମାନେ ଦାବି କରିଛନ୍ତି । ସେମାନେ ଏନେଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ସମେତ ଆରଏମସି କମିଶନର ଓ ଉପଜିଲ୍ଲାପାଳ ପାନପୋଷଙ୍କୁ ଲିଖିତ ଭାବେ ଅନୁରୋଧ କରି ଏହାର ଉପଯୁକ୍ତ ସମାଧାନ ସଠିକ୍ ସମୟ ସିମା ଭିତରେ କରିବାକୁ ଅନୁରୋଧ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ଏହି କୋଏଲ ନଦୀ ଉପରେ ନଦୀ କୁଳିଆ ବାସୀ ନିର୍ଭର କରିବା ସହ ରାଉରକେଲା ସହରାଂଚଳ ବାସୀ ଏହାର ପାଣିକୁ ପାନୀୟ ଜଳ ଭାବେ ଗ୍ରହଣ କରିଥାନ୍ତି । ଖାଲି ଏହି ସହର ନୁହେଁ, ଜିଲ୍ଲାର ସୁନ୍ଦରଗଡ, ରାଜଗାଙ୍ଗପୁର ସମେତ ନଦୀ ଯେଉଁ ସବୁ ଯାଗା ଦେଇ ଯାଇଛି ସେହି ଅଂଚଳ ବାସୀ ଏହାକୁ ବ୍ୟବହାର କରନ୍ତି । ନଦୀଟି କଳକାରଖାନା ଓ ସହରର ଆବର୍ଜନାରେ ବିଷାକ୍ତ ଓ ବ୍ୟବହାର ଉପଯୋଗି ହୋଇନାହିଁ ବୋଲି ଏକଥା ଆଗରୁ ବିଧାନସଭା ଠାରୁ ଆରମ୍ଭ କରି ଚାରିଆଡେ ଆଲୋଚନା ପରେ ମଧ୍ୟ ସରକାର ନୀରବ ରହିଛନ୍ତି । ଲୋକେ ଏହି ପାଣିକୁ ସଫା କରି ବ୍ୟବହାର କରୁଛନ୍ତି । ଏତିକି ବେଳେ କରୋନା କାରଣରୁ ମୃତ୍ୟୁବରଣ କରୁଥିବା ଲୋକଙ୍କ ଶରୀର ସେଠାକୁ ଆସିବା ସେଠାରେ ମୃତକଙ୍କ ସମ୍ପର୍କିୟ ଶବ ଦାହ ପରେ ଗାଧୋଇବା ଆଦି ଆଉ ଏକ ସମସ୍ୟା ଠିଆ କରିଛି । ଏହି କଥାକୁ ସେହି ଅଂଚଳର କିଛି କଲୋକ ଅନୁଭବ କରି ଅଭିଯୋଗ କରିଥିବା ବେଳେ ପ୍ରଶାସନ ଏହା ପୂର୍ବରୁ ସେନେଇ କୌଣସି ପଦକ୍ଷେପ ନେଇ ନଥିବା ଖବର ମିଳିଛି ।

## ରାଜ୍ୟ ରାଜପଥ ରାସ୍ତା ଖାଲଖମାରେ ଭର୍ତି

ନୂଆପଡା,୨୮।୭ (ନି.ପ୍ର): ଖଡିଆଳ-ଭବାନୀପାଟଣା ରାଜ୍ୟ ରାଜପଥ -୧୬ ଡୁକଲା ଗ୍ରାମ ସ୍ଥିତ ସୁନ୍ଦର ନଦୀ ବ୍ରୀଜ ସହ ଏହି ରାଜ୍ୟ ରାଜପଥର ବିଭିନ୍ନ ସ୍ଥାନରେ ଖାଲଖମା ମାନ ସୃଷ୍ଟି ହୋଇଛି । ଫଳରେ ଯାତାୟତରେ ବ୍ୟାଘାତ ଦେଖା ଦେଉଥିବା ବେଳେ ଏହାର ମରାମତିର ଆବଶ୍ୟକତା ରହିଛି । ଡୁକଲା ବ୍ରୀଜ ସାରା ଖାଲଖମା ସୃଷ୍ଟି ହୋଇଥିବା ବେଳେ ଜାତୀୟ ରାଜପଥ ବିଭାଗ ଦୃଷ୍ଟି ଦେଉନାହିଁ । ଫଳରେ ଚଳିତ ବର୍ଷର ବର୍ଷାରେ ଏହାର ଅବସ୍ଥା ଆହୁରି ବିପର୍ଯ୍ୟସ୍ତ ହୋଇପଡିଛି । ଏହି ରାଜ୍ୟ ରାଜପଥ ଗୋପାଳପୁର-ରାଜପୁରକୁ ସଂଯୋଗ କରିଥିବାରୁ ପ୍ରତିଦିନ ଶହ ଶହ ସଂଖ୍ୟକ ଭାରୀ ଯାନ ଯାତାୟତ କରିଥାଏ ।

# ମଦ୍ୟପ ପୁଅର ଭୁଜାଲି ଚୋଟରେ ମାଆର ମୃତ୍ୟୁ : ଭଉଣୀ ସମେତ ୩ ଆହତ

କନ୍ଧମାଳ,୨୮।୭ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ବିଶିପଡ଼ା ପଚାଂୟତ ଅନ୍ତର୍ଗତ ବେହେରାପଦର ଗ୍ରାମରେ ମାଆକୁ ହତ୍ୟା କରିଛି ମଦ୍ୟପ ପୁଅ । ଅଭିଯୁକ୍ତ ପୁଅ ଭାଗିରଥି ବେହେରା ପ୍ରଚୁର ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ତା'ର ଭଉଣୀ ବୃନ୍ଦାବତୀଙ୍କ ଘରେ ଥିବା ତାଙ୍କର ଜଣେ ସମ୍ପର୍କୀୟ ସୁଶାନ୍ତ ବେହେରା ସହିତ ପୂର୍ବରୁ ବାଇକ୍ ଭଙ୍ଗା ଘଟଣାକୁ ନେଇ ଗଣ୍ଡଗୋଳ କରିଥିବା ବେଳେ ଆଜି ସକାଳେ ମାଆ ମଧ୍ୟସ୍ଥି କରିବା ପାଇଁ ଆସିବାରୁ ଭାଗିରଥି ଉତକ୍ଷିପ୍ତ ହୋଇ ଭୁଜାଲିରେ ମାଆର ଛାତିକୁ ଆକ୍ରମଣ କରିଥିଲା । ଫଳରେ ଘଟଣାସ୍ଥଳରେ ବୃଦ୍ଧା ମାଆ ଉର୍ମିଳା ବେହେରାଙ୍କ ମୃତ୍ୟୁ ଘଟିଛି । ସେହିପରି ଘଟଣାରେ ବାଧା ଦେବାକୁ ଯାଇ ଭଉଣୀ ବୃନ୍ଦାବତୀ, ଝଗଡ଼ା ଲାଗିଥିବା ସମ୍ପର୍କୀୟ ସୁଶାନ୍ତ ବେହେରା ଏବଂ ସୁଶାନ୍ତଙ୍କ ୫ ବର୍ଷର ପୁଅ ଆହତ ହୋଇଛନ୍ତି । ଘଟଣା ପରେ ଅଭିଯୁକ୍ତ ଭାଗିରଥି ଫେରାର୍ ହୋଇଯାଇଛି । ଖବର ପାଇ ସଦର ଥାନା ଅଧିକାରୀ ଆଦିତ୍ୟ କୁମାର ସେଠୀ ସଦଳବଳେ ସେଠାରେ ପହଂଚି ବୃଦ୍ଧାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଫୁଲବାଣୀ ମେଡ଼ିକାଲକୁ ପଠାଇବା ସହ ଘଟଣାରେ ଆହତ ହୋଇଥିବା ଅଭିଯୁକ୍ତ ଭାଗିରଥିର ଭଉଣୀ ବୃନ୍ଦାବତୀ ଓ ସମ୍ପର୍କୀୟ ସୁଶାନ୍ତ ଏବଂ ତାଙ୍କର ୫ ବର୍ଷର ପୁଅକୁ ଚିକିତ୍ସା ନିମନ୍ତେ ଫୁଲବାଣୀ ମେଡିକାଲରେ ଭର୍ତି କରିଛନ୍ତି । ଏ ସଂକ୍ରାନ୍ତରେ ସଦର ଥାନା ପୋଲିସ ୬୭/୨୦ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଖୋଜାଖୋଜି କରିବା ସହ ଘଟଣାର ତଦନ୍ତ ଚଳାଇଛି ।

# ରାଷ୍ଟ୍ରଭକ୍ତ ସଦାନନ୍ଦଜୀଙ୍କ ଶ୍ରାଦ୍ଧବାର୍ଷିକ



ବାଲେଶ୍ୱର,୨୮।୭ (ନି.ପ୍ର): ସଦାନନ୍ଦ ଜୀ ଏଜୁକେସନାଲ ଫାଉଣ୍ଡେସନ ପକ୍ଷରୁ ବିଶିଷ୍ଟ ସମାସେବୀ ତଥା ରାଷ୍ଟ୍ରଭକ୍ତ ସଦାନନ୍ଦ ଜୀଙ୍କ ୧୧ତମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ବିବେକାନନ୍ଦ ଶିଶୁ ମନ୍ଦିରରେ ଆଜି ପାଳିତ ହୋଇଯାଇଛି । କୋଭିଡି ନିୟମ ଅନୁସରଣ ପୂର୍ବକ ଆୟୋଜିତ କାର୍ଯ୍ୟକ୍ରମରେ ଫାଉଣ୍ଡେସର ସଭାପତି ତପନ କୁମାର ପତି ଅଧ୍ୟକ୍ଷତା କରିବା ସହିତ ସଂସ୍କାରଯୁକ୍ତ ସମାଜ ପ୍ରତିଷ୍ଠାରେ ସଦାନନ୍ଦ ଜୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ପାଦକ ଯୋଗେନ୍ଦ୍ର ଦାଶଙ୍କ ସମେତ ସୂରଜ ବାରିକ, ଜ୍ୟୋତିପ୍ରକାଶ ଦାଶ, ମନ୍ମଥ ବାଗ, ଶରତ ପଟ୍ଟନାୟକ, ଗୟାଧର କର, ବେଦପ୍ରିୟ ବେହେରା ପ୍ରମୁଖ ଏଥିରେ ଯୋଗଦେଇ ସଦାନନ୍ଦ ଜୀଙ୍କ ଜୀବନାଦର୍ଶ ଓ ସମାଜସେବାମୂଳକ କାର୍ଯ୍ୟଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ତାଙ୍କର ଆଦର୍ଶ ବାଲେଶ୍ୱରବାସୀଙ୍କୁ ସର୍ବଦା ଉଦବୁଧ କରୁଥିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ତାଙ୍କର ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ଦୁଇମିନିଟ୍ ନିରବ ପ୍ରାର୍ଥନା ସହ ସଦାନନ୍ଦଜୀଙ୍କ ଅମର ଆତ୍ମା ପ୍ରତି ସାମୂହିକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।

## ଚାରା ରୋପଣ କାର୍ଯ୍ୟକ୍ରମ

ନୂଆପଡା,,୨୮।୭ (ନି.ପ୍ର): ନୂଆପଡା ଜିଲ୍ଲା ବୋଡେନ ବ୍ଲକ ସର୍ଗିମୁଣ୍ଡା ଗ୍ରାମ ଠାରେ ଜୟ ଶ୍ରୀରାମ ବଜରଙ୍ଗବଳୀ ଯୁବକ ସଂଘ ଓ ନେହେରୁ ଯୁବକେନ୍ଦ୍ର ତରଫରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୧୫୦ ଗୋଟି ବିଭିନ୍ନ ଚାରା ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ରୋପଣ କରାଯାଇଥିଲା । ସଂଘ ଚାରାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ଜଣାପଡିଛି । ଏଥିରେ ଖିରମନ ଜଗତ, ଦୈତାରୀ ରାଉତ, ବରୁଣ ମାଝୀ ପ୍ରମୁଖ ନେତୃତ୍ୱ ନେଇଥିଲେ । ସେହିପରି ସିନାପାଲି ବ୍ଲକର ଘୁଚାଗୁଡା ଗ୍ରାମରେ ମଧ୍ୟ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନେହେରୁ ଯୁବକ ସଂଘ ଏବଂ ମାଁ ମଙ୍ଗଳା ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଚାରା ରୋପଣ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବରେ ବ୍ଲକ ସଂପ୍ରସାରଣ ଅଧିକାରୀ ଦୁର୍ଯ୍ୟୋଧନ ବିଶି, ଜିଲ୍ଲା ପରିଷଦ ସଭ୍ୟ ଗିରିରାଜ ମାଝୀ, ଧବଳେଶ୍ୱର ମେହେର, ଅଜିତ ବୈଠାରୁ, ଅରକ୍ଷିତ ପ୍ରଧାନ, କୃଷ୍ଣ ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ମଧ୍ୟପ୍ରଦେଶରେ ସଂକ୍ରମିତଙ୍କ ସଂଖ୍ୟା ୨୮ ହଜାର ପାର, ୪ ଜିଲ୍ଲାରୁ ମିଳିଛି ୩୫୨ ନୂଆ ସଂକ୍ରମିତ

## ରାଜ୍ୟରେ ୮୧୧ ଜଣଙ୍କର ମୃତ୍ୟୁ

ଭୋପାଳ,,୨୮।୭ (ନି.ପ୍ର): ମଧ୍ୟପ୍ରଦେଶରେ ସତ ଚେଷ୍ଟା ସତ୍ୱେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ୪ ଜିଲ୍ଲାରୁ ୩୫୨ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ପ୍ରଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୮ ହଜାରରେ ପହଂଚିଲାଣି । ରାଜ୍ୟରେ ଏବେ ସୁଦ୍ଧା କରୋନାରେ ୮୧୧ ଜଣଙ୍କର ମୃତ୍ୟୁ ହୋଇସାରିଲାଣି । ଇନ୍ଦୋରର ପ୍ରଭାରୀ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପୂର୍ଣ୍ଣିମା ଗାଡ଼ରିୟା ସୋମବାରକୁ କହିଛନ୍ତି ଯେ, ଏମଜିଏମ ମେଡ଼ିକାଲ କଲେଜ ଦ୍ୱାରା ରବିବାର ବିଳମ୍ବିତ ରାତି ସୁଦ୍ଧା ୧୪୪୫ ସେମ୍ପଲର ଯାଂଚ ରିପୋର୍ଟରେ ୧୨୭ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସଂକ୍ରମିତଙ୍କ ମୋଟ ସଂଖ୍ୟା ୬୯୮୫ରେ ପହଂଚିଛି । ଭୋପାଳ ସିଏମଏଚଓ ଡା. ପ୍ରଭାକର ତିଓ୍ୱାରୀଙ୍କ କହିବା ଅନୁସାରେ ସୋମବାର ପ୍ରାପ୍ତ ରିପୋର୍ଟରେ ରାଜଧାନୀରେ ୧୭୭ ନୂଆ ମାମଲା ସାମନାକୁ ଆସିଛି । ଏଥିରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଦ୍ୱିତୀୟ ରିପୋର୍ଟ ମଧ କରୋନା ପଜିଟିଭ ଆସିଛି । ଏହା ବାଦ ଦମୋହରେ ୩୨ ଓ ସିହୋରରେ ୧୬ ନୂଆ ପଜିଟିଭ ମିଳିଛନ୍ତି । ଏହି ୩୫୨ ମାମଲା ସହିତ ଏବେ ରାଜ୍ୟରେ ସଂକ୍ରମିତ ରୋଗୀଙ୍କ ମୋଟ ସଂଖ୍ୟା ୨୮,୧୫୨ ହୋଇଛି । ଏଥି ମଧ୍ୟରୁ ସବୁଠାରୁ ଅଧିକ ଇନ୍ଦୋରର ୬୯୮୫, ଭୋପାଳରେ ୫୪୯୧, ଉଜ୍ଜୟିନିରେ ୧୧୧୫, ମୁରେନାରେ ୧୫୦୦, ଗ୍ୱାଲିୟରରେ ୧୯୭୮, ନିମଚରେ ୬୦୮, ଜବଲପୁରରେ ୧୦୦୫, ସାଗରରେ ୬୦୯, ବୁରହାନପୁରରେ ୪୫୯, ଖଣ୍ଡୱାରେ ୫୭୦, ଖରଗୌନରେ ୬୪୬, ଭିଣ୍ଡରେ ୪୨୮, ଦେଓ୍ୱାସରେ ୪୧୨, ଧାରରେ ୩୪୯, ରତଲାମରେ ୩୬୦, ମନ୍ଦସୌରରେ ୩୬୮, ବଡ଼ୱାନୀରେ ୩୭୪, ରାୟସେନରେ ୨୮୪, ରାଜଗଡ଼ରେ ୨୨୫, ସୋପୁରରେ ୨୧୬, ବୈତୁଲରେ ୧୯୯, ଶାଜାପୁରରେ ୨୭୩, ଛିନ୍ଦୱାଡ଼ାରେ ୧୧୪, ରୀଓ୍ୱାରେ ୨୧୧, ଟିକମଗନରେ ୨୮୦, ଛତରପୁରରେ ୨୫୩, ବିଦିଶାରେ ୨୬୨, ପନ୍ନାରେ ୮୭, ଦମୋହରେ ୧୫୫, ଶିବପୁରୀରେ ୨୬୬, ଅଶୋକନଗରରେ ୮୦, ଦତିୟାରେ ୧୯୭, ହରଦାରେ ୧୭୭, ସତନାରେ ୧୧୨, ହୋସଂଗାବାଦରେ ୧୪୭, ବାଲାଘାଟରେ ୯୯, ନରସିଂହପୁରରେ ୧୩୭, ଡିଣ୍ଡୋରୀରେ ୩୪, ଅନୁପପୁରରେ ୬୯, କଟନୀରେ ୧୧୦, ଗୁନାରେ ୬୨, ଶହଡୋଲରେ ୬୫, ସୀହୋରରେ ୧୯୬, ଝାବୁଆରେ ୧୨୦, ସିଧୀରେ ୭୨, ସିଂଗରୋଲୀରେ ୬୮, ଆଗରମାଲଓ୍ୱାରେ ୭୬, ସିବନୀରେ ୩୪, ନିଓ୍ୱାଡ଼ିରେ ୩୨, ଉମରିଆରେ ୩୬, ଅଲିରାଜପୁରରେ ୧୧୬ ଏବଂ ମଣ୍ଡଲାରେ ୨୧ ରୋଗୀ ସାମିଲ ଅଛନ୍ତି । ରାଜ୍ୟରେ କରୋନରେ ଏବେ ସୁଦ୍ଧା ୮୧୧ ଜଣଙ୍କର ମୃତ୍ୟୁ ହୋଇଛି । ସବୁଠାରୁ ଅଧିକ ମୃତ୍ୟୁବରଣ କରିଛନ୍ତି ଇନ୍ଦୋରରେ । ଇନ୍ଦୋରରେ ୩୦୪, ଭୋପାଳରେ ୧୫୮, ଉଜ୍ଜୟିନୀରେ ୭୨, ବୁରହାନପୁରରେ ୨୩, ଖଣ୍ଡୱାରେ ୧୯, ଜବଲପୁରରେ ୨୪, ଖରଗୌନରେ ୧୭, ଗ୍ୱାଲିୟରରେ ୧୦, ଧାରରେ ୧୦, ମନ୍ଦସୌରରେ ୧୧, ନୀମଚରେ ୯, ସାଗରରେ ୩୨, ଦେଓ୍ୱାସରେ ୧୦, ରାୟସେନରେ ୭, ହୋସଂଗାବାଦରେ ୫, ସତନାରେ ୭, ଆଗରମାଲଓ୍ୱାରେ ୩, ଝାବୁଆରେ ୩, ଅଶୋକନଗରରେ ୧, ଶାଜାପୁରରେ ୪, ଦତିୟାରେ ୩, ଛିନ୍ଦୱାଡ଼ାରେ ୨, ସିହୋରରେ ୬, ଉମରିୟାରେ ୧, ରତଲାମରେ ୭, ବଡ଼ୱାନୀରେ ୬, ମୁରେନାରେ ୯, ରାଜଗଡ଼ରେ ୯, ସୋପୁରରେ ୨, ଟିମକଗଡ଼ରେ ୭, ରୀଓ୍ୱାରେ ୧, ଗୁନାରେ ୪, ହରଦାରେ ୬, କଟନୀରେ ୩, ସିଦ୍ଧିରେ ୧, ଶିବପୁରୀରେ ୨, ଅଲିରାଜପୁରରେ ୧, ଭିଣ୍ଡରେ ୧, ବୈତୁଲରେ ୩, ନରସିଂହପୁରରେ ୧, ସିବନୀରେ ୧, ସିଂଗରୋଲିରେ ୧, ଛତରପୁରରେ ୩, ବିଦିଶାରେ ୧, ଦମୋହରେ ୧ ଏବଂ ମଣ୍ଡଲାରେ ଜଣେ ବ୍ୟକ୍ତି ସାମିଲ ଅଛନ୍ତି । ଏବେସୁଦ୍ଧା ୧୯,୧୩୨ କରୋନା ରୋଗରୁ ସୁସ୍ଥ ହୋଇଛନ୍ତି । ଦ୍ରୁତ ଗତିରେ ସଂକ୍ରମିତ ବଢୁଥିବାରୁ ନୂଆ ରୋଗୀଙ୍କ ସଂଖ୍ୟା ବର୍ଦ୍ଧିବାରେ ଲାଗିଛି । ଏବେ ସକ୍ରିୟ ରୋଗୀ ୮ ହଜାର ଉପରେ ରହିଛି ।

# କୋନାବିରା ପଂଚାୟତ ୪୮ ଘଂଟିଆ ସଟ୍‌ଡାଉନ ଘୋଷଣା

ନୂଆପଡା,୨୮।୭ (ନି.ପ୍ର): ନୂଆପଡା ଜିଲ୍ଲା କୋମନା ବ୍ଲକ କୋନାବିରା ପଞ୍ଚାୟତକୁ ସରପଞ୍ଚ ଜିଲାପାଳ କ୍ଷମତା ପ୍ରୟୋଗ କରି ୪୮ ଘଣ୍ଟିଆ କୋନାବିରା ପଞ୍ଚାୟତ ସଟ୍‌ଡାଉନ ଘୋଷଣା କରିଛନ୍ତି । ସରପଞ୍ଚ ଇଶ୍ୱର ଚନ୍ଦ୍ର ନାଏକ କୋନାବିରା ପଞ୍ଚାୟତର ଜଣେ ବ୍ୟକ୍ତିଙ୍କ କୋଭିଡ ପୋଜିଟିଭ ପରେ ଏହି ସଟ୍‌ଡାଉନ ନିଷ୍ପତ୍ତି ନେଇଥିବା ସୂଚନା ଦେଇଛନ୍ତି । ଏନେଇ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ପଞ୍ଚାୟତକୁ ସଟ୍‌ଡାଉନ ଘୋଷଣା କରିଥିବା ବେଳେ ଅତି ଅତ୍ୟାବଶ୍ୟକ ସେବାକୁ ଛାଡି ସବୁ ବନ୍ଦ ରହିବ ବୋଲି ସୂଚନା ଦେଇଛନ୍ତି । ସୋମବାର ସକାଳ ୮ ଘଣ୍ଟାରୁ ବୁଧବାର ସକାଳ ୮ ଘଣ୍ଟା ପର୍ଯ୍ୟନ୍ତ ସଟ୍‌ଡାଉନ କରାଯାଇଥିବା ସୂଚନା ମିଳିଛି । ଏହି ଅବସରରେ ସରପଞ୍ଚ ପଞ୍ଚାୟତର ଜନସାଧାରଣଙ୍କ ସକାଶେ ପତ୍ର କରିଥିବା ଚିଠି କୋମନା ବିଡିଓ, କୋମନା ଥାନାଧିକାରୀ, ନୂଆପଡା ଆରକ୍ଷୀ ଅଧିକ୍ଷକ ଏବଂ ନୂଆପଡା ଜିଲ୍ଲାପାଳଙ୍କୁ ପ୍ରେରଣ କରିଛନ୍ତି ।

# ବଜ୍ରପାତରେ ମୃତ୍ୟୁବରଣ କରିଥିବା ଚାଷୀଙ୍କୁ ବିଜେଡି ପକ୍ଷରୁ ସହାୟତା

ନୂଆପଡା,୨୮।୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ନେହେନା ଗ୍ରାମରେ ବଜ୍ରପାତରେ ମୃତ୍ୟୁବରଣ କରିଥିବା ଚାଷୀ ରିଖିରାମ ବାଗଙ୍କ ପରିବାରଙ୍କୁ ବିଜୁ ଜନତା ଦଳ ପକ୍ଷରୁ ଆର୍ଥୀକ ସହାୟତା ପ୍ରଦାନ କରାଯାଇଛି । ଗତ ୨୨ ତାରିଖ ଦିନ ରିଖିରାମ ନିଜ ଚାଷଜମିକୁ ଯାଇଥିବା ବେଳେ ବଜ୍ରପାତର ଶିକାରରେ ପଡିଥିଲେ । ନୂଆପଡା ଜିଲ୍ଲା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ମୃତ ଚାଷୀଙ୍କ ଗ୍ରାମକୁ ଯାଇ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଥିଲେ । ସେଠାରେ ମୃତ ଚାଷୀଙ୍କ ପତ୍ନୀ ଦୁସିଲା ବାଗ ଓ ପରିବାରର ଅନ୍ୟ ସଦସ୍ୟ ମାନଙ୍କୁ ଭେଟି ସମବେଦନା ଜଣାଇବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରିଥିଲେ । ପରେ ମୃତ ଚାଷୀଙ୍କ ପରିବାରଙ୍କୁ ୫ ହଜାର ଟଙ୍କା ସହ ୧ ମାସର ରାସନ ସାମଗ୍ରୀ ପ୍ରଦାନ କରିଥିଲେ । ଏହାସହ ମୃତ ଚାଷୀଙ୍କ ପରିବାରଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ୪ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ରାଶି କିଭଳି ଅତିଶିଘ୍ର ମିଳିବ ସେନେଇ ଚେଷ୍ଟା କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଏଥିରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ମନୋଜ ମିଶ୍ର, ଜିଲ୍ଲା ମହିଳା ସଭାନେତ୍ରୀ ସରସ୍ୱତୀ ବାଗ, ସେଫାଳୀ ସଲମା, ଅମରେଶ ପଟ୍ଟନାୟକ, ନିଖିଲ ମେହେର, ଦୀପକ ଖମାରୀ, ଦୟା ଥପା, ମହେନ୍ଦ୍ର ନିଆଲ, ଲବ ଦଣ୍ଡସେନା, ନୃପରାଜ ତାଣ୍ଡି, ଭୋଲା ନାଗ, ଇସଲାମ ମହମ୍ମଦ, ସରୋଜ ବାଗଙ୍କ ସମେତ ଦଳର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# କରୋନା କାରୁଣ୍ୟ : କଣ୍ଠଶିଳ୍ପୀ ବନିଲେ ମାଛ ବ୍ୟବସାୟୀ

ଭଦ୍ରକ, ୨୮/୭ (ହି.ସ.) - ହାତରେ ମାଇକ୍ରୋଫୋନ୍ ବଦଳରେ ନିକିତି । କରୋନା ଆଣିଦେଇଛି ତାଙ୍କ ପେସାଦାର ଜୀବନ ଶୈଳୀରେ ପରିବର୍ତ୍ତନ । ବିଗତ ଦିନରେ ନିଜର ମଧୁର ସ୍ୱର ଜରିଆରେ ଶତାଧିକ ଦର୍ଶକଙ୍କୁ ସେ ଜଲିଉଡଠାରୁ ଆରମ୍ଭ କରି ଅର୍କେଷ୍ଟା ବା ମେଲୋଡି କାର୍ଯ୍ୟକ୍ରମରେ ସେ ବାନ୍ଧି ରଖୁଥିଲେ । ନିଜର ସୁମଧୁର ସଂଗୀତ ପରିବେଷଣ ଜରିଆରେ ବହୁ ଲୋକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ସହ ହଜାର ହଜାର ଫ୍ୟାନ୍ ସୃଷ୍ଟି କରିପାରିଥିଲେ । ପରିସ୍ଥିତିର ତାଡନାରେ ସେ ଏବେ ଜଣେ ସଫଳ ମାଛ ବ୍ୟବସାୟୀ ପାଲଟି ଯାଇଛନ୍ତି । ଜୀବନରେ ବହୁ ଦୁଃଖ କଷ୍ଟ ଓ ସଂଘର୍ଷ ମଧ୍ୟରେ ଗତିକରି ମଧ୍ୟ ସେ କୌଣସି ଦିନ ନିଜର ପେସାଦାର ମନୋବୃତ୍ତି ସହିତ ସାଲିସ କରିନଥିଲେ । କିନ୍ତୁ କରୋନା ତାଙ୍କୁ ବାଧ୍ୟ କରିଛି ଜୀବନ ଶୈଳୀରେ ପରିବର୍ତ୍ତନ ପାଇଁ । ସେ ହେଉଛନ୍ତି ଭଦ୍ରକ ଜିଲାର ଜଣେ ପରିଚିତ କଣ୍ଠଶିଳ୍ପୀ ଗୌତମ ବାରିକ । ଆଗରପଡା ନିକଟସ୍ଥ ନରାଜପୁର (ହରିପୁର) ଗ୍ରାମର ବାସନ୍ତୀ ବାରିକ ଓ ଲକ୍ଷ୍ମୀଧର ବାରିକଙ୍କ ଜ୍ୟେଷ୍ଠପୁତ୍ର ଗୌତମ । ଜଣେ ପାଲା ଓ ଦାସକାଠିଆ ଗାୟକ ଭାବେ ତାଙ୍କର ପ୍ରସିଦ୍ଧି ଥିଲା । ତାଙ୍କ ପ୍ରେରଣାରେ ଗୌତମ ଆରମ୍ଭରୁ ଅନୁପ୍ରାଣିତ ହୋଇଥିଲେ । ସଂଗୀତ ପ୍ରତି ଦୁର୍ବଳ ଦୁର୍ବଳତା ଥିବା ଗୌତମ ପ୍ରଥମେ ବିଶ୍ୱମାତା ଅପେରା, ଶିବାନୀ ଅପେରା, ଓଁ ଶ୍ରୀ ଅପେରା, ଇଷ୍ଟର୍ଣ୍ଣ ରେଡ୍, ତାରିଣୀ ଗଣନାଟ୍ୟ, ଇନ୍ଦ୍ରମହଲ ପରି ହାଇପ୍ରୋଫାଇଲ୍ ଅପେରା ଦଳରେ ନିଜର କଣ୍ଠଦାନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । କିନ୍ତୁ ୩ ବର୍ଷ ପୂର୍ବେ ନିଜେ କିଛି କରିବାକୁ ଚିନ୍ତା କରିଥିଲେ । ନିଜର ସଂଚିତ ଅର୍ଥ, ପରିବାର ବର୍ଗ ଓ ଶୁଭେଚ୍ଛୁଙ୍କ ସାହାଯ୍ୟରେ 'ସଂଗୀତ ସମ୍ରାଟ' ନାମକ ଏକ ମେଲୋଡି ଟ୍ରୁପ୍ ଗଠନ କଲେ । ତାଙ୍କ ସହଧର୍ମିଣୀ ମଧ ଜଣେ ସଫଳ କଣ୍ଠଶିଳ୍ପୀ ହୋଇଥିବାରୁ ଉଭୟ ଦମ୍ପତି ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆରମ୍ଭ କଲେ । କିନ୍ତୁ କରୋନା ସବୁ ବିଗାଡି ଦେଲା । ଲକଡାଉନ୍ ଯୋଗୁଁ ଆଖଡା ଶାଳାରେ ତାଲା ପଡିଲା । ଲକଡାଉନ୍ ଘୋଷଣା ହେବାରୁ ମନୋରଂଜନ ଧର୍ମୀ ସମସ୍ତ କାର୍ଯ୍ୟକ୍ରମରେ ରୋକ୍ ଲାଗିଲା । ଠିକ୍ ଏତିକିବେଳେ ପରିବାର ପ୍ରତିପୋଷଣ ପାଇଁ ଗୌତମଙ୍କୁ ନିଜର ପେସା ସହିତ ସାଲିସ କରିବାକୁ ପଡିଲା । ବହୁତ ଭାବିଚିନ୍ତି ସେ ଆରମ୍ଭ କଲେ ମାଛ ବ୍ୟବସାୟ । ବନ୍ତଛକ ଫୁଟ୍‌ପାତରେ 'ଏଲ୍‌ବି ଫିସ୍' ନାମରେ ଏକ ମାଛ ବ୍ୟବସାୟ କେନ୍ଦ୍ର ଖୋଲିଛନ୍ତି । ମାର୍ଜିତ ବ୍ୟବହାର ପାଇଁ ତାଙ୍କ ଦୋକାନରେ ଏବେ ବେଶ ଭିଡ ଜମୁଛି । ନିଜର ଖ୍ୟାତି ଯୋଗୁଁ ମାତ୍ର ୩ ମାସ ମଧ୍ୟରେ ସେ ଜଣେ ସଫଳ ମାଛ ବ୍ୟବସାୟୀ ହୋଇପାରିଛନ୍ତି । ବ୍ୟବସାୟ ସହିତ ତାଙ୍କର ଗ୍ରାହକଙ୍କ ମଧ୍ୟରେ ଗୌତମ କରୋନା ସଂପର୍କିତ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି । ତେବେ ପରିସ୍ଥିତି ସ୍ୱାଭାବିକ ହେଲେ ସେ ପୁଣି ମଂଚକୁ ଓହ୍ଲାଇବେ । କଳା ମୋ ଜୀବନ । ଏହା ସହିତ ବିଶ୍ୱାସଘାତକତା କରି ପାରିବେନି ବୋଲି କୁହନ୍ତି ଗୌତମ । ଗୌତମଙ୍କ ପରିବାରର ସମସ୍ତେ କଳାକାର ହୋଇଥିଲେ ସୁଦ୍ଧା ସେମାନେ ଭତ୍ତାରୁ ବଂଚିତ । ତେଣୁ କରୋନା କାଳରେ ସରକାରଙ୍କ ବିଭିନ୍ନ ଆତ୍ମନିର୍ଭରଶୀଳ ଯୋଜନାରେ ଗୌତମ ଓ ତାଙ୍କ ପରିବାରକୁ କିଛି ସହଯୋଗ ମିଳିବା ଆବଶ୍ୟକ ବୋଲି ତାଙ୍କ ପ୍ରଶଂସକଙ୍କ ମହଲରେ ମତ ପ୍ରକାଶ ପାଇଛି ।

# ଖରିଫ୍ ଚାଷ ପରିପ୍ରେକ୍ଷୀରେ ଫସଲ ଋଣ ଏବଂ ସାର ଆଦି ଠିକଣା ସମୟରେ ଚାଷୀଙ୍କୁ ଯୋଗାଇଦେବା ଉପରେ ସମବାୟ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୨୮।୭ (ନି.ପ୍ର): କୋଭିଡ଼-୧୯ ସ୍ଥିତିରେ କୃଷି କାର୍ଯ୍ୟକୁ କ୍ରିୟାଶୀଳ କରାଯାଇ ଲୋକମାନଙ୍କର ଖାଦ୍ୟ ନିରାପତାକୁ ନିଶ୍ଚିତ କରାଇବା ସହିତ ରାଜ୍ୟର ଅର୍ଥନୈତିକ କାର୍ଯ୍ୟକ୍ରମକୁ ଅଧିକ ଗତିଶୀଳ କରାଯାଇ ପାରିବ । ଏହି ପରିପ୍ରେକ୍ଷୀରେ ରାଜ୍ରରେ ଖରିଫ୍ ଚାଷର ସର୍ବାଧିକ ଗୁରୁତ୍ୱ ରହିଥିବା ବେଳେ ଚାଷୀମାନଙ୍କୁ ସହଜରେ ଫସଲ ଋଣ, ସାର ଆଦି ଯୋଗାଇଦେବା ଉପରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଆଜି ଅପରାହ୍ନରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଫସଲ ଋଣ ପ୍ରଦାନ, ବିଭିନ୍ନ ପ୍ୟାକ୍ସ ମାଧ୍ୟମରେ ସାର ଯୋଗାଣ ଏବଂ ମୂଲ୍ୟ ସହାୟକ ଯୋଜନାରେ ଡାଲି ଓ ତୈଳବୀଜ ଆଦିର ସଂଗ୍ରହ ସମ୍ପର୍କରେ ସମୀକ୍ଷା କରିବା ଅବସରରେ ସମବାୟ ମାଧ୍ୟମରେ ନୂତନ ଚାଷୀ, ଯୁଗ୍ମଦେୟ ଗୋଷ୍ଠୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅଧିକ ପରିମାଣର ଫସଲ ଋଣ ଯୋଗାଇଦେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ସମୁଦାୟ ଫସଲ ଋଣ ଏବଂମୋଟ ଚାଷୀଙ୍କୁ ଦିଆଯାଉଥିବା ଋଣର ଅନ୍ତତଃ ପକ୍ଷେ ଦଶ ପ୍ରତିଶତ ନୂତନ ଚାଷୀ ଏବଂ ଯୁଗ୍ମଦେୟ ଗୋଷ୍ଠୀଙ୍କୁ ଯୋଗାଇଦେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । କୋଭିଡ଼-୧୯ ସ୍ଥିତିରେ ସରକାର ନୂତନ ଚାଷୀ, ଯୁଗ୍ମଦେୟ ଗୋଷ୍ଠୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅଧିକ ଫସଲ ଋଣ ଯୋଗାଇଦେବା ଲକ୍ଷ୍ୟ ରଖିଥିବା ବେଳେ କ୍ଷେତ୍ର ଅଧିକାରୀମାନେ ଏ ଦିଗରେ ତତ୍ପରତା ପ୍ରକାଶ କରି ଧାର୍ଯ୍ୟ ଲକ୍ଷ୍ୟ ପୂରର କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । ଚଳିତ ଖରିଫ୍ ଫସଲ ନିମନ୍ତେ ସମବାୟ କ୍ଷେତ୍ର ମାଧ୍ୟମରେ ଚାଷୀମାନଙ୍କୁ ସମୁଦାୟ ୯୦୦୦ କୋଟି ଟଙ୍କାର ଫସଲ ଋଣ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ଅଦ୍ୟାବଧି ୬୯୫୪ କୋଟି ୭୬ ଲକ୍ଷ ଟଙ୍କାର ଫସଲ ଋଣ ଯୋଗାଇ ଦିଆଯାଇଛି । ଏ ପର୍ଯ୍ୟନ୍ତ ରାଜ୍ୟର ୧୬ ଲକ୍ଷ ୧୮ ହଜାର ୧୮୯ ଜଣ ଚାଷୀଙ୍କୁ ଏହି ଫସଲ ଋଣ ଯୋଗାଇ ଦିଆଯାଇଛି । ବୈଠକରେ ସମସ୍ତ ଲାଇସେନ୍ସପ୍ରାପ୍ତ ପ୍ୟାକ୍ସ ଗୁଡ଼ିକ ଆବଶ୍ୟକ ସାର ମାର୍କଫେଡ୍ ପକ୍ଷରୁ ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଚାଷୀମାନେ ଯେପିର ସୁବିଧାରେ ଆବଶ୍ୟକ ସାର ପାଇପାରିବେ ସେଥି ନିମନ୍ତେ ଅଧିକାରୀମାନେ ଅଧିକ ତତ୍ପରତା କରିବା ସହିତ ଏ ଦିଗରେ ଉପୁଜୁଥିବା ସମସ୍ୟାର ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ବିଭାଗଗୀୟ ସଚିବ ବୀର ବିକ୍ରମ ଯାଦବ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ରାଜ୍ୟରେ ମୂଲ୍ୟ ସହାୟକ ଯୋଜନାରେ ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରି ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ପାଇଁ ସଚିବ ଶ୍ରୀ ଯାଦବ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଦ୍ୟାବଧି ବିଭିନ୍ନ ପ୍ୟାକ୍ସ ମାଧ୍ୟମରେ ୪୭ କୋଟି ଟଙ୍କା ମୂଲ୍ୟର ୭୩୦୩ ମେଟ୍ରିକ୍ ଟନ୍ ଡାଲି ଓ ତୈଳବୀଜ ସଂଗ୍ରହ କରାଯାଇଛି । ଆସନ୍ତା ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବିରି, ମୁଗ, ଚିନାବାଦମ ଓ ସୂର୍ଯ୍ୟମୁଖୀ ମଂଜି ମୂଲ୍ୟ ସହାୟକ ଯୋଜନାରେ ସଂଗ୍ରହ କରାଯିବ । ବୈଠକରେ ରେଜିଷ୍ଟାର କୋଅପରେଟିଭ୍ ସୋସାଇଟି ବିଭୂତି ଭୂଷଣ ପଟ୍ଟନାୟକ, ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଶତପଥିଙ୍କ ସମେତ ମାର୍କଫେଡ଼ର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ଥିବା ବେଳେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲାର ଡିଆରସିଏସ୍, ଏଆରସିଏସ୍, ଏରିଆ ମ୍ୟାନେଜର ଓ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଅଯୋଧ୍ୟା ଗଲା ପବିତ୍ର ପାତାଲଗଙ୍ଗାର ମାଟି ଓ ପାଣି

ନୂଆପଡା,୨୮।୭ (ନି.ପ୍ର): ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ସକାଶେ ଆସନ୍ତା ୫ ତାରିଖ ଦିନ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହେବ । ଏହି ପାଇଁ ସାରା ଭାରତ ବର୍ଷରେ ଥିବା ପବିତ୍ର ପୀଠ ମାନଙ୍କରୁ ପବିତ୍ର ମାଟି ଓ ପାଣି ସଂଗ୍ରହ କରି ଅଯୋଧ୍ୟା ପଠାଯାଉଛି । ଏହି ଅବସରରେ ଖଡିଆଳ ଆଜାଦ ଚୌକ ସ୍ଥିତ ଶ୍ରୀ ହନୁମାନ ମନ୍ଦିର ସେବା ସମିତି ତରଫରୁ ବୋଡେନ ବ୍ଲକର ପାତାଲ ଗଙ୍ଗା ଠାରୁ ପବିତ୍ର ମାଟି ସହ ପାତାଲଗଙ୍ଗାର ପାଣି ସଂଗ୍ରହ କରି ପୂଜାର୍ଚ୍ଚନା ପରେ ପୋଷ୍ଟ ମାଧ୍ୟମରେ ଅଯୋଧ୍ୟାର ରାମ ମନ୍ଦିରକୁ ପଠାଯାଇଥିବା ସୂଚନା ମିଳିଛି । ଏଥିରେ ହନୁମାନ ମନ୍ଦିରର ମୁଖ୍ୟପୂଜକ ଶିବ ପ୍ରକାଶ ଝାଙ୍କ ସମେତ କୌଶିକ ସରାଫ, ପ୍ରଦୀପ ପଟେଲ, ଦେବୀଲାଲ ସାହୁ, ଗୋଲୁ ଗୁପ୍ତା ପ୍ରମୁଖଙ୍କ ସମେତ ମନ୍ଦିର ସେବା ସମିତିର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

# ସଂକୀର୍ଣ୍ଣ ନେତୃତ୍ୱ ପାଇଁ ବନ୍ଦରରେ କାର୍ଯ୍ୟରତ ଶ୍ରମିକ ନ୍ୟାର୍ଯ୍ୟ ସୁବିଧା ପାଇବାରୁ ବଞ୍ଚିତ

ପାରାଦ୍ୱୀପ,୨୮।୭ (ନି.ପ୍ର): ଆନ୍ତର୍ଯ୍ୟାତୀକ ତଥା ସର୍ବଭାରତୀୟ ବୃହତ ବନ୍ଦର ପାରାଦ୍ୱୀପ ପଣ୍ୟ କାରବାର କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ସଫଳତାର ମାଇଲଖୁଣ୍ଟ ସ୍ଥାପନ କରି ଚାଲିଛି । ଏ ସବୁ ସଫଳତା ବନ୍ଦରର ଅଧିକାରୀ, କର୍ମଚାରୀ, ବନ୍ଦର ବ୍ୟବହାରକାରୀ ସଂସ୍ଥା ସମେତ ଶ୍ରମିକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମୀକା ରହିଛି । ଅତୀତରେ ବନ୍ଦରରେ କାର୍ଯ୍ୟରତ ଶ୍ରମିକଙ୍କ ନ୍ୟାର୍ଯ ଦାବି ପାଇଁ ତତ୍କାଳୀନ ତୁଙ୍ଗ ଶ୍ରମିକ ନେତାମାନେ ବନ୍ଦର ପ୍ରଶାସନ ସହ ଆଲୋଚନା କରି ସେସବୁର ସମାଧାନ କରୁଥିଲେ । ସମୟର ପରିବର୍ତ୍ତନ ଓ ଯାନ୍ତ୍ରୀକରଣ ଯୁଗରେ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ସମସ୍ତ ଶିଳ୍ପ ସଂସ୍ଥା ଓ ବନ୍ଦର ସେମାନଙ୍କ କାର୍ଯ୍ୟ ଶୈଳୀରେ ପରିବର୍ତ୍ତନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ପାରାଦ୍ୱୀପ ବନ୍ଦର ତାର ପଣ୍ୟ କାରବାରରେ ବେସ୍ ଉନ୍ନତି କରିବା ସହ ବନ୍ଦରରେ କାର୍ଯ୍ୟ କରୁଥିବା କର୍ମଚାରୀ ଓ ଶ୍ରମିକ ମାନଙ୍କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଅଛି । ସେହିପରି ପାରାଦ୍ୱୀପ ବନ୍ଦରରେ ମକ୍ କିନିଂ ୱାକର, ଆଇ.ଓ.ଏଚ୍.ପି.ର କନ୍ଭେୟର ବେଲଟ୍ ନିକଟରେ କାମ କରି ତଳେ ପଡୁଥିବା ଲୁହାପଥର ଗୁଣ୍ଡ ସଫା କରିଥାନ୍ତି । ତେବେ ଆଧୁନିକ ଯନ୍ତ୍ର ବ୍ୟବସ୍ଥାର ପ୍ରଚଳନ ସହ ସେମାନଙ୍କ ଆବଶ୍ୟକତା ବହୁତ୍ କମି ଯାଇଛି । ବର୍ଷା ଦିନେ ସେମାନଙ୍କ ଆବଶ୍ୟକତା ଯାହା ପଡିଥାଏ । ଏହା ସତ୍ତ୍ୱେ ବି ବନ୍ଦରରେ ସେମାନଙ୍କୁ ବର୍ଷ ଯାକ କାର୍ଯ୍ୟ କରିବା ପାଇଁ ଅନୁମତି ଦିଆଯାଉଛି । ୨୦୦୭ ରୁ୨୦୧୮ ମସିହା ମଧ୍ୟରେ ମକ୍ କିନିଂ ଡେଭଲପମେଣ୍ଟ ସୋସାଇଟିର ୭ଜଣ ମକ୍ କିନିଂ ଶ୍ରମିକଙ୍କର ଲୁହାଗୁଣ୍ଡ ଆଘ୍ରାଣ ଜନିତ ମାରାତ୍ମକ ବ୍ୟାଧିରେ ପ୍ରାଣ ହରାଇଥିବା ଯେଉଁ ଅଭିଯୋଗ ହେଉଛି, ତାହାର କୌଣସି ଭିତ୍ତି ବା ସତ୍ୟତା ନାହିଁ । କିନ୍ତୁ ଅନ୍ୟ କାରଣରୁ ମୃତ୍ୟୁ ବରଣ କରିଥିବା ୪ଜଣ ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ପାରାଦ୍ୱୀପ ବନ୍ଦର, ଏହି ସୋସାଇଟି ମାଧ୍ୟମରେ ୧୦,୦୦୦ଟଙ୍କା ଲେଖାଏଁ ଅନ୍ତିମ ସଂସ୍କାର ବାବଦକୁ ଖର୍ଚ୍ଚ ଦେଇଛି, ଯେଉଁମାନେ କି ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରିଛନ୍ତି । ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ମକ୍ କିନିଂ ଶ୍ରମିକମାନଙ୍କର ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷଣ ପ୍ରସ୍ତାବକୁ ସୋସାଇଟି ଅଗ୍ରାହ୍ୟ କରି ଆସୁଛି । ଫଳରେ କାର୍ଯ୍ୟରେ ନିୟୋଜିତ ମକ୍ କିନିଂ ଶ୍ରମିକମାନଙ୍କର ଦୀଘଦି ହେଲା ସ୍ୱାସ୍ଥ୍ୟ ପରୀକ୍ଷଣ ହୋଇନାହିଁ । ସେମାନେ ଇଏସ୍ଆଇ ରେ ପଞ୍ଜିକୃତ ଅଛନ୍ତି, କିନ୍ତୁ ସୋସାଇଟି ସେମାନଙ୍କୁ ଅନ୍ ଫିଟ୍ ର ଡର ଦେଖାଇ ସ୍ୱାସ୍ଥ୍ୟ ପରୀକ୍ଷଣରୁ ବଞ୍ଚିତ କରି ଆସୁଛି । ଏହି ଶ୍ରମିକମାନେ କୁଶଳୀ ଶ୍ରମିକମାନଙ୍କଠାରୁ ଅଧିକ ମଜୁରୀ ପାଉଛନ୍ତି । ବନ୍ଦର ନଗରୀରେ ଘର, ମାଗଣା ପାସ୍, ମାଗଣା ସୁରକ୍ଷା ସାଜ ସରଞ୍ଜାମ, ମାଗଣା ୟୁନିଫମ,ବାର୍ଷିକ ବୋନସ୍, ସାଇକେଲ ଭତ୍ତା, ଧୂଳିକଣା ଭତ୍ତା, ବଷକୁ ଦୁଇଥର ମଜୁରୀ ବୃଦ୍ଧି, ସି.ଏଫ୍.ଏଚ୍ ୱାକର ମାନଙ୍କର ଦରମା ରିଭିଜନ୍ ସାଭ୍‌କୁ ଏମାନଙ୍କର ମଜୁରୀ ରିଜିଜନ, ଇ.ଏସ୍.ଆଇ, ଇ.ପି.ଏଫ୍ ସୁବିଧା ବି ପାଇ ଆସୁଛନ୍ତି । ସୋସାଇଟି, ମକ୍ କିନିଂ ଶ୍ରମିକଙ୍କର ମୂଳ ମଜୁରୀ ର ୧୨.୫ ପ୍ରତିଶତ ପ୍ରଶାସନିକ ବ୍ୟୟ ମଞ୍ଜୁରୀ ବାବଦରେ ପାଉଛି । ଏହି ଅର୍ଥରେ ସୋସାଇଟି, ଶ୍ରମିକମାନଙ୍କ ବୀମା କରିବା କଥା, ଯାହା କି ଏ ଯାଏଁ କରିନି । ତୂଳନାତ୍ମକ ଭାବେ, ବିଶାଖାପାଟଣା ଆଉ ଚେନ୍ନାଇ ବନ୍ଦର ଅପେକ୍ଷା ପାରାଦ୍ୱୀପ ବନ୍ଦର ଏହି ମକ୍ କିନିଂ ଶ୍ରମିକମାନଙ୍କୁ ଏକ ସମାନିତ ଓ ସନ୍ତୁଳିତ ମଜୁରୀ ପ୍ୟାକେଜ ପ୍ରଦାନ କରି ଆସୁଛି । କିନ୍ତୁ ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ସୋସାଇଟି କିଛି କମକର୍ତ୍ତା ଯେପରି ଏହି ଶ୍ରମିକମାନଙ୍କୁ ବିଭ୍ରାନ୍ତ କରି ଆସୁଛନ୍ତି, ତାହା ନିନ୍ଦନୀୟ ତଥା ପରିତାପର ବିଷୟ ।

# କେନ୍ଦ୍ରାପଡା ଦେବାଶିଷ ହତ୍ୟା ମାମଲାରେ ମାନବାଧିକାର କମିଶନଙ୍କୁ ଭେଟିଲା କଂଗ୍ରେସ

ଭୁବନେଶ୍ୱର,୨୮।୭ (ନି.ପ୍ର): କେନ୍ଦ୍ରାପଡା ଜମଧର ଗ୍ରାମର ଦେବାଶିଷ ସେଠିଙ୍କୁ ପୁରୀରେ ହତ୍ୟା କରାଯାଇଥିବା ମାମଲାରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ମାନବାଧିକାର କମିଶନଙ୍କୁ ଭେଟି ଦୋଷୀ ପୋଲିସ ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି । ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଏକ ୧୫ ଜଣିଆ କଂଗ୍ରେସ ପ୍ରତିନିଧୀଦଳ କମିଶନଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରି ଏହି ହତ୍ୟା ମାମଲାରେ ଜଡିତ ପଟ୍ଟାମୁଣ୍ଡାଇ ଥାନାର ଏସ ଆଇ ଚନ୍ଦ୍ରିକା ମହାପାତ୍ରଙ୍କୁ ଚାକିରିରୁ ବରଖାସ୍ତ କରି ଗିରଫ କରିବା,ମୃତ ଦେବାଶିଷଙ୍କୁ ଫୋନ କରି ପୁରୀ ଡାକିନେଇଥିବା ତାଙ୍କ ସହଯୋଗୀ ମନୋଜ ମହାପାତ୍ର ଓ ପ୍ରମଥ ବିଶ୍ୱାସଙ୍କୁ ଗିରଫ କରିବା ସହ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଶୀଘ୍ର ଚିହ୍ନଟ କରିବା ଏବଂ ମୃତକଙ୍କ ବିଧବା ମାଆକୁ ୩୫ ଲକ୍ଷ ଟଙ୍କା ର ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ କଂଗ୍ରେସ ଦାବି କରିଛି । କଂଗ୍ରେସର ଅଭିଯୋଗ ଅନୁଯାୟୀ ଜୁଲାଇ ୪ ତାରିଖ ଦିନ ଦେବାଶିଷଙ୍କୁ ପଟ୍ଟାମୁଣ୍ଡାଇ ଥାନା ଏସଆଇ ଚନ୍ଦ୍ରିକା ମହାପାତ୍ରଙ୍କ ସାଙ୍ଗମାନେ ବାଧ୍ୟ କରି କେନ୍ଦ୍ରାପଡା ଯମଧର ଗ୍ରାମରୁ ପୁରୀକୁ ଡାକିନେଇଥିଲେ । ପରେ ବଳିଆପଣ୍ଡା ଭାର୍ଗଭି ନଦୀ ମୁହାଣ ନିକଟରୁ ଜବତ ହୋଇଥିବା କୋରାପୁଟ ନମ୍ବର ଥିବା ମାରୁତି ୱାଗନର କାର ଭିତରେ ତକିଆ ,ବେଡ୍‌ସିଟ ଓ ଭଙ୍ଗା ମଦ ବୋତଲ ମିଳିବା,ଅପରିଚିତ ଦୁଇ ବ୍ୟକ୍ତି ଶବ ଆବିଷ୍କାର କରିବା ଆଦି ବିଷୟକୁ ଅନୁସନ୍ଧାନରେ ଗୁରୁତ୍ୱ ନ ଦେବା ଯୋଗୁଁ ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ସନ୍ଦେହ ସୃଷ୍ଟି ହୋଇଛି । ଦୀର୍ଘ ୧୨ ବର୍ଷ ତଳୁ ପ୍ରେମ କରୁଥିବା ଦେବାଶିଷଙ୍କୁ ଏସ ଆଇ ଚନ୍ଦ୍ରିକା ମହାପାତ୍ର ଚାକିରୀ ପାଇବା ପରେ ଗତ ୨୦୧୮ ମସିହାରୁ ବିବାହ ପାଇଁ ଅରାଜି ହେବା ଏବଂ ଗତ ଦେଢ଼ ମାସ ତଳେ ଦୁହିଁଙ୍କ ମଧ୍ୟରେ କିଛି ପୋଲିସ ଶୁଭେଚ୍ଛୁ ଙ୍କ ଦ୍ୱାରା ଆପୋଷ ବୁଝାମଣା ବିଷୟକୁ ମଧ୍ୟ ପୋଲିସ ଅଣଦେଖା କରିବା ନେଇ ଅଭିଯୋଗ ହେଇଛି ।ଦୀର୍ଘ ୨୪ ଦିନ ବିତିଯାଇଥିଲେ ମଧ୍ୟ କୌଣସି ଆସାମୀ ଗିରଫ ନହେବା ପୋଲିସର ତଦନ୍ତରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ପୁରୀ ବଳିଆପଣ୍ଡା ଥାନାରେ ରୁଜୁ ହୋଇଥିବା ଏହି ହତ୍ୟା ମାମଲାର ତଦନ୍ତ ରେ ପକ୍ଷପାତିତା କରାଯାଉଥିବା କଂଗ୍ରେସ ଅଭିଯୋଗ କରି କମିଶନଙ୍କ ହସ୍ତକ୍ଷେପ ଲୋଡିଛି । କଂଗ୍ରେସ ର ଏହି ପ୍ରତିନିଧି ଦଳରେ ଶିବାନନ୍ଦ ରାୟ,ମନୋରଞ୍ଜନ ଦାଶ,ହଳଧର ସେଠି,ଦୀପକ କୁମାର ମହାପାତ୍ର, ଜଗ୍ନେଶ୍ୱର ମଲ୍ଲିକ,ଲିଙ୍ଗରାଜ ସାହୁ,ମାନସ କୁମାର ଆଚାର୍ଯ୍ୟ,ପ୍ରକାଶ ମିଶ୍ର,ସୁଶାନ୍ତ କୁମାର ତ୍ରିପାଠୀ ପ୍ରମୁଖଙ୍କ ସହ ମୃତକ ଦେବାଶିଷ ସେଠୀଙ୍କ ବିଧବା ମା ଭଗବତୀ ସେଠି ,ମଉସା ଉଛବାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଜୀବନ ଜୀବିକାରେ ସହାୟକ ସାପ ଆଜି ମୃତ୍ୟୁର କାରଣ

ଜଳେଶ୍ୱର,୨୮।୭ (ନି.ପ୍ର): ପର୍ଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲା ଅନ୍ତର୍ଗତ ବାଲିଚକ ଅଂଚଳରୁ ଆସି ଜଳେଶ୍ୱରର ନୂଆବଜାର ନିକଟ ରେଳଲାଇନ୍‌କଡରେ ଘର କରି ସାପଧରି ତାକୁ ଖେଳାଇ ଦି ପାଇସା ରୋଜଗାର କରୁଥିବା ଜଣେ କେଳାର ଆଜି ସର୍ପଦଂଶନରେ ମୃତ୍ୟୁ ଘଟିଛି । ଦୀର୍ଘ ୫ବର୍ଷ ଧରି ଜଳେଶ୍ୱରରେ ରହି ବିଭିନ୍ନ ଅଂଚଳରୁ ବିଷଧର ସାପଗୁଡିକୁ ଧରି ତାକୁ ପେଡିରେ ରଖି ବିଭିନ୍ନ ସ୍ଥାନରେ ଖେଳାଇ ଅର୍ଥ ଉପାର୍ଜନ କରି ସ୍ୱାମୀ ସ୍ତ୍ରୀ ଚଳି ଆସୁଥିଲେ । ଗତ କିଛିଦିନିନ ଧରି ତା ନିକଟରେ ଏକ ବିଶାକ୍ତ କଳାନାଗ (ତମ୍ପ) ଧରି ରଖିଥିବା ବେଳେ ଆଜି ଏକ ଗୋଖର ଧରିବାଲାଗି ଚମାରଦିଘୀ ଅଂଚଳକୁ ଯାଇଥିଲା । ରଂଜନ ନାୟକ (୬୦) ସାପ ଖେଳାଇ ନିଜର ଗୁଜୁରାଣ ମେଣ୍ଟାଇ ଆସୁଥିବା ବେଳେ ତାର ପୁତ୍ର ଓ ପୁତୁରାମାନେ ତା ନିକଟକୁ ଆସୁନଥିବାର ଆଜି ତାର ସ୍ତ୍ରୀ ପ୍ରକାଶ କରିଛି । ରଂଜନ ନାୟକର ଡାହାଣ ହାତରେ ସାପକାମୁଡାର ଚିହ୍ନ ଥିବା ବେଳେ ସେ ସେଠାରେ ପଡିଥିବାର ଦେଖି ସ୍ଥାନୀୟ ଲୋକେ ତା ସ୍ତ୍ରୀକୁ ଖବର ଦେଇ ଜିକେଭଙ୍କର ହସ୍‌ପିଟାଲକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ବିଶାକ୍ତ ସର୍ପ ଧରିବା ଓ ଖେଳାଇବା ଏକ ଅପରାଧ ହୋଇଥିବା ବେଳେ ସ୍ଥାନୀୟ ପୁଲିସ୍ କିମ୍ବା ବନବିଭାଗ ଏଥିପ୍ରତି ଦୃଷ୍ଟି ନ ଦେବା ଏକ ଆଲୋଚ୍ୟର ବିଷୟ ହୋଇଛି ।

## ବହୁଜନ କ୍ରାନ୍ତି ମୋର୍ଚ୍ଚା- ରାଷ୍ଟ୍ରୀୟ ମୁସଲିମ୍ ମୋର୍ଚ୍ଚା ପକ୍ଷରୁ ସ୍ମାରକପତ୍ର

ବାଲେଶ୍ୱର,୨୮।୭ (ନି.ପ୍ର): ନାଗରିକତା ସଂଶୋଧନ ଆଇନ(ସିଏଏ) ବିରୋଧରେ ସ୍ୱର ଉତ୍ତାଳନ ସହ ଉତ୍ତର ପ୍ରଦେଶର ଡାକ୍ତର କାଫିଲ ଖାଁ ଓ ସାଥୀଙ୍କ ଗିରଫଦାରୀର ପ୍ରତିବାଦ କରିଛି ବହୁଜନ କ୍ରାନ୍ତି ମୋର୍ଚ୍ଚା ଓ ରାଷ୍ଟ୍ରୀୟ ମୁସଲିମ୍ ମୋର୍ଚ୍ଚା । ଉଭୟ ସଂଗଠନ ବାଲେଶ୍ୱର ଶାଖାର ପ୍ରତିନିଧି ଦଳ ଆଜି ବାଲେଶ୍ୱର ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଡାକ୍ତର କାଫିଲ ଖାଁ ଓ ସାଥୀଙ୍କୁ ବେଆଇନ୍ ଭାବେ ଗିରଫ କରାଯାଇଥିବା ସଂଗଠନର କର୍ମକର୍ତ୍ତାମାନେ ଆରୋପ ଉଠାଇଛନ୍ତି । ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ମଧ୍ୟରେ ସ୍ୱର ଉଠାଉଥିବା ଗୋଷ୍ଠୀଙ୍କୁ ଦବାଇ ରଖିବାକୁ ଉତ୍ତର ପ୍ରଦେଶ ସରକାରଙ୍କ ଏହି ଉଦ୍ୟମ ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ କହିଛନ୍ତି ।

# ସମାଜସେବୀ ଅଜୟ ପରିଡାଙ୍କ ବିୟୋଗରେ ଜଳେଶ୍ୱରରେ ଶୋକର ଛାୟା



ଜଳେଶ୍ୱର,୨୮।୭ (ନି.ପ୍ର): ଆଜି ଭୋର ୪ଟାରେ ୬୨ବର୍ଷ ବୟସରେ ଜଳେଶ୍ୱରର ଅନ୍ୟଜଣେ ସମାଜସେବୀ ଅଜୟ ପରିଡାଙ୍କ ପରଲୋକ ହୋଇଛି । ସେ ଜଣେ ଛାତ୍ରନେତା, ସମାଜସେବି, ସଂଗଠକ, ଅନୁଷ୍ଠାନ ପ୍ରେମୀ, ପରୋକପାରୀ ଭାବେ ପରିଚିତ ଥିଲେ । ୧୯୭୭-୭୮ ମସିହା ଉତ୍ତର ବାଲେଶ୍ୱରର ଛାତ୍ର ଆନ୍ଦୋଳନରେ ଜେଲ ଯିବା, ଦୀନକୃଷ୍ଣ କଲେଜ୍ ୟୁନିୟନର ପୂର୍ବତନ ସହ ସଂପାଦକ, ଶିକ୍ଷା ବିଭାଗର ଜଣେ ବରିଷ୍ଠା କିରାଣୀ ଭାବେ ଜଳେଶ୍ୱରରେ ବେଶ୍ ପରିଚିତ ଥିଲେ । ପ୍ରତ୍ୟେକ୍ଷ ରାଜନିତୀକୁ ଆସିନଥିଲେ ମଧ୍ୟ ତତ୍କାଳୀନ କଂଗ୍ରେସ ଦଳର ଛାମୁଆ ନେତାମାନଙ୍କ ସହ ସଂପର୍କ ଥିବାରୁ ତାଙ୍କ ସ୍ତ୍ରୀ ସୀପ୍ରା ପରିଡା ଜଳେଶ୍ୱର ବିଜ୍ଞାପିତ ପରିଷଦର ଅଧ୍ୟକ୍ଷଭାବେ ରହିଥିଲେ । ୨୦୦୯ରେ ହୃଦ୍‌ଥରୋଗରେ ପିଡିତ ହେବା, ଗତ ୨ ବର୍ଷ ପୂର୍ବେ ରେ ପଡିଯିବା ଓ ଗତକିଛିଦିନ ପୂର୍ବେ କର୍କଟ ରୋଗର ଶୀକାର ହୋଇଥିଲେ ମଧ୍ୟ ଜଳେଶ୍ୱରର ବିଭିନ୍ନ କାର୍ଯ୍ୟରେ ସହଯୋଗ କରୁଥିଲେ । ଜଳେଶ୍ୱର ମହିଳା ମହାବିଦ୍ୟାଳୟର ଓ ଡିକେକଲେଜ୍‌ରେ ବରିଷ୍ଠ କିରାଣୀଭାବେ କାର୍ଯ୍ୟ କରିଥିଲେ । ଆଜି ତାଙ୍କ ପରେଲୋକରେ ତାଙ୍କ ଅନ୍ତରଂଗ ବଂଧୁ ଜୟନାରାୟଣ ମହାନ୍ତି, ଓକିଲ ସଂଘର ପୂର୍ବତନ ସଭାପତି ତଥା ଆର୍ଟଅଫ ଗିଭିଙ୍ଗର ମୁଖ୍ୟ ଅନୀଲ ପରିଡା, ଆଇନ୍‌ଜିମୀ ସତ୍ୟସୁନ୍ଦର ଦାସ, ଫରିଦ ଅହମଦ୍ଦ, ପୂର୍ବତନ ଜିଲାପରିଷଦ ସଭ୍ୟ ଧ୍ରୁବଚରଣ ପାଳ, ଭୋଳାନାଥ ଗିରି, ରାଜନାରାୟଣ ସାହୁ, ଜଗଦୀଶ ନନ୍ଦି, ଗୋବିନ୍ଦ ସାହୁ, ସେକ୍ ଅବଦୁଲ ରହିମ, ପ୍ରଧ୍ୟାପକ ଲଳିତ ସେନାପତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଭିଜିତ୍ ପ୍ରଧାନ ଓ ତପନ ଦାସ, ଆଦିତ୍ୟ ନାରାୟଣ ପାତ୍ର, ତାଙ୍କ ବଂଧୁ ଦିଲ୍ଲିପ କୁମାର ଗିରି, ରାଜନ୍ ସାହୁ, ପୂର୍ବତନ ଅଧ୍ୟକ୍ଷ ଚିତ୍ତରଂଜନ ସାହୁ, ଶ୍ରୀକୃଷ୍ଣ ଗୁପ୍ତା ପ୍ରମୁଖ ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ଶାନ୍ତନା ପ୍ରଦାନ କରିଥିଲେ ।

## ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୯୧୧୩ କରୋନା ପରୀକ୍ଷଣ

ଭୁବନେଶ୍ୱର, ୨୮ ଜୁଲାଇ - ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୯୧୧୩ କରୋନା ପରୀକ୍ଷଣ ହୋଇଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୪୭୬୫୬୦ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

# ପୂର୍ବୋତ୍ତରରେ ୮ଟି ରାଜ୍ୟରେ ମୋଟ ୪୪,୨୨୦ କରୋନା ରୋଗୀ

## ଗତ ୨୪ ଘଂଟାରେ ୧୭୧୯ ନୂଆ କରୋନା ରୋଗୀ ଚିହ୍ନଟ

ଗୌହାଟୀ,୨୮।୭ (ନି.ପ୍ର): ପୂର୍ବୋତ୍ତରରେ ସିକିମ ସହିତ ଆଠଟି ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ସୁସ୍ଥ ହେଉଥିବା ରୋଗୀଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି । ଦ୍ରୁତ ଗତିରେ ନୂଆ କରୋନା ରୋଗୀ ମିଳୁଥିବା ଚିନ୍ତାର କାରଣ ହୋଇଛି । ପୂର୍ବୋତ୍ତରରେ ସବୁଠାରୁ ଅଧିକ ମାମଲା ଆସାମରୁ ଆସୁଅଛି, ତ୍ରିପୁରା ଦ୍ୱିତୀୟ ସ୍ଥାନରେ ଥିବା ବେଳେ ମଣିପୁର ତୃତୀୟ ସ୍ଥାନରେ ରହିଛି । ପୂର୍ବୋତ୍ତରରେ ଗତ ୨୪ ଘଂଟା ମଧ୍ୟରେ ୧୭୧୯ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ସେହିପରି ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୪୨୨୦ ପହଂଚିଛି । ଏଥିମଧ୍ୟରୁ ୩୧,୧୧୩ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ମୋଟ ୧୬୬୦ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ଏବଂ ୧୩,୦୦୫ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ୧୧୩ ଜଣ ରୋଗୀଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ କରୋନା ରୋଗୀ ବାହାରକୁ ଚାଲିଯାଇଛନ୍ତି । ଆସାମରେ ନୂଆ ରୋଗୀଙ୍କ ସଂଖ୍ୟା ୧୩୪୮ ରେ ପହଂଚିଛି । ରାଜ୍ୟର ମୋଟ କରୋନା ରୋଗୀଙ୍କ ସଂଖ୍ୟା ୩୩,୫୭୭ ହୋଇଛି । ଏଥିରୁ ୨୫,୪୦୩ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୧୩୬୨ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୮୦୮୫ ରୋଗୀଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ୮୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ରୋଗୀ ରାଜ୍ୟ ବାହାରକୁ ଚାଲିଯାଇଛନ୍ତି । ତ୍ରିପୁରାରେ ୧୪୭ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୪୦୬୬ ରେ ପହଂଚିଛି । ୨୪୫୫ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୯୩ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୧୫୮୦ ରୋଗୀଙ୍କ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୧୩ ଜଣଙ୍କର ମୃତ୍ୟୁ ଘଟିଛି । ମଣିପୁରରେ ୫୧ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ଏଥି ସହିତ ରାଜ୍ୟର ମୋଟ ରୋଗୀଙ୍କ ସଂଖ୍ୟା ୨୨୮୬ ରେ ପହଂଚିଛି । ସେଥିମଧ୍ୟରୁ ୧୫୫୯ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୩୯ କରୋନା ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୭୭୨ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ନାଗାଲାଣ୍ଡରେ ୪୬ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୧୩୮୫ ହୋଇଛି । ରାଜ୍ୟରେ ୫୬୯ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୨୦ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୮୧୧ ଜଣ ରୋଗୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି । ୫ ଜଣ ରୋଗୀଙ୍କର ମୃତ୍ୟୁ ହୋଇଛି । ଅରୁଣାଚଳ ପ୍ରଦେଶରେ ୮୧ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୧୨୩୯ ହୋଇଛି । ୫୭୪ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୬୯ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୬୬୨ ଜଣ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୩ ଜଣଙ୍କର ମୃତ୍ୟୁ ହୋଇଛି । ମେଘାଳୟରେ ୩୬ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟର ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୩୮ ରେ ପହଂଚିଛି । ୧୮୬ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୫୧ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୫୪୭ ଜଣଙ୍କର ଏବେ ସୁଦ୍ଧା ଚିକିତ୍ସା ଚାଲିଛି ଏବଂ ୫ ଜଣଙ୍କର ମୃତ୍ୟୁ ଘଟିଛି । ମିଜୋରମରେ ଗତ ୨୪ ଘଂଟାରେ କୌଣସି ନୂଆ ରୋଗୀ ଚିହ୍ନଟ ହୋଇନାହାନ୍ତି । ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୩୬୧ ରେ ସୀମିତ ଅଛି । ୧୯୩ ଜଣ ସୁସ୍ଥ ହୋଇଛନ୍ତି । ୧୬୮ ଜଣ ରୋଗୀଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ସିକ୍କିମରେ ୧୦ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୬୮ରେ ପହଂଚିଛି । ୧୭୪ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୨୭ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଏବେ ସୁଦ୍ଧା ୩୮୦ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ଜଣକର ମୃତ୍ୟୁ ହୋଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ମୃତ କୋଭିଡ଼ ଯୋଦ୍ଧାଙ୍କ...

କରିବାରେ ଫଳପ୍ରଦ ଭୂମିକା ଗ୍ରହଣ କରିଛି । ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ନ ଥିବା ସ୍ୱଳ୍ପ ଓ ମଧ୍ୟମ ଲକ୍ଷଣଯୁକ୍ତ କୋଭିଡ଼ ରୋଗୀ ମାନଙ୍କୁ ସେମାନଙ୍କ ଘରେ ରହି ଚିକିତ୍ସିତ ହେବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ଏହା ଉଭୟ ସହର ଓ ଗ୍ରାମାଂଚଳରେ ଲାଗୁ ହୋଇଛି । ଘରୋଇ ପରିବେଶରେ ରୋଗୀମାନେ ଶୀଘ୍ର ଆରୋଗ୍ୟ ଲାଭ କରିବା ସହିତ ଡାକ୍ତରଖାନା ଉପରେ ଚାପ ହ୍ରାସରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହା ସହିତ ଘରେ ରହି ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇ ଦେବା ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ତଦାରଖ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । କୋଭିଡ଼ରେ ମୃତ୍ୟୁବରଣ କରୁଥିବା ରୋଗୀମାନଙ୍କ ଶବ ସତ୍କାର ଏକ ସମ୍ବେଦନଶୀଳ ପ୍ରଶ୍ନ ହୋଇଥିବାରୁ, ଉଭୟ ଆବେଗିକ ଓ ଧାର୍ମିକ ବିଶ୍ୱାସକକୁ ନେଇ ସମ୍ମାନଜନକ ଭାବରେ ଶବସଂସ୍କାର ପାଇଁ ସରକାରଙ୍କ ନୂତନ ନିର୍ଦ୍ଦେଶାବଳୀ ଉପରେ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ । ବିଭିନ୍ନ ଡାକ୍ତରଖାନା ଓ କେୟାର ସେଂଟର ମାନଙ୍କରେ ଚିକିତ୍ସିତ ହେଉଥିବା ରୋଗୀମାନେ ଯେପରି ଗୁଣାତ୍ମକ ସେବା ପାଇପାରିବେ, ସେଥିପାଇଁ ସେମାନଙ୍କଠାରୁ ଫିଡ୍‌ବେକ୍ ସଂଗ୍ରହ କରି ତଦନୁଯାୟୀ ପଦକ୍ଷେପ ନେବାପାଇଁ ମୁଖ୍ୟମନ୍ତ୍ରୀ କୋଭିଡ଼ ପର୍ଯ୍ୟବେକ୍ଷକ ଓ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ଏବଂ କୋଭିଡ଼ ଲଢ଼େଇ ଜିତିବା ପାଇଁ ଅଧିକ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଆଜି ଅନୁଗୁଳ, ଢ଼େଙ୍କାନାଳ, ଦେବଗଡ଼, କେନ୍ଦୁଝର, ମୟୁରଭଂଜ, ବଲାଙ୍ଗୀର, ବରଗଡ଼ ଓ ନୂଆପଡ଼ା ଆଦି ଜିଲ୍ଲାର ପରିସ୍ଥିତି ଓ କୋଭିଡ଼ ପରିଚାଳନା ସମ୍ପର୍କରେ ଜିଲ୍ଲାର ପର୍ଯ୍ୟବେକ୍ଷକମାନେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ । ଏହି ଜିଲ୍ଲା ଗୁଡ଼ିକରେ କୋଭିଡ଼ ପରିଚାଳନାକୁ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବା ପାଇଁ ପର୍ଯ୍ୟବେକ୍ଷକମାାନେ କେତେକ ପ୍ରସ୍ତାବ ମଧ୍ୟ ରଖିଥିଲେ । ଏହି ପ୍ରସ୍ତାବ ଗୁଡ଼ିକୁ ଅନୁଧ୍ୟାନ କରିବାକୁ ମୁଖ୍ୟମନ୍ତ୍ରୀ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବ ତଥା ଜିଲ୍ଲାସ୍ତରରେ ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ଥିଲେ ।

## ରାଜ୍ୟରେ ଗୋଟିଏ ଦିନରେ...

ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ସବୁଠାରୁ ଅଧିକ ୩୩୨ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୧୧ , ବାଲେଶ୍ୱର ଜିଲ୍ଲାରେ ୨୯ ଜଣ, ବରଗଡ ଜିଲ୍ଲାରେ ୧୦, ଭଦ୍ରକ ଜିଲ୍ଲାରେ ୨ , ବଲାଙ୍ଗୀର ଜିଲ୍ଲାରେ ୨୧. ବୌଦ୍ଧ ଜିଲ୍ଲାରେ ୨, କଟକ ଜିଲ୍ଲାରେ ୬୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୧. ଢେଙ୍କାନାଳ ଜିଲ୍ଲାରେ ୧, ଗଜପତି ଜିଲ୍ଲାରେ ୮୯, ଜଗତସିଂହପୁର ଜିଲ୍ଲାରେ ୪୭, ଯାଜପୁର ଜିଲ୍ଲାରେ ୨୦, ଝାରସୁଗୁଡା ଜିଲ୍ଲାରେ ୨, କଳାହାଣ୍ଡି ଜିଲ୍ଲାରେ ୮. କନ୍ଧମାଳ ଜିଲ୍ଲାରେ ୧୪, କେନ୍ଦ୍ରାପଡା ଜିଲ୍ଲାରେ ୧୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାରେ ୭୭ , ଖୋର୍ଦ୍ଧା ଜିଲ୍ଲାରେ ୩୧୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୭୩ ଜଣ, ମାଲକାନଗିରି ଜିଲ୍ଲାରେ ୧୪, ମୟୁରଭଂଜ ଜିଲ୍ଲାରେ ୨୨, ନୟାଗଡ ଜିଲ୍ଲାରେ ୭, ନୂଆପଡା ଜିଲ୍ଲାରେ ୮, ପୁରୀ ଜିଲ୍ଲାରେ ୧୧, ରାୟଗଡା ଜିଲ୍ଲାରେ ୨୪, ସୋନପୁର ଜିଲ୍ଲାରେ ୨ ତଥା ସୁନ୍ଦରଗଡ ଜିଲ୍ଲାରେ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୪,୭୬,୫୬୦ ଟି ନମୁନା କୋଭିଡ୍ -୧୯ ପରୀକ୍ଷା କରାଯାଇଛି । ବର୍ତ୍ତମାନ ସୁଦ୍ଧା ସମୁଦାୟ ୨୮,୧୦୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ୧୮,୦୬୧ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା ୧୫୪ ଜଣ କୋଭିଡ୍ -୧୯ ରୋଗୀଙ୍କର ମୃତ୍ୟୁ ହୋଇଛି । ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୯,୮୫୭ରହିଛି । ୧୦,୫୪୪ ଜଣ ହସ୍‌ପିଟାଲ୍ ଆଇସୋଲେସନ୍ ରେ ରହିଛନ୍ତି ।

## ରାଜ୍ୟରେ ଆଉ ସାତ...

ପୀଡିତ ଥିଲେ । ରାୟଗଡା ଜିଲ୍ଲାର ଜଣେ ୩୧ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେହିପରି ଗଂଜାମ ଜିଲ୍ଲାର ଜଣେ ୫୬ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାର ଜଣେ ୪୫ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ଆସ୍ଥମା ଓ ଡାଇବେଟିସରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ୩୯ ବର୍ଷ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରରେ କରୋନା ଆକ୍ରାନ୍ତ ପାଂଚ ବର୍ଷୀୟ ଶିଶୁର ମୃତ୍ୟୁ ଘଟିଛି। ସେ ସେରେବ୍ରାଲ ପାଲସି ଓ ସିଜର ଡିସର୍ଡରରେ ପୀଡିତ ଥିଲେ ।

## ଆଇଆରସିଟିସି-ଏସବିଆଇ...

(ଆଇଆରସିଟିସି), ଆଇଆରସିଟିସି ଏବଂ ଏସବିଆଇ କାର୍ଡ ମିଳିତ ଭାବେ ରୁପେ ପ୍ଲାଟଫର୍ମରେ ସେମାନଙ୍କର ନୂତନ କୋ-ବ୍ରାଣ୍ଡେଡ୍ କଂଟାକ୍ଟଲେସ୍ କ୍ରେଡିଟ୍ କାର୍ଡ ସୃଷ୍ଟି କରିଛନ୍ତି । କାର୍ଡର ବୈଶିଷ୍ଟ୍ୟ :ଏହି କାର୍ଡ ନିକଟ ଫିଲ୍ଡ କମ୍ୟୁନିକେସନ୍ ଟେକ୍ନୋଲୋଜିରେ ନିର୍ମାଣ କରାଯାଇଛି । ଏହା ବ୍ୟବହାରକାରୀଙ୍କୁ ପିଓଏସ୍ ମେସିନରେ କାର୍ଡ ଟ୍ୟାପ୍ କରି ବ୍ୟବହାର କରିପାରିବେ ଏବଂ କାର୍ଡକୁ ସ୍ୱାଇପ୍ କରିବାର କୌଣସି ଆବଶ୍ୟକତା ନାହିଁ । ନୂତନ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡ ରେଳ ଯାତ୍ରୀମାନଙ୍କୁ ରେଳ ଯାତ୍ରାରେ ସର୍ବାଧିକ ସଂଚୟ ପ୍ରଦାନ କରିବ ଏବଂ ଖୁଚୁରା, ଖାଦ୍ୟ ଏବଂ ମନୋରଞ୍ଜନ ଉପରେ ବିଶେଷ ସୁବିଧା ସହିତ କାରବାର ଶୁଳ୍କ ଉପରେ ରିହାତି ପ୍ରଦାନ ଦେବ । କାର୍ଡ ଦ୍ୱାରା ଆଇଆରସିଟିସି ୱେବସାଇଟରୁ ପ୍ରଥମ ଶ୍ରେଣୀ ଏସି, ଦ୍ୱିତୀୟ ଶ୍ରେଣୀ ଏସି, ତୃତୀୟ ଶ୍ରେଣୀ ଏସି, କାର୍ଯ୍ୟନିର୍ବାହୀ ଚେୟାର କାର ଏବଂ ଏସି ଚେୟାର କାର ବୁକିଂରେ କାର୍ଡଧାରୀଙ୍କୁ ମୋଟ ଭଡାର ୧୦ ପ୍ରତିଶତ ଫେରସ୍ତ କରାଯିବ । ଏହି କାର୍ଡ ବ୍ୟବହାର କରି, ଅନଲାଇନ୍ କାରବାର ଶୁଳ୍କ ଛାଡ (କାରବାର ପରିମାଣର ଶତକଡ଼ା), ଏକ ପ୍ରତିଶତ ଇନ୍ଧନ ସରଚାର୍ଜ ଛାଡ ଏବଂ ରେଳ ଷ୍ଟେସନରେ ୪ ଟି ପ୍ରିମିୟମ ଲାଉଞ୍ଜ (କ୍ୱାର୍ଟର ପ୍ରତି) ମାଗଣା ବ୍ୟବହାର ହୋଇପାରିବ । କାର୍ଡ ବ୍ୟବହାରକାରୀମାନେ ସର୍ବନିମ୍ନ ଖର୍ଚ୍ଚ ସହିତ କାର୍ଡକୁ ସକ୍ରିୟ କରିବା ପରେ ୩୫୦ ବୋନସ ପୁରସ୍କାର ପଏଂଟ ପାଇବେ । ଏହା ବ୍ୟତୀତ ରେଳ ଭ୍ରମଣରେ ସଂଚୟ ବ୍ୟତୀତ,ଆଇଆରସିଟିସି ଏସବିଆଇ କାର୍ଡ ଅନଲାଇନ୍ ସପିଂ ପୋର୍ଟାଲ ପାଇଁ ମଧ୍ୟ ଅନେକ ସୁବିଧା ପ୍ରଦାନ କରେ । ଇ-କମର୍ସ ସାଇଟରେ ସପିଂ କରିବା ସମୟରେ ଗ୍ରାହକ ରିହାତି ପାଇପାରିବେ ।

## କେତେ ଦିନ ଯାଏ...

କୋଭିଡର ଆଳ ଦେଖାଇ ଏବେ କୋଟି କୋଟି ଟଙ୍କା ହଡପ କରିବା ପାଇଁ ବିଧିବଦ୍ଧ ଯୋଜନା କରୁଛି ଶାସକ ବିଜେଡି । ଓଡିଶାବାସୀ ସବୁ ଜାଣିଛନ୍ତି, ଆଉ ସେମାନଙ୍କୁ ଭ୍ରମିତ ନକରି ମନରେଗାରେ ଦୁର୍ନୀତି ହୋଇଛି କି ନାହିଁ ତାହା ସ୍ୱଷ୍ଟ କରନ୍ତୁ । ବିଶେଷ କରି ନିର୍ଦ୍ଦିଷ୍ଟ ଏହି ପଂଚାୟତଗୁଡିକରେ ମନରେଗା କାର୍ଯ୍ୟରେ କେତେ ସ୍ୱଚ୍ଛତା ରହିଛି ରାଜ୍ୟସରକାର ତାହା ଲୋକଲୋଚନକୁ ଆଣନ୍ତୁ ବୋଲି ଶ୍ରୀ ମହାପାତ୍ର ଖୋଲା ଆହ୍ୱାନ ଦେଇଛନ୍ତି ।

## ଛତିଶଗଡ଼ରେ କରୋନାରେ ...

ରେ ୨-୨ ତଥା କବୀରଧାମ ଏବଂ ସରଗୁଜାରେ ୧-୧ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ରାୟପୁର ଶଦାଣୀ ଦରବାରର ଜଣେ ୫୦ ବର୍ଷୀୟ ବ୍ୟକ୍ତି ଏବଂ ବିଳାସପୁରର ମସ୍ତୁରୀ ନିବାସୀ ୨୫ ବର୍ଷୀୟ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ଏହି ଦୁଇଜଣ କରୋନା ପଜିଟିଭ ଥିଲେ । ବିଳାସପୁର କେନ୍ଦ୍ରୀୟ ଜେଲରେ ସଂକ୍ରମଣ ହୋଇଛି । ସେଠାରେ ୨୬ ଜଣ ସଂକ୍ରମିତ ମିଳିଛନ୍ତି । ଆଗଂଗା ଥାନାରେ ୫ କର୍ମୀ ସଂକ୍ରମିତ ଚିହ୍ନଟ ହେବା ପରେ ଥାନାକୁ ସିଲ୍ କରିଦିଆଯାଇଛି ।

## କରୋନା ପରିଚାଳନାରେ...

ପରିଚାଳନାକୁ ରାଜ୍ୟ କଂଗ୍ରେସ ତରଫରୁ ସହଯୋଗ କରାଯାଇ ଅନେକ ଗୁଡିଏ ପ୍ରସ୍ତାବ ଦିଆଯାଇଥିଲା,କିନ୍ତୁ ସରକାର ସେ ସବୁ ପ୍ରସ୍ତାବ କୁ ଗୁରୁତ୍ୱ ଦେଲେ ନାହିଁ ଫଳରେ ଆଜି ସାରା ରାଜ୍ୟରେ କରୋନାର ବିଭୀଷିକା ମାଡିଗଲାଣି ତଥାପି ସରକାର ଚେତୁ ନାହାନ୍ତି ।ଭୁବନେଶ୍ୱରରେ ଯାହା ନିଷ୍ପତି ହେଉଛି ସଚିବାଳୟରେ ତାହା ଗ୍ରାମାଂଚଳରେ କାର୍ଯ୍ୟକାରୀ ହୋଇପାରୁନାହିଁ ।ଫଳରେ ରାଜ୍ୟର ଗରିବ ଜନସାଧାରଣ ଧୀରେ ଧୀରେ ଅନାହାର ଆଡକୁ ଗତି କରୁଥିବା ପରିଲକ୍ଷିତ ହେଉଛି ।ଏବେ ବି ସମୟ ଅଛି ,ଯଦି ସରକାର ଉଚିତ ପଦକ୍ଷେପ ନ ନିଅନ୍ତି ରାଜ୍ୟବାସୀଙ୍କର ନା ରହିବ ଜୀବନ ନା ଜୀବିକା ବୋଲି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି ।

## କ୍ୟାପିଟାଲ ହସ୍‌ପିଟାଲରେ...

ସହ କୋଭିଡ ଯୁଦ୍ଧରେ ସାମିଲ ହୋଇ ସେବା ଜାରି ରଖିଛନ୍ତି, ମୁଖ୍ୟମନ୍ତ୍ରୀ ତାର ଉଚ୍ଚପ୍ରଶଂସା କରିଛନ୍ତି । ଏଭଳି କଠିନ ସମୟରେ କୋଭିଡ ଯୋଦ୍ଧାମାନଙ୍କୁ ଉତ୍ସାହିତ କରିବା ଓ ସେମାନଙ୍କ ମନୋବଳକୁ ଦୃଢ ରଖିବା ପାଇଁ ଆମେ ସମସ୍ତେ କାମ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ଲାଜମା ଦାନ କରିବାକୁ ଆଗ୍ରହୀ ବ୍ୟକ୍ତିମାନେ ଯେଭଳି ସୁବିଧାରେ ରେଜିଷ୍ଟ୍ରେସନ୍ କରିପାରିବେ, ସେଥିପାଇଁ ରାଜ୍ୟ ଇଲ୍‌କ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଦ୍ୱାରା ବିକଶିତ ଏକ ୱେବ୍ ପୋର୍ଟାଲକୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିଲେ । ଏହି ପୋର୍ଟାଲରେ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତି ମାନଙ୍କର ଡାଟାବେସ୍ କୁ ମଧ୍ୟ ସନ୍ନିବେଶିତ କରାଯାଇଛି । https:// covid19.odisha.gov.in/ରେ ଲଗ୍ ଇନ୍ କରି "Plasma Donor Self Registration' click କରିବାକୁ ପଡିବ । ଏଥିରେ ଦାତାମାନଙ୍କ ଯୋଗ୍ୟତା ଏବଂ ସମ୍ମତି ଆଦି ବିଷୟ ମଧ୍ୟ ସ୍ଥାନିତ ହେବ । ଏହି ଅବସରରେ କୋଭିଡରୁ ଆରୋଗ୍ୟ ଲାଭ କରିଥିବା ପ୍ଲାଜମାଦାତା ମାନଙ୍କର ମଧ୍ୟ ମୁଖ୍ୟମନ୍ତ୍ରୀ ଉଚ୍ଚପ୍ରଶଂସା କରିଥିଲେ । ରାଜ୍ୟର ଦାୟିତ୍ୱବାନ ନାଗରିକ ଭାବରେ ସମାଜ ପ୍ରତି ସେମାନଙ୍କ ଦାୟିତ୍ୱ, କର୍ତବ୍ୟବୋଧ ଓ ମାନବିକତାର ଶ୍ରେଷ୍ଠ ଉଦାହରଣ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ଲାଜମା ଦାନ କରିଥିବା ଓଡିଶା ପୋଲିସର ଯବାନ, ଏନଡିଆରଏଫ୍ ର ଯବାନ ଏବଂ ଅଗ୍ନିଶମ ସେବାର କର୍ମଚାରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ । ଖୁବ ଶୀଘ୍ର ପ୍ଲାଜମା ଦାନ ଏକ ଜନ ଆନ୍ଦୋଳନରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ ।ଉଦଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନବ ଦାସ ପ୍ଲାଜମା ଦାନ ଅଭିଯାନକୁ ବ୍ୟାପକ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ପାଇଁ ସାଧୁବାଦ ଜଣାଇବା ସହିତ ଅଧିକରୁ ଅଧିକ ବ୍ୟକ୍ତି ପ୍ଲାଜମା ଦାନ କରିବାକୁ ଆଗେଇ ଆସିବାକୁ ଆହ୍ୱାନ ଜଣାଇଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ ପ୍ଲାଜମା ଦାନ ପାଇଁ ଆଇଇସି ଅଭିଯାନକୁ ଜୋରଦାର କରାଯିବ ବୋଲି କହିଥିଲେ ।

ବୁଧବାର, ୨୯ ଜୁଲାଇ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ରାଜସ୍ଥାନରେ କରୋନାରେ ୭ ମୃତ୍ୟୁ : ୧୪ ଜିଲ୍ଲାରେ ୪୦୬ ନୂଆ ସଂକ୍ରମିତ

ଜୟପୁର, ୨୮।୭ (ନି.ପ୍ର): ରାଜସ୍ଥାନରେ କରୋନା ସଂକ୍ରମଣ ଯୋଗୁଁ ସୋମବାରଦିନ ୭ ଜଣ ରୋଗୀଙ୍କର ମୃତ୍ୟୁ ହୋଇଛି । ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ପାଲିରେ ୩, ଯୋଧପୁରରେ ୨, ଜୟପୁର ଓ ଅନ୍ୟ ପ୍ରଦେଶରେ ୧-୧ ରୋଗୀ ସାମିଲ ଅଛନ୍ତି। ଏହାକୁ ମିଶାଇ ପ୍ରଦେଶରେ ମୋଟ ମୃତ୍ୟୁ ସଂଖ୍ୟା ୬୪୦ରେ ପହଂଚିଛି । ମଙ୍ଗଳବାର ସକାଳ ସୁଦ୍ଧା ୧୪ ଜିଲ୍ଲାରୁ ୪୦୬ ନୂଆ ସଂକ୍ରମିତଙ୍କ ସହିତ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୭ ହଜାର ୯୭୦ ହୋଇଛି । ମଙ୍ଗଳବାର ଦିନ ଅଲବରରେ ସର୍ବାଧିକ ୧୭୯, ଜୟପୁରରେ ୪୪, ଅଜମେରରେ ୪୨, ନାଗୌରରେ ୩୬, ଭିଲୱାଡ଼ାରେ ୨୬, ବାଡ଼ମେରରେ ୧୬, କୋଟାରେ ୧୫, ଶ୍ରୀଗଂଗାନଗରରେ ୧୪, ଝୁନଝୁନରେ ୧୩, ବାଂସୱାଡ଼ାରେ ୧୧, ବାରାଂରେ ୪, ଦୌସା ଓ ଅନ୍ୟ ପ୍ରଦେଶରେ ୨-୨, ଝାଲାୱାଡ଼ ଓ ସବାଇ ମାଧୋପୁରରେ ୧-୧ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପ୍ରଦେଶରେ ଏବେ ସୁଦ୍ଧା ୨୬,୮୭୮ ଜଣ ସୁସ୍ଥ ହୋଇଛନ୍ତି ଏବଂ ୨୫ ହଜାର ୭୦୬ ଜଣ ଘରକୁ ଫେରିଛନ୍ତି। ଚିକିତ୍ସା ବିଭାଗ କହିବା ଅନୁସାରେ ଏବେ ସୁଦ୍ଧା ଯୋଧପୁରରେ ୬୨୫୦, ଜୟପୁରରେ ୪୯୯୮, ଅଲବରରେ ୩୩୪୦, ଭରତପୁରରେ ୨୩୯୨, ପାଲିରେ ୨୪୧୨, ବିକାନେରରେ ୧୭୮୯, ଅଜମେରରେ ୧୬୩୮, କୋଟାରେ ୧୪୧୧, ନାଗୌରରେ ୧୩୫୩, ବାଡ଼ମେରରେ ୧୨୫୦, ଘୋଲପୁରରେ ୧୧୪୯, ଉଦୟପୁରରେ ୧୧୪୨, ଜାଲୋରରେ ୧୦୬୭, ସୀକରରେ ୮୯୮, ସିରୋହୀରେ ୮୩୩, ଚୁରୁରେ ୬୦୮, ଝୁନଝୁନରେ ୫୯୧, ରାଜସମନ୍ଦରେ ୫୬୬, ଡୁଙ୍ଗରପୁରରେ ୫୬୫, ଭିଲୱାଡ଼ାରେ ୫୩୭, ଝାଲାୱାଡ଼ ରେ ୪୯୨, କରୌଲିରେ ୩୦୫, ଦୌସାରେ ୨୯୩, ଟୋଂକରେ ୨୬୨, ଚିତୌଡ଼ଗଡ଼ରେ ୨୪୦, ହନୁମାନଗଡ଼ରେ ୧୯୯, ଅନ୍ୟ ପ୍ରଦେଶରେ ୧୮୫, ଶ୍ରୀଗଙ୍ଗାନଗରରେ ୧୭୪, ପ୍ରତାପଗଡ଼ରେ ୧୬୮, ଜୈସଲମେରରେ ୧୬୪, ବାଂସୱାଡ଼ାରେ ୧୫୯, ବାରାଂରେ ୧୨୩ ଏବଂ ବୁନ୍ଦିରେ ୧୧୦ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ଅନ୍ୟ ରାଜ୍ୟରୁ ଆସିଥିବା ପ୍ରବାସୀ ନାଗରିକଙ୍କ ମଧ୍ୟରୁ ୭୩୭୨ ସଂକ୍ରମିତ ହୋଇଛନ୍ତି । ଏବେ ପ୍ରଦେଶରେ କରୋନାର ସକ୍ରିୟ ମାମଲା ୧୦,୪୫୨ ରହିଛି।

# ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୮୮୫

## ସନ୍ଦେହରେ ସ୍ଥାନୀୟ ସଂକ୍ରମଣ ଚିହ୍ନଟ !

ବାଲେଶ୍ୱର, ୨୮।୭ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ସବୁ ବର୍ଗର ଲୋକଙ୍କ ଚିନ୍ତା ବଢ଼ାଇଚାଲିଛି । ଓଡ଼ିଶା ଭଳି ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୮ହଜାର ୧୦୭ରେ ପହଞ୍ଚିଥିବା ବେଳେ ବାଲେଶ୍ୱରରେ ଆଜି ଚିହ୍ନଟ ହୋଇଥିବା ୨୯ ଜଣ ନୂଆ କରୋନା ପଜିଟିଭ୍ ସମେତ ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୮୮୫ରେ ପହଞ୍ଚିଛି । ଅଦ୍ୟାବଧି ୬୫୫ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୨୨୫ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ କିଚିତ୍ସା କରାଯାଉଛି । ତେବେ ଆଜି ନୂଆ ଭାବେ ଚିହ୍ନଟ ହୋଇଥିବା ୨୯ ଜଣଙ୍କ ମଧ୍ୟରୁ କ୍ୱାରେଣ୍ଟାଇନ୍ ସେଣ୍ଟରରେ ୧୧ ଜଣ ଥିବାବେଳେ ଅନ୍ୟ ୧୮ ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡ଼ିଛି । ତନ୍ମଧ୍ୟରୁ କ୍ୱାରେଣ୍ଟାଇନ୍ କେନ୍ଦ୍ରରେ ଥିବା ସିମୁଳିଆ ବ୍ଲକ ଅନ୍ତର୍ଗତ ପାର୍ବତୀପୁର ଅଞ୍ଚଳର ଜଣେ ପୁରୁଷ ଓ ଜଣେ ମହିଳା, ଶ୍ୟାମସୁନ୍ଦରପୁରର କର୍ଣ୍ଣାଟକ ଫେରନ୍ତା ଜଣେ ପୁରୁଷ ଓ ବ୍ରହ୍ମପୁରର ଜଣେ ଯୁବକ, ରାମଚନ୍ଦ୍ରପୁରର ମହାରାଷ୍ଟ୍ର ଫେରନ୍ତା ଜଣେ ପୁରୁଷ ଅଛନ୍ତି। ସେହିଭଳି ଖଇରା ବ୍ଲକର ତେନ୍ତୁଳିଆ ଅଞ୍ଚଳର ପଶ୍ଚିମବଙ୍ଗ ଫେରନ୍ତା ଜଣେ ପୁରୁଷ, ସୋର ବ୍ଲକର ଗୁଜରିଆ ଅଞ୍ଚଳର ପଶ୍ଚିମବଙ୍ଗ ଫେରନ୍ତା ଜଣେ ଯୁବକ, ନୀଳଗିରି ରାଧାକ୍ରିଷ୍ଣପୁର ଅଞ୍ଚଳର ୨୨ ବର୍ଷର ଜଣେ କେରଳ ଫେରନ୍ତା ଯୁବକ, ରେମୁଣା ବ୍ଲକ ଶେରଗଡ଼ ଅଞ୍ଚଳର କଟକ ଫେରନ୍ତା ପୁରୁଷ, ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ଟସିଏମସିରେ ଥିବା ବସ୍ତା ବ୍ଲକ ହଳଦୀପଦା ଅଞ୍ଚଳର ୬୮ ବର୍ଷର ପୁରୁଷ ଓ ଜଳେଶ୍ୱର ବ୍ଲକ ବାଲିଗୋପୀନାଥପୁର ଅଞ୍ଚଳର ପଶ୍ଚିମବଙ୍ଗ ଫେରନ୍ତା ୫୦ ବର୍ଷର ଜଣେ ପୁରୁଷ ଅଛନ୍ତି । ୧୧ଜଣଯାକ କ୍ୱାରେଣ୍ଟୋଇନ୍ କେନ୍ଦ୍ରରେ ଥିଲେ । ଅନ୍ୟପକ୍ଷରେ ଆଜି ଗୋଟିଏ ଦିନରେ ଚିହ୍ନଟ ହୋଇଥିବା ୧୨ ଜଣ ସ୍ଥାନୀୟ ସଂକ୍ରମିତମାନେ ହେଲେ ଖଇରା ବ୍ଲକର ନହଙ୍ଗା ଅଞ୍ଚଳର ୪ ଜଣ , ରୁସ୍ତମପୁର ଅଞ୍ଚଳର ୨ ଜଣ , ବାହାନଗା ବ୍ଲକର ବାଜିପୁର ଅଞ୍ଚଳର ଜଣେ, ରେମୁଣା ବ୍ଲକ ଶାସନବାଡ଼ ଅଞ୍ଚଳର ଜଣେ , ସଦର ବ୍ଲକ ଚାନ୍ଦିପୁର ଅଞ୍ଚଳର ୨ଜଣ, ବାଲିଆପାଳ ବ୍ଲକର ୨ଜଣ, ସେହିପରି ବସ୍ତା ବ୍ଲକର ଜଣେ ୯ ବର୍ଷର ଶିଶୁ ସମେତ ୬ଜଣ ସ୍ଥାନୀୟ ସଂକ୍ରମିତ ହୋଇଥିବା ଜଣାପଡ଼ିଛି । ତେବେ ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ କରୋନା ପିଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଉଛି । ମାତ୍ର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପୂର୍ବରୁ କେହି ସଂକ୍ରମିତ ହୋଇ ନଥିବା ବେଳେ ଏବେ ସେସବୁ ଅଞ୍ଚଳରେ ସ୍ଥାନୀୟ ସଂକ୍ରମଣ କେଉଁଠୁ ଆସୁଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସଂକ୍ରମଣର ଉତ୍ସ ଜଣାପଡୁ ନଥିବା ବେଳେ ସେମାନଙ୍କର କଣ୍ଟାକ୍ଟ ଟ୍ରେସିଂ କେମିତି କରାଯାଉଛି, ତାହା ଅନ୍ୟଏକ ପ୍ରଶ୍ନ ହୋଇଛି । ଯାହା ବି ହେଉ ଗତ କିଛିଦିନ ଧରି ଜିଲ୍ଲାରେ କରୋନା ସଂକ୍ରମଣ ବଢ଼ିଚାଲିଥିବା ବେଳେ ଅଗଷ୍ଟ ମାସରେ ସମ୍ଭାବ୍ୟ ସ୍ଥିତିକୁ ନେଇ ଆଶଙ୍କା ଦେଖାଦେଇଛି ।

## ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦରରେ ମଦ ବିକ୍ରି ଅଭିଯୋଗ

### ଦୋକାନୀଙ୍କ ମାଡ଼ରେ ଆହତ ଯୁବକଙ୍କ ଏତଲା

ବାଲେଶ୍ୱର, ୨୮।୭ (ନି.ପ୍ର): ସରକାରୀ ମୂଲ୍ୟଠାରୁ ଅଧିକ ଦରରେ ହେଉଥିବା ବିଦେଶୀ ମଦ ବିକ୍ରିର ପ୍ରତିବାଦ ଯୋଗୁଁ ଦେକାନୀଙ୍କ ଆକ୍ରମଣରେ ଆହତ ଭୀମପୁରା ଅଞ୍ଚଳର ଜନୈକ ବ୍ୟକ୍ତି ଥାନାରେ ଏତଲା ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ ରେମୁଣା ଗୋଲେଇରେ ଟ୍ରକ୍ ଧନ୍ଦା କରୁଥିବା ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଭୀମପୁରା ଅଞ୍ଚଳର ସ୍ୱର୍ଗତ ଠକୁର ନାୟକଙ୍କ ପୁତ୍ର ରମେଶ ନାୟକ ଗତକାଲି ସଂଧ୍ୟା ପ୍ରାୟ ୫ଟା ୪୫ ସମୟରେ ଗୋଲେଇସ୍ଥିତ ଏକମାତ୍ର ସରକାରୀ ପଞ୍ଜୀକୃତ ଠିପିବନ୍ଦ ବିଦେଶୀ ମଦ ଦୋକାନକୁ ମଦ କିଣିବାକୁ ଯାଇଥିଲେ । ନିଜର ଡେବିଟ୍ କାର୍ଡ଼ରେ ସେ ଆବଶ୍ୟକ ମଦ କିଣିଥିଲେ । ମାତ୍ର ଦୋକନୀ ପ୍ରତି ବୋତଲରେ ସରକାରୀ ମୂଲ୍ୟଠାରୁ ଢେର ଅଧିକ ଟଙ୍କା ନେବା ଯୋଗୁଁ ସେ ଏହାର ପ୍ରତିବାଦ କରିଥିଲେ । ଦୋକାନ ବନ୍ଦ ବେଳେ ମଦନେଲେ ଏମିତି ଅଧିକ ଟଙ୍କା ଦେବାକୁ ପଡ଼େ ବୋଲି ଦେକାନୀ କହିବା ସହ ରମେଶଙ୍କୁ ନାଲିଆଖି ଦେଖାଇଥିଲେ । ନେଇଥିବା ଅଧିକ ଟଙ୍କା ଫେରାଇବା ପାଇଁ ରମେଶ ଜିଦ୍ ଧରିବାରୁ ଦୋକାନର ୩ ଜଣ କର୍ମଚାରୀ ବାହାରକୁ ଆସି ତାଙ୍କୁ ଟାଣିନେଇ ଅଶ୍ଲୀଳ ଭାଷାରେ ଗାଳିଗୁଲଜ ସହ ଲୁହାରଡ୍‌ରେ ନିସ୍ତୁକ୍ ମାଡ଼ କରିଥିଲେ । ଏହି ମାଡ଼ରେ ତାଙ୍କ ମୁଣ୍ଡରୁ ରକ୍ତଝରିବା ସହ ସେ ଚିତ୍କାର କରି ତଳେ ପଡ଼ିଯାଇଥିଲେ । ଖବର ପାଇ ପ୍ରାୟ ୧୫ ମିନିଟ୍ ପରେ ଅନ୍ୟ ସାଙ୍ଗମାନେ ଆସି ରମେଶଙ୍କୁ ତଳୁ ଉଠାଇବା ସହ ଡାକ୍ତରଖାନାକୁ ଆଣିଥିଲେ । ପ୍ରାଥମିକ ଚିକିତ୍ସା ପରେ ନିଜ ପକେଟରେ ଟଙ୍କା ଏବଂ ବେକରେ ସୁନାହାର ନଥିବା ରମେଶ ଜାଣିବାକୁ ପାଇଲା । ଏହାକୁ ନେଇ ଗୋଲେଇ ଫାଣ୍ଡିରେ ସେ ଏତଲା ଦେଇଥିଲେ ବି ଅଦ୍ୟାବଧି ଅଭିଯୁକ୍ତଙ୍କୁ ଗିରଫ କରାଯାଇନଥିବା ସେ ଆରୋପ ଉଠାଇଛି ।

## ଗାଁ ଗାଁରେ ସହିଦ ସପ୍ତାହ ପାଳନ ପାଇଁ ମାଓ ନେତା ବେଣୁଙ୍କ ଆହ୍ୱାନ

ମାଲକାନଗିରି, ୨୮।୭ (ନି.ପ୍ର): ମାଲକାନଗିରି ବର୍ଡର ଡିଭିଜନର ସଂପାଦକ ବେଣୁ ଏକ ଅଡିଓ ଟେପରେ ସହିଦ ସପ୍ତାହ ପାଳନ ପାଇଁ ଆହ୍ୱାନ ଦେଇଛନ୍ତି । ବିଭିନ୍ନ ଗ୍ରାମରେ ଲୋକେ ଏକତ୍ରିତ ହୋଇ ଏହି ଦିବସ ପାଳନ କରିବାକୁ ସେ କହିଛନ୍ତି । ଗତ ଜୁଲାଇ ୨୦୧୯ଠାରୁ ଜୁଲାଇ ୨୦୨୦ ପର୍ଯ୍ୟନ୍ତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମାଓବାଦୀଙ୍କର ଜୀବନ ଯାଇଥିବା ସଂଗଠନ ସ୍ୱୀକାର କରିଛି । ଏହି ସହିଦମାନଙ୍କ ଉଦ୍ଦେଶ୍ୟରେ ଦୁର୍ଗମ ଗ୍ରାମଗୁଡ଼ିକରେ ନାଚଗୀତ ମାଧ୍ୟମରେ ସହିଦ ସପ୍ତାହ ପାଳନ କରାଯିବ । ଗାଁ ଗାଁରେ ସହିଦ ସ୍ତମ୍ଭ ନିର୍ମାଣ କରି ସହିଦଙ୍କ ସ୍ମୃତିଚାରଣ କରାଯିବ ।

## ପ୍ରଶାସନର ଲୋକଦେଖାଣିଆ ସାନିଟାଇଜେସନକୁ ନେଇ ଅସନ୍ତୋଷ



ବାଲେଶ୍ୱର, ୨୮।୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାର କୋଭିଡ୍ ପରିଚାଳନାକୁ ନେଇ କ୍ରମଶଃ ଜନଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି । ସ୍ୱାବ ସଂଗ୍ରହଠାରୁ ସାନିଟାଇଜେସନ ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ପ୍ରଶାସନର ଖାମଖିଆଲି କାର୍ଯ୍ୟକୁ ନେଇ ସହରର ସଚେତନଶୀଳ ବ୍ୟକ୍ତିମାନେ ଏବେ ମୁହଁ ଖୋଲିଲେଣି । ସାମ୍ପ୍ରତିକ ସ୍ଥିତିରେ ଜିଲ୍ଲାର କରୋନା ସଂକ୍ରମଣ ବୃଦ୍ଧି ପାଇ ଚାଲିଥିବା ବେଳେ ପ୍ରଶାସନର କାର୍ଯ୍ୟଧାରା ସମସ୍ତଙ୍କୁ ଆଚମ୍ବିତ କରିଛି । ଏମିତିକି ଲକ୍ଷଣ ଦେଖାଯାଉ ନଥିଲେ ବି କରୋନା ରୋଗୀ ସଂସ୍ପର୍ଶରେ ଆଥିବା ଲୋକଙ୍କ ସ୍ୱାବ ପରୀକ୍ଷା ନ କରିବା ଓ ସହରରେ ନିର୍ଦ୍ଦିଷ୍ଟ ରୋଡ୍‌କୁ ବାରମ୍ବାର ସାନିଟାଇଜେସନ କରାଯିବାକୁ ନେଇ ସଚେତନଶୀଳ ବ୍ୟକ୍ତିମାନେ ଆଜି ଜିଲ୍ଲାପାଳଙ୍କଠାରେ ଫେରାଦ ହୋଇଛନ୍ତି । ବିଶେଷ କରି ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ପ୍ରାୟ ସମସ୍ତ ୱାର୍ଡ଼ରେ କରୋନା ସଂକ୍ରମଣ ବଢ଼ି ଚାଲିଛି । ସଂକ୍ରମଣ ରୋକିବାକୁ ପ୍ରଶାସନ ପକ୍ଷରୁ ହେଉଥିବା ସାନିଟାଇଜେସନ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଥିବା ସେମାନେ କହିଛନ୍ତି । ବଡ଼ ବଡ଼ ଗାଡ଼ିରେ ସହରର କେବଳ ହାତଗଣତି ୨/୩ଟା ରାସ୍ତାରେ ଲୋକଦେଖାଣିଆ ସାନିଟାଇଜେସନ କରାଯାଉଥିବା ବେଳେ ଅଧିକ ଜନବହୁଳ ଅଞ୍ଚଳକୁ ସେହି ଗାଡ଼ି ଯାଉନାହିଁ । ଏନେଇ ଉଚିତ ପଦକ୍ଷେପ ନେବାକୁ ସଚେତନଶୀଳ ବ୍ୟକ୍ତିମାନେ ଦାବି କରିଥିଲେ । ଏହି ପରିପ୍ରେକ୍ଷୀରେ ସେମାନେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ସ୍ମାରକପତ୍ର ପ୍ରଦାନ ବେଳେ ବରିଷ୍ଠ ଆଇଜୀବୀ ବିଜୟ କୁମାର ପାଣିଗ୍ରାହୀ, ପୂର୍ଣ୍ଣେନ୍ଦୁ କୁମାର ମହାନ୍ତି, ସୌମ୍ୟରଂଜନ ପାତ୍ର, ଡାକ୍ତର ଶାନ୍ତନୁ ଦାସ, ସନାତନ ରାଉଳ, ମୃତ୍ୟୁଞ୍ଜୟ ତ୍ରିପାଠୀ, ଦିଲ୍ଲୀପ ପରିଡ଼ା, ବେଣୁଧର ଉପାଧ୍ୟାୟ, ବସନ୍ତ ମହାପାତ୍ର, ହୃଷୀକେଶ ପାତ୍ର, ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟରେ ବାଟବଣା ହୋଇଛି ମନରେଗା:ବିଜେପି

ଭୁବନେଶ୍ୱର, ୨୮ ଜୁଲାଇ - ଓଡିଶାରେ ମନରେଗା କାମ ଜେସିବି, ଟ୍ରାକ୍ଟର , କଂଟ୍ରାକ୍ଟର , ବିଜେଡି ନେତା ଓ କିଛି ଅସାଧୁ ଅଫିସର କରୁଛନ୍ତି ବୋଲି ବିଜେପି ଅଭିଯୋଗ କରିଛି । ପ୍ରକୃତ ଗରୀବ ହିତାଧିକାରୀଙ୍କ ଅର୍ଥକୁ ବିଜେଡିର ନେତା ଓ ଠିକାଦାରମାନେ ଏବଂ କିଛି ଅସାଧୁ ବ୍ଲକ ଅଫିସର ମାନେ ଆତ୍ମସାତ କରୁଛନ୍ତି । ପ୍ରଧାନମନ୍ତ୍ରୀ ପଠାଉଥିବା ଅର୍ଥ ଗରିବ ଜନସାଧାରଣଙ୍କ ପାଖରେ ପହଂଚୁ ନାହିଁ ତେଣୁ ରାଜ୍ୟସରକାର ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଗରିବ ହିତାଧିକାରୀଙ୍କୁ ସେମାନଙ୍କ ହକ୍ ଦିଅନ୍ତୁ ଏବଂ ଅନିୟମିତତା ହୋଇଥିବା ସ୍ଥାନରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ନଚେତ ବିଜେପି ପକ୍ଷରୁ ଓଡିଶାର ପ୍ରତି ବ୍ଲକ ଆଗରେ କୋଭିଡ ନିୟମକୁ ପାଳନ କରି ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ର ଚେତାବନୀ ଦେଇଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ରାଜ୍ୟରେ ମନରେଗା କାମରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଚାଲିଛି । ଅନେକ ସ୍ଥାନରେ ମେସିନ ଦ୍ୱାରା କାମ କରାଯାଉଛି । ପ୍ରକୃତ ହିତାଧିକାରୀ ଏହାର ଲାଭ ଉଠାଇ ପାରୁ ନାହାଁନ୍ତି । ବିଡିଓ, କଂଟ୍ରାକ୍ଟର ଓ ବିଜେଡି ନେତାଙ୍କ ମଧୁଚନ୍ଦ୍ରିକାରେ ମନରେଗା ବାଟବଣା ହୋଇଛି । ରାଜ୍ୟର ସମସ୍ତ ଜିଲ୍ଲାରେ ଜେସିବି ଓ ଟ୍ରାକ୍ଟର ଲଗାଇ ରାତିଅଧିଆ କାମ କରାଯାଉଛି । ମୃତ ବ୍ୟକ୍ତି, ସରକାରୀ ଚାକିରିଆ, ରାଜ୍ୟ ବାହାରେ ରହୁଥିବା ବ୍ୟକ୍ତି, ବାର୍ଦ୍ଧକ୍ୟ ଭତା ପାଉଥିବା ବୃଦ୍ଧଙ୍କ ନାଁରେ ଟଙ୍କା ଉଠାଣ ହୋଇ କଂଟ୍ରାକ୍ଟର ହାତକୁ ଯାଉଛି । ଜବରଦସ୍ତି ଘରୋଇ ଜମିରେ ମେସିନ ଲଗାଇ ରାତିଅଧିଆ କାମ କରି ମନରେଗା ଟଙ୍କାକୁ ହଡପ କରାଯାଉଛି ଏବଂ କାମ ନକରି ମିଥ୍ୟା ବିଲ କରି ମନରେଗା ଅର୍ଥକୁ ବାଟମାରଣା କରାଯାଉଛି ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି । ଖଲ୍ଲିକୋଟ ବ୍ଲକର କୋମଣ୍ଡ ଗ୍ରାମପଂଚାୟତରେ ରଙ୍ଗ ବନ୍ଧ ପୋଖରୀ ଖୋଳାରେ ବ୍ୟାପକ ଦୁର୍ନୀତି ହୋଇଛି । ଅଦ୍ୟାବଧୀ ୧୬ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ ପୋଖରୀ କାର୍ଯ୍ୟ ଅସଂପୂର୍ଣ୍ଣ ହୋଇ ପଡିଛି । ଖଲ୍ଲିକୋଟ ବ୍ଲକର ବାକୁଟ ଗ୍ରାମପଂଚାୟତର ବଧି ବନ୍ଧ କାମ ଜେସିବି ଦ୍ୱାରା ହେବା ସହ ପଂଚାୟତ ପିଅନ, ଅଙ୍ଗନବାଡି ସହାୟକ, ୭୦ରୁ ୮୦ ବର୍ଷର ବୃଦ୍ଧ ଏବଂ ଏକ୍ସ ଆର୍ମିଙ୍କ ସ୍ତ୍ରୀଙ୍କ ନାଁରେ ଫେମେଟ ପରେ ଟଙ୍କା କଂଟ୍ରାକ୍ଟର ହାତକୁ ଯାଇଛି । ନିଆଳି ବ୍ଲକର କୃଷ୍ଣ ପ୍ରସାଦ ଗ୍ରାମପଂଚାୟତର ନୂଆ ପିତାପଡା ଗ୍ରାମରେ ଲକ୍ଷ୍ମୀକାନ୍ତ ମହାରଣା ଓ ମନୋରଂଜନ ମହାନ୍ତିଙ୍କ ନିଜସ୍ୱ ଜମିରେ ମେସିନ ଲଗାଇ ରାତିଅଧିଆ ପୋଖରୀ ଖୋଳିଦିଆଯାଇଛି । ଏ ସମ୍ବନ୍ଧରେ ବିଡିଓଙ୍କୁ ଜଣାଇଲେ ସୁଦ୍ଧା କୌଣସି ସୁଫଳ ମଳିନି । ସେହିପରି ରଣପୁର ବ୍ଲକର ଗୋପାଳପୁର ପଂଚାୟତ ଅନ୍ଧାରୁଆ ଗାଁରେ ରାସ୍ତା କାମରେ ବ୍ୟାପକ ଅନିୟମିତତତା ହୋଇଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

## କ୍ୟାପିଟାଲ ହସ୍‌ପିଟାଲରେ ରାଜ୍ୟର ଦ୍ୱିତୀୟ ପ୍ଲାଜମା ବ୍ୟାଙ୍କ୍‌ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

- ଖୁବ୍ ଶୀଘ୍ର ଖୋଲିବ ଆଉ ୩ ପ୍ଲାଜମା ବ୍ୟାଙ୍କ୍
- ୱେବ୍ ପୋର୍ଟାଲ ମାଧ୍ୟମରେ ରେଜିଷ୍ଟ୍ରେସନ୍ କରିପାରିବେ ପ୍ଲାଜମାଦାତା
- ରାଜ୍ୟରେ ଅତ୍ୟାଧୁନିକ ଚିକିତ୍ସା ସୁବିଧାରୁ କେହି ବଂଚିତ ହେବେ ନାହିଁ - ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର, ୨୮।୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି କ୍ୟାପିଟାଲ ହସ୍‌ପିଟାଲରେ ରାଜ୍ୟର ଦ୍ୱିତୀୟ ପ୍ଲାଜମା ବ୍ୟାଙ୍କ ଉଦ୍‌ଘାଟନ କରିଛନ୍ତି । ଖୁବ୍ ଶୀଘ୍ର ରାଉରକେଲାର ଆଇ.ଜି.ଏଚ୍, ବୁର୍ଲାର ଭୀମସାର ଏବଂ ବ୍ରହ୍ମପୁରର ଏମକେସିଜି ମେଡିକାଲରେ ପ୍ଲାଜମା ବ୍ୟାଙ୍କ ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କୋଭିଡ ମୁକାବିଲାରେ ଗୁରୁତର ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ପ୍ଲାଜମା ଥେରାପିର ପ୍ରୟୋଗ ଅତ୍ୟନ୍ତ ଉତ୍ସାହଜନକ ହୋଇଥିବାରୁ ଏହି ଚିକିତ୍ସା ପଦ୍ଧତିକୁ ଅଧିକରୁ ଅଧିକ ଭାବେ ପ୍ରୟୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଯେ ୧୫ ଦିନ ପୂର୍ବେ କଟକ ଏସସିବିରେ ରାଜ୍ୟର ପ୍ରଥମ ପ୍ଲାଜମା ବ୍ୟାଙ୍କ ଉଦ୍‌ଘାଟିତ ହୋଇଥିଲା ।

ନୂତନ ପ୍ଲାଜମା ବ୍ୟାଙ୍କର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଲେ ଯେ ରାଜ୍ୟର କେହି ଜଣେ ବି ବ୍ୟକ୍ତି ଅତ୍ୟାଧୁନିକ ଚିକିତ୍ସା ସୁବିଧାରୁ ବଂଚିତ ହେବେ ନାହିଁ । ସମସ୍ତଙ୍କୁ ସର୍ବୋତମ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ କଟକ ଏସସିବିର ଡାକ୍ତରମାନେ ରାଜ୍ୟରେ ଆଧୁନିକ ପ୍ଲାଜମା ଥେରାପିର ସଫଳ ପ୍ରୟୋଗ କରି ଓଡିଶାକୁ ଗର୍ବିତ କରିଛନ୍ତି । କୋଭିଡରୁ ଆରୋଗ୍ୟ ଲାଭ କରିଥିବା ଏପର୍ଯ୍ୟନ୍ତ ୨୩ ଜଣ ବ୍ୟକ୍ତିଙ୍କ ଠାରୁ ପ୍ଲାଜମା ସଂଗ୍ରହ କରାଯାଇଛି । ଜଣେ ବ୍ୟକ୍ତିଙ୍କ ପ୍ଲାଜମା ଦୁଇ ଜଣ ରୋଗୀଙ୍କୁ ଦିଆଯାଇପାରିବ । ତେଣୁ ଏହାଦ୍ୱାରା ୪୬ଜଣ ରୋଗୀ ଚିକିତ୍ସିତ ହୋଇପାରିବେ । ରାଜ୍ୟର ବିଭିନ୍ନ ସ୍ଥାନକୁ ଏହି ଚିକିତ୍ସା ସେବା ସଂପ୍ରସାରିତ କରିବା ପାଇଁ ଏହା ଆମକୁ ପ୍ରେରଣା ଦେଇଛି ।

କୋଭିଡ-୧୯ ପରି ଏକ ଅସାଧାରଣ ପରିସ୍ଥିତିରେ ରାଜ୍ୟର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଯେଉଁଳି ନିଷ୍ଠା ଓ ତ୍ୟାଗର ▶▶ପୃଷ୍ଠା ୭

## ୩୦୦ ବର୍ଷର ବଟବୃକ୍ଷକୁ କାଟଲେ ଦୃବୃର୍ତ୍ତ : ଗ୍ରାମବାସୀ କ୍ଷୁବ୍ଧ



ଜଳେଶ୍ୱର, ୨୮।୭ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଦକ୍ଷିଣ ପ୍ରହରାଜ ଗ୍ରାମର ରାଜୀବଗାନ୍ଧୀ ସେବାକେନ୍ଦ୍ର ନିକଟରେ ଏକ ୩୦୦ ବର୍ଷର ପୁରୁଣା ବଟ ବୃକ୍ଷକୁ ଦୁର୍ବୃର୍ତ୍ତମାନେ କାଟିଦେଇଥିବା ଜଣାଯାଇଛି । ଏହି ବଟବୃକ୍ଷ ଛାଇରେ ଶହ ଶହ ବାଟୋଇ ଖରାବର୍ଷାରେ ଆଶ୍ରୟ ନେଉଥିବା ବେଳେ ଗାଁର ବହୁ ଉତ୍ସବ, ପୂଜା ଓ ମେଳା ଇତ୍ୟାଦି ହୋଇଥାଏ । ଗତ ଶନିବାର ଓ ରବିବାର ସଟ୍‌ଡାଉନ୍ ଥିବା ସତ୍ତ୍ୱେ ଏହି ପୁରୁଣା କାଳିଆ ଗଛକୁ ମେସିନ୍ ସାହାର୍ଯ୍ୟରେ କଟାଯାଇ ତାର ପ୍ରମାଣ ନ ରଖିବା ଲାଗି ମୂଳକୁ ଉପାଡି ଦେଇଥିଲେ । ଏହି ଗଛ ମୂଳରେ ଆଧ୍ୟାତ୍ମିକ ଶକ୍ତି ଥିବାର ବହୁ ପୁରୁଣା କାଳରୁ ଏକ ବିଶ୍ୱାସ ରହିଥିଲା । କାର୍ତ୍ତିକ ମାସରେ ଗ୍ରାମର ସମସ୍ତ ସ୍ତ୍ରୀଲୋକମାନେ ଜଳାଭିଷେକ କରିବା ସହିତ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି । ହେଲେ ଦୃର୍ବୃର୍ତ୍ତମାନେ ଏହାକୁ କାଟିଦେବା ଫଳରେ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ଅସନ୍ତୋଷ ଓ ଚାପା ଉତ୍ତେଜନା ଦେଖାଦେଇଛି । ପ୍ରକାଶଯୋଗ୍ୟ ଗାଁର ଜନୈକ ବ୍ୟକ୍ତି ଏହି ଘଟଣାରେ ସଂପୃକ୍ତ ଥିବାରୁ ଗଛକଟାହେବା ଦିନ ସେ ହଠାତ୍ ସଂଜ୍ଞାହୀନ ହୋଇଥିବା ବେଳେ ତହିଁ ପରଦିନ କଟକରେ ମୃତ୍ୟୁ ଘଟିଥିବା ନେଇ ବହୁକଥା ଶୁଣିବାକୁ ମିଳୁଛି । ଏ ସଂପର୍କରେ ଜଳେଶ୍ୱର ରେଞ୍ଜର ସରୋଜ କୁମାର ମହାନ୍ତିଙ୍କୁ ପଚାରିବାରୁ ଏପରି ଏକ ଅଭିଯୋଗ ଆସିଥିବାରୁ ଏହି କାଠ ପରିବହନ ବେଳେ ଜଂଗଲ ବିଭାଗ ସିଜ୍ କରିବାକୁ ପ୍ରସ୍ତୁତ ହୋଇ ରହିଛି । ଘଟଣା ସଂପର୍କରେ ଆର୍‌ଆଇ ଅଂଜନା ଟୁଡୁଙ୍କୁ ପଚାରିବାରୁ ଗଛ କଟାଘଟଣାକୁ ସ୍ୱୀକାର କରି ତାଙ୍କ ଠାରୁ କୌଣସି ଅନୁମତି ନେଇ ନ ଥିବାରୁ ସେ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି । ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡାଙ୍କୁ ଏସଂପର୍କରେ ପଚାରିବାରୁ ସେ ଗଛ କାଟିବାକୁ ଅନୁମତି ଦେଇ ନାହାନ୍ତି କିମ୍ବା ତାଙ୍କ ନିକଟରେ କୌଣସିସ ଲିଖିତ ଅଭିଯୋଗ ହୋଇନାହିଁ ବୋଲି କହିଥିଲେ । ତେଣୁ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଗ୍ରାମର ନାରାୟଣ ପ୍ରସାଦ ଜେନା, ଚିନ୍ମୟ ଚନ୍ଦ, ମୁକୁନ୍ଦ ରଂଜନ ଜେନା, ଜଗବାନ ଜେନା, କେଶବ ଦଉପ୍ରମୁଖ ଦାବି କରିଛନ୍ତି ।

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର, ୨୮ ଜୁଲାଇ - ଆଜି ଗଂଜାମ ଜିଲ୍ଲାରେ ୩୩୨ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୯୫୦୧ରେ ପହଂଚିଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୨୭୦, ବାଲେଶ୍ୱର ଜିଲ୍ଲାରେ ୮୮୫, ବରଗଡ ଜିଲ୍ଲାରେ ୩୮୫, ଭଦ୍ରକ ଜିଲ୍ଲାରେ ୫୪୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୩୭୪. ବୌଦ୍ଧ ଜିଲ୍ଲାରେ ୧୩୪, କଟକ ଜିଲ୍ଲାରେ ୧୮୮୫, ଦେବଗଡ ଜିଲ୍ଲାରେ ୮୨, ଢେଙ୍କାନାଳ ଜିଲ୍ଲାରେ ୨୦୦. ଗଜପତି ଜିଲ୍ଲାରେ ୧୧୪୫, ଜଗତସିଂହପୁର ଜିଲ୍ଲାରେ ୬୮୪ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୧୧୬୭, ଝାରସୁଗୁଡା ଜିଲ୍ଲାରେ ୨୯୧, କଳାହାଣ୍ଡି ଜିଲ୍ଲାରେ ୧୪୦, କନ୍ଧମାଳ ୪୫୨, କେନ୍ଦ୍ରାପଡା ଜିଲ୍ଲାରେ ୪୪୧, କେନ୍ଦୁଝର ଜିଲ୍ଲାରେ ୭୩୦, ଖୋର୍ଦ୍ଧା ଜିଲ୍ଲାରେ ୩୫୭୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୫୫୮, ମାଲକାନଗିରି ଜିଲ୍ଲାରେ ୪୪୦, ମୟୁରଭଂଜ ଜିଲ୍ଲାରେ ୬୦୩.

## କରୋନା ପରିଚାଳନାରେ ସଂପୂର୍ଣ୍ଣଭାବେ ବିଫଳ ହୋଇଛନ୍ତି ରାଜ୍ୟସରକାର :ବିଜେପି

ଭୁବନେଶ୍ୱର, ୨୮।୭ (ନି.ପ୍ର): କରୋନା ମହାମାରୀ ଦେଶ ସମେତ ସମସ୍ତ ରାଜ୍ୟରେ ତାର କାୟା ବିସ୍ତାର କରି ଚାଲିଛି । ଏଭଳି ସଙ୍କଟ ସମୟରେ ପ୍ରଥମ ଦିନରୁ ରାଜ୍ୟସରକାରଙ୍କ ପକ୍ଷରୁ ଓଡିଶା ମଡେଲ ବିଶ୍ୱର ଏକ ନମ୍ବର ମଡେଲ କହି ନିଜ ପିଠି ନିଜେ ଥାପୁଡାଇ ଚାଲିଛନ୍ତି । କିନ୍ତୁ ବାସ୍ତବ ଚିତ୍ର କିଛି ଅଲଗା କହୁଛି । ପ୍ରତିଦିନ କରୋନା ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ଜାତୀୟ ଗଣମାଧ୍ୟମ ଦ ଓପନ ଭିୟୁରେ ପ୍ରକାଶିତ ଖବର ଅନୁଯାୟୀ ଗତ କିଛି ଦିନତଳେ କେନ୍ଦ୍ରସରକାରଙ୍କ ପକ୍ଷରୁ ଏକ ଭର୍ଚୁଆଲ ମିଟିଙ୍ଗରେ କ୍ୟାବିନେଟ ସଚିବ କରୋନା ମ୍ୟାନେଜମେଂଟରେ ଖରାପ ସ୍ଥିତିରେ ଥିବା ରାଜ୍ୟଗୁଡିକର ମୁଖ୍ୟ ସଚିବମାନଙ୍କ ସହ ଆଲୋଚନା ହୋଇଥିଲା । ଏଥିରେ ଓଡିଶା ସାମିଲ ହୋଇଥିଲା ଏବଂ ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ସଚିବ ଏଥିରେ ସାମିଲ ଥିଲେ । କରୋନା ପରିଚଳାନାରେ ରାଜ୍ୟସରକାରଙ୍କ ତ୍ରୁଟି ଥିବାରୁ ଆଜି ଲୋକାଲ କେସ ବାହାରୁଛି ଏବଂ ପ୍ରତିଦିନ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି । ପ୍ରକାଶିତ ଖବର ଅନୁଯାୟୀ କେନ୍ଦ୍ର କ୍ୟାବିନେଟ ଦେଇଥିବା ନିର୍ଦ୍ଦେଶାନାମାକୁ ରାଜ୍ୟସରକାର ତୁରନ୍ତ ପାଳନ କରିବା ଦରକାର । ସର୍ବପ୍ରଥମେ ହାଇରିସ୍କ ଏରିଆରେ ଅଧିକା ଟେଷ୍ଟିଙ୍ଗ କରାଯାଉ । ୩ –ଟି ଟେଷ୍ଟ, ଟ୍ରାକ ଏବଂ ଟ୍ରିଟ ନିୟମକୁ ରାଜ୍ୟସରକାର ପାଳନ କରି କରୋନା ବିରୁଦ୍ଧରେ ଲଢେଇ କରନ୍ତୁ । ସେହିପରି ସଂକ୍ରମଣ ବଢୁଥିବା ସ୍ଥାନରେ କଂଟେନମେଂଟ ଜୋନ ଏବଂ ବଫର ଜୋନ କରି ସଂକ୍ରମିତ ରୋଗୀଙ୍କୁ ଅଧିକ ରୁ ଅଧିକ ଟେଷ୍ଟିଙ୍ଗ କରିବା ଉପରେ ଗୁରୁତ୍ୱ ଦେବା ଦରକାର । ଏହା ସହ କରୋନା ପାଇଁ ସ୍ୱତନ୍ତ୍ର ଡେଡିକେଟେଡ ହସ୍ପିଟାଲ ଏବଂ ସେଗୁଡିକର ଭିତିଭୂମି ପ୍ରସ୍ତୁତ କରି ଲୋକମାନଙ୍କୁ ଉନ୍ନତ ଚିକିତ୍ସା ଯୋଗାଇଦେବାର ଆବଶ୍ୟକତା ରହିଛି । ▶▶ପୃଷ୍ଠା ୭

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo